RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-222 BHUBANESWAR TUESDAY 6 FEBRUARY 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୨୨୨ ଭୁବନେଶ୍ୱର ମଙ୍ଗଳବାର ୬ ଫେବୃଆରୀ ୨୦୨୪ ପୃଷ୍ଠା-୧୬ ଟ.୬.୦୦




'ନୋ ଏଣ୍ଟ୍ରି' ସିକ୍ୱେଲରେ ଦେଖାଯିବେନି ସଲମାନ୍

ପୃଷ୍ଠା ୧୩ ଦେଖନ୍ତୁ...


DSPL-625

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

ଜନତା ମଇଦାନ, ଭୁବନେଶ୍ୱର

## ଓଡ଼ିଶା ପରିବାରର ସାଢ଼େ ଚାରି କୋଟି ଲୋକଙ୍କ ସାମୂହିକ ପରିଚୟ

## ଓଡ଼ିଆ: ଆମର ଗର୍ବ ଓ ଗୌରବ







ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଦର୍ଶନୀ ଏବେ ୮ ତାରିଖ ପର୍ଯ୍ୟନ୍ତ
ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି
ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର
ସମୟ: ସକାଳ ୧୦ ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ

www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-15001/13/0334/2324

### ସୋଆରେ 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିମର୍ଶ' ଉତ୍ସବ ଉଦ୍‌ଯାପିତ

# ସାମାଜିକ ଗଣମାଧ୍ୟମ ସାମ୍ପ୍ରତିକ ସମୟର ସବୁଠୁ ବଡ଼ ଆହ୍ୱାନ: ପାଣ୍ଡିଆନ

**ସାହିତ୍ୟ ମାଧ୍ୟମରେ ସମାଜର ବୈପ୍ଳବିକ ପରିବର୍ତ୍ତନ ହୋଇପାରିଛି**

**ପରିବର୍ତ୍ତନର ପ୍ରବାହମାନ ଧାରାରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି**

**ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ନିସର୍ତ୍ତ ଭାବେ ସାକାର କରୁଛନ୍ତି ପାଣ୍ଡିଆନ୍: ବିଭୂତି**





ଭୁବନେଶ୍ୱର, ୫ ।୨(ସମିସ):

ସାହିତ୍ୟ ହେଉଛି ସମାଜର ଦର୍ପଣ। ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି ଓ ନକରାତ୍ମକ ଘଟଣାମାନ ବିଭିନ୍ନ ମାଧ୍ୟମରେ ସର୍ବସମ୍ମୁଖକୁ ଆସେ। ଯେଉଁଠି, ଯେବେ ବି ଯାହା ବ୍ୟାପକ ପରିବର୍ତ୍ତନ ହୋଇଛି, ତାହା କେବଳ ସାହିତ୍ୟ ମାଧ୍ୟମରେ ହିଁ ସମ୍ଭବ ହୋଇଥିବା ଇତିହାସରେ ଉଲ୍ଲେଖ ରହିଛି। ଇରାନ, ଫ୍ରାନ୍ସ ଆଦି ପ୍ରମୁଖ ଦେଶ ଏହାର ଜ୍ୱଳନ୍ତ ଉଦାହରଣ। ଏବେ ସମାଜର ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି 'ସାମାଜିକ ଗଣମାଧ୍ୟମ'। ଏହାର ଭଲ ଓ ମନ୍ଦ ଦିଗ ଉପରେ ସାହିତ୍ୟିକମାନେ ଲେଖନୀ ଚାଳନା କଲେ, ଏହା ଲୋକଙ୍କ ହୃଦୟକୁ ଛୁଇଁବ ବୋଲି ଶିକ୍ଷା ଓ ଅନୁସନ୍ଧାନ(ସୋଆ)ରେ ଅନୁଷ୍ଠିତ 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିମର୍ଶ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ସୋଆ କୁଳପତି ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବା ସହ ମହିଳା ସଶକ୍ତୀକରଣ ହେବା ଭଳି କ୍ଷେତ୍ରରେ ସାହିତ୍ୟିକମାନେ ସ୍ୱର ଉତ୍ତୋଳନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ପ୍ରିୟ ଲେଖକ ହେଉଛନ୍ତି ବ୍ୟାସକବି ଫକୀର ମୋହନ ସେନାପତି। ତାଙ୍କର ଅନନ୍ୟ କୃତୀ 'ରେବତୀ' ମୁଖ୍ୟମନ୍ତ୍ରୀଙ୍କ ସବୁଠୁ ପସନ୍ଦଯୋଗ୍ୟ କାହାଣୀ। ତାହା କେବଳ ଏକ ସୁନ୍ଦର ବହି ନୁହେଁ, ନାରୀ ଶିକ୍ଷା, ମହିଳା ସଶକ୍ତୀକରଣ ଓ ଅନ୍ଧବିଶ୍ୱାସକୁ ବିରୋଧ କରିବା ଘଟଣା ସହ ସମୟସ୍ରୋତରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇ ପାରୁଥିବା ବଳିଷ୍ଠ କାହାଣୀ ହେଉଛି ସେହି ପୁସ୍ତକ। ନାରୀ କବି କୁନ୍ତଳା କୁମାରୀ ସାବତ, ପ୍ରତିଭା ରାୟ ପ୍ରମୁଖ ଯେଉଁ ଭଳି ଭାବେ ନାରୀ ଅତ୍ୟାଚାରକୁ ଦୃଢ଼ ବିରୋଧ କରି ଲୋକଙ୍କ ସାମ୍ନାକୁ ଆଣିଛନ୍ତି ତାହା ଚିରସ୍ମରଣୀୟ। ସେହିଭଳି ଗୋପୀନାଥ ମହାନ୍ତି ଓଡ଼ିଶାର ଜନଜାତିମାନଙ୍କ ଜୀବନଶୈଳୀକୁ ସର୍ବସମ୍ମୁଖକୁ ଆଣି ପାରିଛନ୍ତି। ପରିବର୍ତ୍ତନର ପ୍ରବାହମାନ ଧାରାରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। ସମାଜ ଏବେ ଏକ ବିକାଶଶୀଳ ଧାରାରେ ଅଛି। ନାରୀ ସଶକ୍ତିକରଣରେ ସାରା ଦୁନିଆ ଆଗରେ ଚାଲିଛି। ନାରୀଶିକ୍ଷା, ଦାରିଦ୍ର୍ୟରେ ବି ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ଏଭଳିସ୍ତରରେ ସାହିତ୍ୟିକମାନେ ନିଜ ପ୍ରସଙ୍ଗ ବଦଳାଇବାର ବେଳ ଆସିଛି। ଏହାସହ ବର୍ତ୍ତମାନ ଆମ ସାମାଜିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି। ଶହେ, ଦୁଇଶହ ପୂର୍ବେ ଯାହା ଥିଲା, ତାହା ଏବେ ପରିବର୍ତ୍ତନ ହେଉଛି। ଏହା ଭଲ କିମ୍ବା ମନ୍ଦ ଏହା ଉପରେ ସାହିତ୍ୟିକମାନେ ସର୍ଜନା କରି ସର୍ବସମ୍ମୁଖକୁ ଆଣିବା ଦରକାର। ସେହିଭଳି ଅତୀତରେ ନିଶା ସେବନ କେମିତି ଥିଲା, ବର୍ତ୍ତମାନ ତାହାର ସ୍ଥିତି କ'ଣ ଅଛି। ଏଥିସହ ଭାରତବର୍ଷ ଆଜି ଏକ ବିକାଶମୁଖୀ ଦିଗରେ ଗତି କରୁଛି। ଏସବୁର ମୂଳରେ ରହିଛି ଭାରତବର୍ଷର ପାରିବାରିକ ଏକତା। ତାହା ଏବେ ବଜାୟ ରହୁଛି ନା ସମୟ ସହ ତାଳ ଦେଇ ବଦଳୁଛି। ଏଥିପାଇଁ ରାଜନେତା, ପ୍ରଶାସକ, ଆଇଟି ବିଶେଷଜ୍ଞମାନେ ଚିନ୍ତା କରିପାରିବେନି। ସାହିତ୍ୟିକମାନେ ହିଁ ଏହା ଉପରେ ଚିନ୍ତା କରିବା ଜରୁରୀ। ନଚେତ ୫୦ବର୍ଷ ପରେ ଭାରତର ପାରିବାରିକ ଏକତା ବଦଳି ଆମେରିକା, ଇଂଲଣ୍ଡ ପରି ପାଶ୍ଚାତ୍ୟ ଦେଶର ସଭ୍ୟତାକୁ ଆପଣାଇ ନେଇଥିବ ବୋଲି ସେ କହିଛନ୍ତି। ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ କରିବା ପଛରେ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଏଥିପାଇଁ ଯାହା ଆବଶ୍ୟକ ପଡ଼ିବ, ମୁଖ୍ୟମନ୍ତ୍ରୀ ତାହା ପୂରଣ କରିବେ। ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯାହା ବି ପରାମର୍ଶ ଆସିବ ତାହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ 'ସୋଆ' ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀ ପାଣ୍ଡିଆନ୍ ତାଙ୍କୁ ତାମ୍ରଫଳକ, ଉପଢୌକନ ସହ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନ ଗ୍ରହଣ ପୂର୍ବକ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ବାସ୍ତବାୟିତ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ନିସର୍ତ୍ତ ଭାବେ କାର୍ଯ୍ୟ କରୁଛନ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ। ଏହାକୁ ସାର୍ଥକ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ଅହରହ ଉଦ୍ୟମ କରୁଛନ୍ତି। ଓଡ଼ିଆ ଭାଷାକୁ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପହଞ୍ଚାଇବା ପାଇଁ ଏହି ତିନି ଦିନ ଧରି ବିପୁଳ ସାଚେତନତା ସୃଷ୍ଟି କରାଯାଇଛି। ଏହି ସଚେତନତାକୁ ପ୍ରକୃତରେ ରୂପାନ୍ତରିତ କରିବାକୁ ହେଲେ ଓଡ଼ିଆ ଭାଷାର ରୂପାନ୍ତରଣର ଏହି ପ୍ରଥମ ପର୍ବକୁ ଆଗକୁ ନେବାର ଆବଶ୍ୟକତା ରହିଛି। ଓଡ଼ିଆ ଭାଷା, ମାନକ ଭାଷା, ଆଞ୍ଚଳିକ ଭାଷାକୁ ଏକତ୍ର କରି ଏକ ଶବ୍ଦ ଭଣ୍ଡାର ପ୍ରସ୍ତୁତ କରାଯାଉ। ଏହାକୁ ବିନିଯୋଗ କରି ଓଡ଼ିଶାର କବି, ଲେଖକ ଓ ସାହିତ୍ୟିକମାନେ ବ୍ୟବହାର କରି ଲେଖାଲେଖି କରନ୍ତୁ। ତେବେ ଯାଇ ଏହା ସମଗ୍ର ଓଡ଼ିଶାବାସୀଙ୍କ ହୃଦୟକୁ ସ୍ପର୍ଶ କରିପାରିବ। କାର୍ଯ୍ୟକ୍ରମରେ 'ପ୍ରାଚୀନ'ର ମୁଖ୍ୟ ତଥା କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ 'ସୋଆ'ର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ. ମନୋଜ ରଞ୍ଜନ ନାୟକ ଶ୍ରୀ ପାଣ୍ଡିଆନ୍‌ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

**'ସଂସ୍କୃତି ଏବଂ ଐତିହ୍ୟ: ରାଜ୍ୟର କୋମଳ ଶକ୍ତି' ଶୀର୍ଷକ ଆଲୋଚନା**

## କୋମଳ ଶକ୍ତି ଆଧାରରେ ଅର୍ଥନୀତିକୁ ସମୃଦ୍ଧ କରାଯାଇପାରିବ



ଭୁବନେଶ୍ୱର, ୫।୨ (ସମିସ): ଓଡ଼ିଶାର ସାଂସ୍କୃତିକ ବିଭବ, କଳା, ଭାସ୍କର୍ଯ୍ୟ, ମନ୍ଦିର ଓ କୀର୍ତ୍ତିରାଜି, ନୃତ୍ୟ-ସଙ୍ଗୀତ, ହସ୍ତଶିଳ୍ପ ଏବଂ ସ୍ୱଦେଶୀ କ୍ରୀଡ଼ାକୌଶଳ ଇତ୍ୟାଦି ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ସମୃଦ୍ଧ ଉପାଦାନ। ପ୍ରତ୍ୟେକ ଓଡ଼ିଆ ନିଜର ମୂଲ୍ୟ ଓ ସାଂସ୍କୃତିକ ଅଭିବ୍ୟକ୍ତି ବଳରେ ଓଡ଼ିଶାକୁ ସମୃଦ୍ଧ କରିପାରିବେ। ଗ୍ରହଣଶୀଳତା ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ର। ଓଡ଼ିଶାର କୋମଳ ଶକ୍ତି ଆଧାରରେ ଅର୍ଥନୀତିକୁ ସମୃଦ୍ଧ କରାଯାଇପାରିବ ବୋଲି ଅତିଥିମାନେ ଉଲ୍ଲେଖ କରିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରକୋଷ୍ଠରେ ଆୟୋଜିତ ଅଧିବେଶନରେ 'ସଂସ୍କୃତି ଏବଂ ଐତିହ୍ୟ: ରାଜ୍ୟର କୋମଳ ଶକ୍ତି' ପ୍ରସଙ୍ଗ ଉପରେ ବକ୍ତାମାନେ ଆଲୋଚନା କରିଥିଲେ।

ଆଲୋଚନାରେ ଖ୍ୟାତିସମ୍ପନ୍ନ ହକି କ୍ରୀଡ଼ାବିତ୍ ତଥା ହକି ଇଣ୍ଡିଆର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓଡ଼ିଶାରେ କ୍ରୀଡ଼ା ପରିବେଶର ଭୂୟସୀ ପ୍ରଶଂସା କରି କହିଲେ ଯେ, ଆମ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଓ କୋଚିଂର ବିକାଶ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆକୃଷ୍ଟ କରିଛି। ଓଡ଼ିଶାର ଯୁବପିଢ଼ି କ୍ରୀଡ଼ାକୁ ଲକ୍ଷ୍ୟ ଭାବରେ ଗ୍ରହଣ କରିବା ସହିତ ଓଡ଼ିଶାର ପରିଚୟକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଟୁଟୁ ପଟ୍ଟନାୟକ ଓଡ଼ିଶାର ସ୍ଥାପତ୍ୟ ଅତୁଳନୀୟ ବୋଲି କହିବା ସହ ଓଡ଼ିଆ ସଂସ୍କୃତିର ଗ୍ରହଣଶୀଳତା ଯୋଗୁଁ ସାମାଜିକ-ଧାର୍ମିକ-ସାଂସ୍କୃତିକ ଉପାଦାନଗୁଡ଼ିକ ଆମ ଜୀବନଧାରାକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ଜାଭିୟର୍ ବିଶ୍ୱବିଦ୍ୟାଳୟର ଡିନ୍ ଡ. କାଜ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଓଡ଼ିଶୀ ସ୍ଥାପତ୍ୟର ବିବିଧତାରେ ନିରନ୍ତରତା ଓ ସ୍ୱତନ୍ତ୍ର ପରିଚିତି ନିହିତ ରହିଥିବା ଦର୍ଶାଇଥିଲେ। ମନ୍ଦିର ତଥା କୀର୍ତ୍ତିରାଜିଗୁଡ଼ିକର ଅକୁହା ଭାଷା ଆମ ସଂସ୍କୃତିର ବାର୍ତ୍ତାବହ ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଗବେଷକ, ସମ୍ପାଦକ ଓ ସଂଗଠକ ଚାରୁଦତ୍ତ ପାଣିଗ୍ରାହୀ ଆମର ସଂସ୍କୃତି, ଭାଷା ଓ ହୃଦୟବତ୍ତା ହିଁ ଆମର କୋମଳ ଶକ୍ତି ବୋଲି କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଓଡ଼ିଶୀ ନୃତ୍ୟଗୁରୁ, ଗବେଷିକା ତଥା ଲେଖିକା ପଦ୍ମଶ୍ରୀ ଇଲିଆନା ସିତାରିସ୍ତି ଓଡ଼ିଶାର ଭାଷା ଓ ସଂସ୍କୃତି ରାଜ୍ୟ ବାହାର ଓ ବିଦେଶର ଲୋକଙ୍କୁ ଆକୃଷ୍ଟ କରିପାରିଛି ବୋଲି ପ୍ରକାଶ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ଜୀବନଶୈଳୀକୁ ସବୁବେଳେ ପ୍ରଭାବିତ କରିଆସିଛି ବୋଲି ସେ କହିଥିଲେ। ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପିକା ଡ. କନକଲତା ମହାପାତ୍ର ସଂଯୋଜନା କରିଥିବା ବେଳେ ତୁଳସୀପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସନ୍ଦୀପା ଶୁଭଦର୍ଶିନୀ ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଅତିଥି ବକ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ଭାଷା ହେଉଛି ଆଦିମ ଜନଜାତିଙ୍କ ଆବିଷ୍କାର**

## ଆଦିବାସୀ ସମ୍ପ୍ରଦାୟଙ୍କ ସବୁଠୁ ବଡ଼ ଆଶ୍ରୟ ନୃତ୍ୟ ଓ ସଙ୍ଗୀତ



ଭୁବନେଶ୍ୱର, ୫।୨(ସମିସ):

ସୋଆରେ ଅନୁଷ୍ଠିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିନ ଅନୁଷ୍ଠିତ ହୋଇଯାଇଛି। ଏହାର ପଞ୍ଚମ ଅଧିବେଶନର ମୁଖ୍ୟ ବିଷୟ ଥିଲା ଓଡ଼ିଆ ଜନଜାତି ସଂସ୍କୃତି ବିମର୍ଶ। ଏଥିରେ ଅଧ୍ୟକ୍ଷଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇଥିବା ବେଳେ ଆଲୋଚକଭାବେ ପରମେଶ୍ୱର ମୁଣ୍ଡ, ପ୍ରୀତିଧାରା ସାମଲ ଓ ରାଜେନ୍ଦ୍ର କୁମାର ପାଢ଼ୀ ଯୋଗ ଦେଇଥିଲେ। ଏଥିରେ ଆଲୋଚକ ପ୍ରୀତିଧାରା ସାମଲ ଜନଜାତିଙ୍କ ନାଚ ଓ ଗୀତ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ବିଶେଷକରି କୋରପୁଟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଉପରେ କରିଥିବା ଗବେଷଣା ସମ୍ବନ୍ଧରେ କହିଥିଲେ। କିପରି ସେମାନଙ୍କ ବାହାଘର, ଜାନିଯାତ୍ରା, ନୃତ୍ୟ, ସଙ୍ଗୀତଠୁ ଆରମ୍ଭକରି ମୃତ୍ୟୁଯାତ୍ରା ରହିଛି ସେ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଆଦିବାସୀ ସମ୍ପ୍ରଦାୟଙ୍କ ସବୁଠୁ ବଡ଼ ଆଶ୍ରୟ ହେଉଛି ତାଙ୍କ ନୃତ୍ୟ ଓ ସଙ୍ଗୀତ। ସେମାନଙ୍କୁ ନୃତ୍ୟ ଓ ଗୀତ ବିନା ପରିକଳ୍ପନା କରି ହୁଏନି ବୋଲି ସେ କହିଛନ୍ତି। ଅନ୍ୟ ଆଦିବାସୀ ନୃତ୍ୟ ଅପେକ୍ଷା ଢେମ୍‌ସା ନୃତ୍ୟ ଏବେ ବେଶୀ ଟ୍ରେଣ୍ଡରେ ଚାଲିଥିବାର ଦେଖିବାକୁ ମିଳିଛି। ଏହା ଆଦିବାସୀମାନଙ୍କ ବହୁତ ପ୍ରିୟ ଏବଂ ପ୍ରାଚୀନ ନାଚ ବୋଲି ସେ କହଛନ୍ତି। ଅନ୍ୟ ଆଲୋଚକ ତଥା ଗବେଷକ ରାଜେନ୍ଦ୍ର କୁମାର ପାଢ଼ୀ ଜନଜାତିଙ୍କ ଭାଷାରେ ତଥ୍ୟ ଉପସ୍ଥାପନା କରିଥିଲେ। ଏନେଇ ସେ କହିଥିଲେ ଭାଷାକୁ ଆମେ ଭାବ ବିନିମୟର ମାଧ୍ୟମ ବୋଲି ଜାଣୁ କିନ୍ତୁ ଗୋଟେ ଭାଷା ଯଦି ଲୋପ ପାଇବ ତ ଗୋଟେ ଗୋଷ୍ଠୀ ବା ଜାତି ବି ମରିଯିବ।

ସେହିପରି ଭାଷା ହେଉଛି ଆଦିମ ଜନଜାତିଙ୍କ ଆବିଷ୍କାର ଏବଂ ଭାଷା ହେଉଛି ପ୍ରାଚୀନ। ଓଡ଼ିଶା ହେଉଛି ବହୁ ଭାଷିକ ରାଜ୍ୟ। ଯେଉଁଠି ବହୁ ଜାତି, ଜନଜାତି ସମ୍ମିଳିତ ହୋଇ ରହିଛନ୍ତି। ସେଥିମଧ୍ୟରୁ ୧୩ଟି ଜନଜାତି ସର୍ବ ପୁରାତନ ବୋଲି ଗବେଷଣାରୁ ଜଣା ପଡ଼ିଛି। ଏହା ସହିତ ସେ ଭାଷାମାନଙ୍କ ସଙ୍କେତ ସମ୍ବନ୍ଧରେ ମଧ୍ୟ ସୂଚନା ଦେଇଥିଲେ। ପରବର୍ତ୍ତୀ ଆଲୋଚକ ପରମେଶ୍ୱର ମୁଣ୍ଡ ଜନଜାତିଙ୍କ କଥା ଓ ଗାଥା ବିଷୟରେ ବର୍ଣ୍ଣନା କରିଥିଲେ। ଶେଷରେ ଅଧ୍ୟକ୍ଷ ସବିତା ପ୍ରଧାନ ଏହି ଅଧିବେଶନର ମୁଖ୍ୟ ବିଷୟ ସବୁ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଭାଷା ବିପନ୍ନ ହେଲେ ସଂସ୍କୃତି ରହିବ ନାହିଁ କି ସଂସ୍କୃତି ବିପନ୍ନ ହେଲେ ଭାଷା ବି ରହିବ ନାହିଁ। ସେହିଭଳି ବର୍ତ୍ତମାନ ସ୍ଥିତି ଉପରେ ସେ କହିଥିଲେ ଯେତେବେଳେ ଧର୍ମ ବଦଳି ଯିବ ସଂସ୍କୃତି ବି ଆଉ ରହିବ ନାହିଁ। ଏହାର ପରବର୍ତ୍ତୀ ଅଧିବେଶନରେ ମୁଖ୍ୟ ବିଷୟ ଥିଲା ଓଡିଆ ଭାଷା ବିମର୍ଶ ଯେଉଁଥିରେ ଗୋପବନ୍ଧୁ ମହାନ୍ତି ଅଧ୍ୟକ୍ଷତା କରୁଥିବା ବେଳେ ଗବେଷକ ସନ୍ତୋଷ କୁମାର ରଥ, ହରପ୍ରସାଦ ମିଶ୍ର ଓ ଗୌରାଙ୍ଗ ଚରଣ ଦାଶ ଆଲୋଚକ ଭାବେ ଯୋଗଦେଇଥିଲେ। ସେହିପରି ଏହାର ସପ୍ତମ ଅଧିବେଶନର ମୁଖ୍ୟବିଷୟ ଥିଲା ଓଡ଼ିଆ ସଂସ୍କୃତି ବିମର୍ଶ। ଯେଉଁଥିରେ ଶୈଳଜ ରବି ଅଧ୍ୟକ୍ଷତା କରିଥିଲାବେଳେ ଆଲୋଚକଭାବେ ଅନନ୍ତ କୁମାର ଗିରି, ସୁଧା ମିଶ୍ର, ପ୍ରଦୀପ କୁମାର ପଟ୍ଟନାୟକ ଓ ବିଜୟ ପ୍ରଧାନ ଯୋଗ ଦେଇଥିଲେ।

**ଘଣ୍ଟାଏକ ମଧ୍ୟରେ ସର୍ବାଧିକ ହାତଲେଖା ଫେସବୁକ୍‌ରେ ଅପଲୋଡ୍ ରେକର୍ଡ**

## ମୁଖ୍ୟମନ୍ତ୍ରୀଙ୍କୁ ଗିନିଜ୍ ବୁକ ରେକର୍ଡର ଫଳକ ପ୍ରଦାନ କଲେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୫ ।୨(ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରାଜ୍ୟର ସରକାରୀ ଉଚ୍ଚବିଦ୍ୟାଳୟମାନେ ସୃଷ୍ଟି କରିଛନ୍ତି ଏକ ଅନନ୍ୟ ରେକର୍ଡ଼। ଘଣ୍ଟାକ ମଧ୍ୟରେ ଛାତ୍ରଛାତ୍ରୀମାନେ ସର୍ବାଧିକ ହାତଲେଖା ଫେସବୁକ୍‌ରେ ଅପଲୋଡ଼ କରି ବିରଳ ରେକର୍ଡ଼ ହାସଲ କରିଛନ୍ତି। ଗିନିଜ୍ ବୁକ୍ ଅଫ୍ ରେକର୍ଡ଼ରେ ଏହି ସଫଳତାକୁ ସ୍ଥାନ ମିଳିଛି। ହାସଲ କରିଥିବା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ଼ ରେକର୍ଡ଼କୁ ଛାତ୍ରଛାତ୍ରୀମାନେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଅର୍ପଣ କରିଛନ୍ତି।

ସୋମବାର ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ବିଦ୍ୟାଳୟସ୍ତରରେ ହୋଇଥିବା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଲିଖିତ ହସ୍ତଲେଖା ପୁସ୍ତକ 'ମୋ କଥା, ମୋ କାହାଣୀ' ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହା ସହ ଛାତ୍ରଛାତ୍ରୀମାନେ ଗିନିଜ୍ ବୁକ୍ ରେକର୍ଡ଼ର ଫଳକକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଏହି ରେକର୍ଡ ପାଇଁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ପଚାରି ବୁଝିଛନ୍ତି। ଭବିଷ୍ୟତରେ ନିଜକୁ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଛାତ୍ରଛାତ୍ରୀଙ୍କୁ ଉପହାର ଦେଇ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଛନ୍ତି।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷା ଏବଂ ସାହିତ୍ୟ ରଚନା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ 'ମୋ କଥା ମୋ କାହାଣୀ' ପୁସ୍ତକ ମାଧ୍ୟମରେ ଗଳ୍ପ ଏବଂ କବିତା ଲେଖିଥିଲେ। ଗତ ଶୁକ୍ରବାର ଏହି ପୁସ୍ତକର ହସ୍ତଲିଖିତ ତଥ୍ୟକୁ ସାମାଜିକ ଗଣମାଧ୍ୟମ ଫେସବୁକରେ ଘଣ୍ଟାଏ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ଅପଲୋଡ କରି ଓଡ଼ିଶାର ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗିନିଜ ରେକର୍ଡ ସୃଷ୍ଟି କରିଛନ୍ତି। ଗିନିଜ ବୁକ୍ ସଂସ୍ଥାର ବରିଷ୍ଠ ବିଚାରପତି ସ୍ୱପ୍ନିଲ୍ ଡଙ୍ଗରିକର୍ ଛାତ୍ରଛାତ୍ରୀମାନଙ୍କୁ ଏହି ରେକର୍ଡର ମାନ୍ୟତା ପ୍ରଦାନ କରିବା ସହ ଫଳକ ମାଧ୍ୟମରେ ସମ୍ମାନିତ କରିଥିଲେ। ଯାହାକୁ ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ 'ମୋ ସ୍କୁଲ'ର ଅଧ୍ୟକ୍ଷା ସୁସ୍ମିତା ବାଗଚୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଅଶ୍ୱଥୀ ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।



ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରମାନେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଠାରୁ ଟ୍ରଫି ଗ୍ରହଣ କରୁଛନ୍ତି। ପାଖରେ କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ଉପସ୍ଥିତ ଅଛନ୍ତି।

# ଶଙ୍କର ମହାଦେବନ-ଜାକିର ହୁସେନଙ୍କ ବ୍ୟାଣ୍ଡକୁ 'ଗ୍ରାମି'



**ଲସ୍ ଏଞ୍ଜେଲ୍ସ, ୫।୨ (ଏଜେନ୍ସି):** ଭାରତୀୟ ଗାୟକ ଶଙ୍କର ମହାଦେବନ ଏବଂ ତବଲା ବାଦକ ଜାକିର ହୁସେନ ବହୁ ଚର୍ଚ୍ଚିତ ଗ୍ରାମି ପୁରସ୍କାର ଜିତିଛନ୍ତି। ଜାକିର ତିନୋଟି ଶ୍ରେଣୀରେ ଏହି ପୁରସ୍କାର ନିଜ ନାମରେ କରିଛନ୍ତି। ସେହିପରି ଶଙ୍କର ମହାଦେବନଙ୍କୁ ନିଜ ବ୍ୟାଣ୍ଡ 'ଶକ୍ତି'ର ଆଲ୍‌ବମ 'ଦିଶ ମୋମେଣ୍ଟ' ପାଇଁ ବେଷ୍ଟ ଗ୍ଲୋବାଲ ମ୍ୟୁଜିକ ଆଲ୍‌ବମ୍ ଶ୍ରେଣୀରେ ଗ୍ରାମି ପୁରସ୍କାର ମିଳିଛି। ଏହି ଆଲ୍‌ବମ୍‌ରେ ମୋଟ ୮ଟି ଗୀତ ରହିଛି। ଏହି ବ୍ୟାଣ୍ଡରେ ଶଙ୍କର ମହାଦେବନ, ଜାକିର ହୁସେନ, ଭି ସେଲ୍‌ଭାଗଣେଶ ଏବଂ ଗଣେଶ ରାଜଗୋପାଳନଙ୍କ ଭଳି କଳାକାର କାମ କରୁଛନ୍ତି। ଏହି ବ୍ୟାଣ୍ଡ ବ୍ୟତୀତ ବଂଶୀ ବାଦକ ରାକେଶ ଚୌରାସିଆ ୨ଟି ଗ୍ରାମି ପୁରସ୍କାର ହାତେଇଛନ୍ତି। ଏହି ଭଳି ଭାବେ ମୋଟ ୫ ଜଣ ଭାରତୀୟଙ୍କୁ ୬୬ତମ ଗ୍ରାମି ପୁରସ୍କାର ମିଳିଛି। ଏହି ଉତ୍ସବରେ ଜାକିର 'ପସ୍ତୋ' ପାଇଁ 'ବେଷ୍ଟ ଗ୍ଲୋବାଲ ମ୍ୟୁଜିକ ପରଫରମାନ୍ସ' ଶ୍ରେଣୀରେ ରାକେଶ ଚୌରାସିଆଙ୍କ ସହ ଗ୍ରାମି ଜିତିଛନ୍ତି। ଏହା ବ୍ୟତୀତ 'ଦିଶ ମୋମେଣ୍ଟ' ପାଇଁ ବେଷ୍ଟ ଗ୍ଲୋବାଲ ▸ପୃଷ୍ଠା-୧୪


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-222 ♦BHUBANESWAR ♦TUESDAY ♦6 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୨ ♦ଭୁବନେଶ୍ୱର ♦ମଙ୍ଗଳବାର ♦୬ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







**ବିଶ୍ୱ ଓଡ଼ିଆ ଭାଷା ମହାକୁମ୍ଭ ଉଦ୍‌ଯାପିତ**

# ଅଭୂତପୂର୍ବ, ଅବିସ୍ମରଣୀୟ

## ଯୁଗ ଯୁଗ ଧରି ଓଡ଼ିଆ ଭାଷା ଆମ ଜାତିକୁ ପରିଚୟ ଦେଇଛି। ଏବେ ଓଡ଼ିଆ ଭାଷା ଆମ ଯୁବ ପିଢ଼ିର ଭାଷା ହେଉ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୨(ସମିସ):** ରାଜ୍ୟରେ ଶେଷ ହୋଇଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ସ୍ଥାନୀୟ ଜନତା ମଇଦାନ ସହ ରେଭେନ୍ସା, ସୋଆ, ଓ କିଟ୍ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଅବିସ୍ମରଣୀୟ

- ଓଡ଼ିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାକୁ ଆହ୍ୱାନ
- ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ସମ୍ମିଳନୀ ନିଷ୍କର୍ଷର ନୀତିଗତ ନିଷ୍ପତ୍ତି
- ପ୍ରତି ୫ ବର୍ଷରେ ରାଜ୍ୟରେ ଆୟୋଜିତ ହେବ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ
- ବୈଷୟିକ ଜ୍ଞାନକୌଶଳ ସହିତ ଓଡ଼ିଆ ଭାଷାର ସମନ୍ୱୟ ଉପରେ ଗୁରୁତ୍ୱାରୋପ
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩ ପୁସ୍ତକ ଉନ୍ମୋଚିତ, ମ୍ୟୁଜିୟମ୍‌ର ଅବଧି ୩ ଦିନ ବୃଦ୍ଧି

ଏହି ଭାଷା ସମ୍ମିଳନୀକୁ ମିଳିଛି ଅଭୂତପୂର୍ବ ସଫଳତା। ତିନିଦିନ ଧରି ଭାଷାବିତ୍, ଭାଷା ବିଦ୍ୱାନ, ବିଶେଷଜ୍ଞ ଓ ସାହିତ୍ୟର ମହାରଥୀମାନଙ୍କ ଦ୍ୱାରା ଭାଷା ମନ୍ଥନରୁ ନିର୍ଗତ ନିର୍ଯାସ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ ପାଇଁ ଯଥେଷ୍ଟ ଉପଯୋଗୀ ହେବ ବୋଲି



ଆଶା କରାଯାଉଛି। ଓଡ଼ିଆଭାଷାକୁ ବିଶ୍ୱ ପ୍ରସାରୀ କରିବା ଏବଂ ଏହାର ଶାସ୍ତ୍ରୀୟ ଗାରିମାକୁ ନଭଶ୍ଚୁମ୍ବୀ କରାଯିବା ନିମନ୍ତେ ଭାଷା ସମ୍ମିଳନୀରେ ମିଳିଥିବା ପ୍ରସ୍ତାବଗୁଡ଼ିକୁ ସମ୍ମିଳିତ କରି ସରକାର ନୀତିଗତ ନିଷ୍ପତ୍ତି ନେବେ ଏବଂ ଚଳିତ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି।

ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାକୁ ରୁଦ୍ଧିମନ୍ତ କରିବା ଦିଗରେ ଏହି ସମ୍ମିଳନୀ ବେଶ୍ ସଫଳ ହେବ ବୋଲି ଆଶାପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁଗ ଯୁଗ ଧରି ଓଡ଼ିଆ ଭାଷା, ଆମ ଜାତିର ପରିଚୟକୁ ଆଗକୁ ନେଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମର ଭାଷା ଇତିହାସରେ ସବୁଦିନ ପାଇଁ ଏକ ମାଇଲଖୁଣ୍ଟ ହୋଇ ରହିବ। ଏହି ଧାରା ଭବିଷ୍ୟତରେ ମଧ୍ୟ ବଜାୟ ରହିବ ଏବଂ ପ୍ରତି ୫ ବର୍ଷରେ ଥରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେବ। ଏହା ସହ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିଥିବା ଛାତ୍ରଛାତ୍ରୀ, ଯୁବ ସମାଜ, ଲେଖକ, ଗବେଷକ, ସାହିତ୍ୟିକ, କବି ପ୍ରତ୍ୟେକ ଓଡ଼ିଆଙ୍କୁ ହୃଦୟରୁ ଧନ୍ୟବାଦ ଅର୍ପଣ କରିବା ସହ ୫ ବର୍ଷ ପରେ ଆମେ ପୁଣି ଏକାଠି ହୋଇ ଓଡ଼ିଆ ଭାଷାକୁ ଆହୁରି ଆଗକୁ ନେବା ପାଇଁ ମତ ବିନିମୟ କରିବା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ସେ ପୁଣି କହିଛନ୍ତି ଯେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ତିନି ଦିନ ଧରି ଆମ ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଏଥିରେ ବହୁତ ଭଲ ପ୍ରସ୍ତାବ ଆସିଛି। ବର୍ତ୍ତମାନ ବିଧାନସଭା ଚାଲିଛି, ତେଣୁ ଭାଷା ▸ପୃଷ୍ଠା-୧୪

**ଆରମ୍ଭ ହେଲା ବିଧାନସଭାର ବଜେଟ୍ ଅଧିବେଶନ**

# ରାଜ୍ୟ ବିକାଶକୁ ରାଜ୍ୟପାଳଙ୍କ ପ୍ରଶଂସା

**ଭୁବନେଶ୍ୱର, ୫।୨(ସମିସ):** ବିକାଶ ଓ ଅଭିବୃଦ୍ଧି ନିମନ୍ତେ ସଂଖ୍ୟାଧିକ କ୍ଷେତ୍ରରେ ଓଡ଼ିଶା ଅଭୂତପୂର୍ବ ପ୍ରଦର୍ଶନ କରିପାରିଛି। ୨୦୨୩ରେ ଅନେକ ଆହ୍ୱାନ ସତ୍ତ୍ୱେ ମୋ ସରକାର ଏକ ମହତ୍ତ୍ୱପୂର୍ଣ୍ଣ ଯାତ୍ରା ସମ୍ପନ୍ନ କରିଛନ୍ତି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ସୋମବାର ବିଧାନସଭାରେ

- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଭୂୟସୀ ପ୍ରଶଂସା
- ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଦିଗରେ ଖୁବ୍ ଉପାଦେୟ ହେବ ଓଡ଼ିଆ ଭାଷା ସମ୍ମିଳନୀ
- ୨୦୦୦-୦୧ ବର୍ଷ ତୁଳନାରେ ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ିଛି ଅଢ଼େଇ ଗୁଣ
- କାଳିଆ ଯୋଜନାରେ ୪୩.୮୮ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମିଳିଛି ସହାୟତା

ରାଜ୍ୟପାଳ ନିଜ ଅଭିଭାଷଣ ରଖିବା ସହ ରାଜ୍ୟ ବଜେଟ ଅଧିବେଶନକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଛନ୍ତି। ପ୍ରାୟ ୨ ଘଣ୍ଟା ଦୀର୍ଘ ନିଜ ଅଭିଭାଷଣରେ ମୋଟ ୧୬୮ଟି ବିନ୍ଦୁରେ ରାଜ୍ୟପାଳ କୃଷିଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ପରିବହନ, ଶିକ୍ଷା ଭିତ୍ତିଭୂମିରେ ରୂପାନ୍ତରୀକରଣ, ମାଓ ମୁକାବିଲାରେ ସଫଳତା, ଗ୍ରାମୀଣ ଗୃହ ନିର୍ମାଣ, ଜଳ ଯୋଗାଣ, କ୍ରୀଡ଼ା ପର୍ଯ୍ୟଟନ ଭିତ୍ତିଭୂମିରେ ଆଖିଦୃଶିଆ ବିକାଶ, ପ୍ରଶାସନିକ ଏବଂ ସାଧାରଣ ଆର୍ଥିକ ପରିଚାଳନା କ୍ଷେତ୍ରରେ ସଂସ୍କାର କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ଏବଂ ସଫଳତା ସମ୍ପର୍କରେ ନିଜ ଅଭିଭାଷଣରେ ଗୋଟି ଗୋଟି କରି ବଖାଣିଛନ୍ତି। ନିଜ ଅଭିଭାଷଣରେ



ରାଜ୍ୟପାଳ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସରକାରଙ୍କ ଭୂୟସୀ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ପାଇଁ ସାବାସୀ ଦେଇଛନ୍ତି। ନିଜ ଅଭିଭାଷଣରେ ରାଜ୍ୟପାଳ କହିଲେ ଯେ ଚଳିତ ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରକଳ୍ପ ଦର୍ଶନାର୍ଥୀଙ୍କୁ ▸ପୃଷ୍ଠା-୧୪

# ଆମ୍ବେଦକରଙ୍କ ନାମରେ ନାମିତ ହେବ ବରମୁଣ୍ଡା ବସ୍ ଟର୍ମିନାଲ

**ଭୁବନେଶ୍ୱର, ୫।୨(ସମିସ):** ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ୍ ପ୍ରବକ୍ତା ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ ହେବ ଭୁବନେଶ୍ୱରରେ ନବନିର୍ମିତ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିବା ସହ ଡ. ଆମ୍ବେଦକରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡ. ଆମ୍ବେଦକର ଜଣେ ଦୂରଦର୍ଶୀ ନେତା ଓ ସମର୍ପିତ ସମାଜ ସଂସ୍କାରକ। ସମାଜର ଦଳିତ ନିଷ୍ପେସିତଙ୍କ ପାଇଁ ସେ ଆଶାର ଆଲୋକ ଥିଲେ। ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ସେ ସାରା ଜୀବନ କାମ କରିଯାଇଛନ୍ତି। ଦେଶ ଗଠନରେ ତାଙ୍କର ମହାନ୍ ଅବଦାନ ଓ ଆଦର୍ଶ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଡ. ବାବାସାହେବ ଆମ୍ବେଦକର ବସଷ୍ଟାଣ୍ଡରେ ୯୦୦ ବର୍ଗଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଡିଜିଟାଲ ଜ୍ଞାନକୌଶଳ ବ୍ୟବହାର ଜରିଆରେ ଡ. ଆମ୍ବେଦକରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ। ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ।

**ବାବା ସାହେବଙ୍କ ଜୀବନ ଓ ଆଦର୍ଶକୁ ନେଇ କରାଯିବ ସ୍ୱତନ୍ତ୍ର ଗ୍ୟାଲେରୀ**

୧୫.୫ ଏକର ପରିମିତ ଜମିରେ ନିର୍ମିତ ଏହି ବସଷ୍ଟାଣ୍ଡ ଦୈନିକ ତିରିଶ ହଜାର ଯାତ୍ରୀଙ୍କ ପରିବହନର ମୁଖ୍ୟ ମାଧ୍ୟମ ହେବ। ଏହାକୁ ଦୃଷ୍ଟିରେ ରଖି ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବା ସହ ନିରାପତ୍ତା ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏହି ବସ୍ ଟର୍ମିନାଲ୍ କାମ ଶେଷ ହୋଇ ସାରିଛି। ଚଳିତ ମାସ ୧୫ ତାରିଖ ସୁଦ୍ଧା ଏହା ଉଦ୍ଘାଟନ ହେବାର ସମ୍ଭାବନା ରହିଛି।

**■ ସବୁ ରାଜନୈତିକ ଦଳଙ୍କୁ ନିର୍ବାଚନ କମିସନଙ୍କ ତାଗିଦ୍**

# ପ୍ରଚାରରେ ନିୟୋଜିତ ହେବେନି ପିଲା

**ନୂଆଦିଲ୍ଲୀ, ୫।୨(ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଉ ମାତ୍ର ହାତଗଣତି ସମୟ ବାକି ରହିଛି। ଏପ୍ରିଲ ମାସରେ ନିର୍ବାଚନ ହେବ ବୋଲି କୁହାଯାଉଥିବା ବେଳେ କୌଣସି ସମୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ତେବେ ଏହାପୂର୍ବରୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସବୁ ରାଜନୈତିକ ଦଳଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ନିର୍ବାଚନ ପ୍ରଚାର କାର୍ଯ୍ୟରେ କୌଣସି ଦଳ ଯେଭଳି ଛୋଟ ପିଲାଙ୍କୁ ସାମିଲ ନ କରନ୍ତି ତାହାକୁ ନିଶ୍ଚିତ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।ପୋଷ୍ଟର ଓ ପାମ୍ଫଲେଟ୍ ସମେତ କୌଣସି ପ୍ରଚାର କାର୍ଯ୍ୟରେ ପିଲାଙ୍କୁ ବ୍ୟବହାର ନ କରିବାକୁ ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ ପ୍ରକ୍ରିୟା ସମୟରେ ଯେକୌଣସି ଉପାୟରେ ଦଳ ଓ ପ୍ରାର୍ଥୀଙ୍କ ଦ୍ୱାରା ପିଲାଙ୍କ ବ୍ୟବହାର ବିରୋଧରେ ନିର୍ବାଚନ ଆୟୋଗ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରିଥିବା କହିଛନ୍ତି। କବିତା, ଗୀତ, କଥିତ ଶବ୍ଦ, ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ଚିହ୍ନ ପ୍ରଦର୍ଶନ ଭଳି ଯେକୌଣସି ▸ପୃଷ୍ଠା-୧୪

# 'ଅଭ୍ୟାସ' ପରୀକ୍ଷଣ ସଫଳ

**ବାଲେଶ୍ୱର, ୫।୨(ସମିସ):** ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଇଂଟିଗ୍ରେଟେଡ ଟେଷ୍ଟ ରେଞ୍ଜରୁ ହାଇ-ସ୍ପିଡ ଏକ୍ସପେଣ୍ଡେବେଲ୍ ଏରିଏଲ ଟାର୍ଗେଟ ହିଟ୍) ଚାଳକ ବିହୀନ ବିମାନ 'ଅଭ୍ୟାସ'ର ଚତୁର୍ଥ ଉଡ଼ାଣ ପରୀକ୍ଷଣ ସଫଳ ହୋଇଛି। ଏହି ପରୀକ୍ଷଣ ଗତ ଜାନୁଆରୀ ୩୦ ତାରିଖରୁ ଚଳିତ ମାସ ୨ତାରିଖ ମଧ୍ୟରେ କରାଯାଇଛି ବୋଲି ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ(ଡିଆରଡିଓ) ପକ୍ଷରୁ ଟୁଇଟ ଯୋଗେ ସୋମବାର ସୂଚନା ଦିଆଯାଇଛି।

ଏହି ଉଡ଼ାଣ ପରୀକ୍ଷଣ ବେଳେ କମ ଉଚ୍ଚତାରେ ବିମାନର ଉଡ଼ିବା କ୍ଷମତା ସହ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ କେତେ ସମୟ ସ୍ଥିର ରହି ପାରୁଛି ତାହାକୁ ଅନୁଧ୍ୟାନ କରାଯାଇଛି। ଏହା ସହିତ 'ଅଭ୍ୟାସ' ଚାଳକ ବିହୀନ ବିମାନ କେତେ ସହଜରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଉଡ଼ାଇ ହେବ ତାହାକୁ ମଧ୍ୟ ନୀରିକ୍ଷଣ କରାଯାଇଛି। ହାଇ-ସ୍ପିଡ ଏକ୍ସପେଣ୍ଡେବେଲ ଏରିଏଲ ଟାର୍ଗେଟ (ହିଟ୍) ବିମାନ 'ଅଭ୍ୟାସ' ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନର ଏରୋନିଟିକାଲ ଡେଭଲୋପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ ବିକଶିତ କରିଛି। ଟ୍ୱିନ ଅଣ୍ଡର ସ୍ଲଙ୍ଗ ବୁଷ୍ଟର ଦ୍ୱାରା ଏହି ବିମାନ ଲଞ୍ଚ କରାଯାଇଥିଲା। ଉଡ଼ାଣର ସୁରକ୍ଷିତ ସ୍ଥିତି ବଜାୟ ରଖିବା ପାଇଁ ଏଥିରେ ଏକ ଛୋଟ ଗ୍ୟାସ ଟର୍ବାଇନ ଇଞ୍ଜିନ ମଧ୍ୟ ରହିଛି ବୋଲି ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି। ବିମାନରେ ଇଲେକ୍ଟ୍ରୋ ଅପ୍ଟିକାଲ ଟାର୍ଗେଟିଂ ସିଷ୍ଟମ ମଧ୍ୟ ରହିଛି।



ଚାନ୍ଦିପୁରର ଗାଉଣ୍ଡ ବେସ୍‌ଡ କଂଟ୍ରୋଲର ସାହାଯ୍ୟରେ ହାଇ-ସ୍ପିଡ ଏକ୍ସପେଣ୍ଡେବେଲ ଏରିଏଲ ଟାର୍ଗେଟ (ହିଟ) ବିମାନ 'ଅଭ୍ୟାସ' ଉଡ଼ାଣ ଭରିଥିଲା। ଏହି ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଡିଆରଡିଓକୁ ଅଭିନନ୍ଦନ ଜଣାଯାଇଛି।

## ଲୋକକଥା



ଭାଷା ପ୍ରେମୀ ସବୁ ହୁଅହେ
ତରୁଣ ତରୁଣୀ ପିଢ଼ି,
ଭାଷା ଶୋଷ ଯେବେ ଆକ୍ରାନ୍ତ କରିବ
ଭାଷା ହିଁ ଚାଲିବ ବଢ଼ି।
ବାଧା ବନ୍ଧନକୁ ଏଡ଼ି,
ସର୍କାର ଯେଭଳି ଉଦ୍ୟମ କରନ୍ତି,
ହୋଇଯାଅ ସବୁ ଯୋଡ଼ି !!

**'ଓଡ଼ିଶା-୨୦୩୬'ର ରୂପରେଖ ନେଇ ମାନସ ମନ୍ଥନ**

# ଏବେ ବିଶ୍ୱ ସହ ଓଡ଼ିଶାର ପ୍ରତିଦ୍ୱନ୍ଦ୍ୱିତା

## ଓଡ଼ିଶାକୁ ଶୀର୍ଷକୁ ନେବା ପାଇଁ ଆଗାମୀ ୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ପାଣ୍ଡିଆନ

**ଭୁବନେଶ୍ୱର, ୫।୨(ସମିସ):** ଆସନ୍ତା ୨୦୩୬ରେ ଓଡ଼ିଶା ପାଳିବ ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବାର୍ଷିକୀ। ତତ୍‌କାଳୀନ ଓଡ଼ିଶାକୁ ଦେଶର ଶୀର୍ଷ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାର ଆରମ୍ଭ କରିଛନ୍ତି ପ୍ରସ୍ତୁତି। ଶତବାର୍ଷିକୀ ପାଳନର ଦୁଇ ବର୍ଷ ପୂର୍ବରୁ ଲକ୍ଷ୍ୟ ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଖସଡ଼ା ଏବଂ ରୂପାନ୍ତରିତ ଓଡ଼ିଶାର ରୂପରେଖ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମଞ୍ଚରେ '୨୦୩୬ ରେ ଓଡ଼ିଶା- ଏକ ନବ ଦିଗନ୍ତର ସମ୍ଭାବନା' ଶୀର୍ଷକ ସମ୍ମାନରେ ଓଡ଼ିଶା ଏବେ ଦେଶର ଅନ୍ୟ ରାଜ୍ୟ ନୁହେଁ; ବିଶ୍ୱ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହୋଇଛି ଏବଂ ସବୁ କ୍ଷେତ୍ରରେ ଓଡ଼ିଶାର ରୂପାନ୍ତରଣର ଚିତ୍ର ସ୍ପଷ୍ଟ ଦୃଶ୍ୟମାନ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆମେ ସବୁବେଳେ ପରିବର୍ତ୍ତନର କଥା କରିଥାଆନ୍ତି। ଆମ ପାଇଁ ପରିବର୍ତ୍ତନର ପରିଭାଷା ହେଉଛି 'ରୂପାନ୍ତରୀକରଣ'। ୨୦୧୯ ପରବର୍ତ୍ତୀ ଓଡ଼ିଶାରେ ଆରମ୍ଭ ହୋଇଛି ପରିବର୍ତ୍ତନ ଅର୍ଥାତ୍ ରୂପାନ୍ତରୀକରଣ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ ଏବଂ ଲୋକ ପ୍ରଶାସନ ସବୁ କ୍ଷେତ୍ରରେ ରୂପାନ୍ତରଣର ଛବି ସ୍ପଷ୍ଟ। ୨୦୦୦ ମସିହାରେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ନୂଆ ସରକାର ଆସିଲା; ସେତେବେଳେ କର୍ମଚାରୀଙ୍କୁ




ଦରମା ଦେବା ପାଇଁ ରାଜକୋଷରେ ଟଙ୍କା ନ ଥିଲା। ଋଣ ବୋଝରେ ସରକାର ବୁଡ଼ି ରହିଥିଲେ। ମାତ୍ର ଆଜି ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ। ରାଜ୍ୟର ମୁଣ୍ଡପିଛା ଋଣ ହାର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍। ୨୦୦୦ ମସିହା ବେଳକୁ ରାଜ୍ୟରେ ଗରିବ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତ ଥିବା ବେଳେ ଏବେ ଏହା ୧୧ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାକୁ ଦିନେ ଅନ୍ୟ ରାଜ୍ୟରୁ ଚାଉଳ ଆସୁଥିଲା; କିନ୍ତୁ ଆଜି ଭାରତର ଖାଦ୍ୟ ସୁରକ୍ଷା

- ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବାର୍ଷିକୀର ୨ ବର୍ଷ ପୂର୍ବରୁ ଲକ୍ଷ୍ୟ ହାସଲ ସଂକଳ୍ପ
- ୨୦ ବର୍ଷରେ ରାଜ୍ୟରେ ଦାରିଦ୍ର୍ୟ ହାର ୭୦ ପ୍ରତିଶତରୁ ୧୧ ପ୍ରତିଶତକୁ ହ୍ରାସ
- ୫୦୦ ବର୍ଷର ଅସମାହିତ କାର୍ଯ୍ୟ ୩ ବର୍ଷରେ କରି ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ
- କୋଭିଡ଼ କାଳରେ ଦୈନିକ ୪୦ ହଜାର ଜୀବନ ବଞ୍ଚାଇଛି ଓଡ଼ିଶାର ଅମ୍ଳଜାନ
- ଖୁବ୍ ଶୀଘ୍ର ଓଡ଼ିଶା ହେବ ଦେଶର ସ୍ୱାସ୍ଥ୍ୟ, ପ୍ରକୃତି ଓ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳ
- ଚଳିତବର୍ଷ ୧୫ ହଜାର କୋଟିରେ ପହଞ୍ଚିବ ଏସ୍‌ଏଚ୍‌ଜି ମା'ଙ୍କ ଋଣ ପରିମାଣ
- ଓଡ଼ିଶାରେ ସବୁ କ୍ଷେତ୍ରରେ ରୂପାନ୍ତରଣର ଚିତ୍ର ଏବେ ସ୍ପଷ୍ଟ ଦୃଶ୍ୟମାନ

ମାନଚିତ୍ରରେ ଓଡ଼ିଶା ତୃତୀୟ ବୃହତ୍ ଯୋଗଦାନ ଦେଇପାରିଛି। ଓଡ଼ିଶାରୁ ୫ଟି ରାଜ୍ୟକୁ ଚାଉଳ ଯୋଗାଣ ଦ୍ୱାରା ସେଠାରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେଉଛି। ଏହା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନୂଆ ଓଡ଼ିଶାର ସଫଳ ଚିତ୍ର ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଗତ ୫୦୦ ବର୍ଷ ମଧ୍ୟରେ ଯେଉଁ କାମ ହୋଇପାରି ନ ଥିଲା ମୁଖ୍ୟମନ୍ତ୍ରୀ ତାହା ମାତ୍ର ୩ ବର୍ଷରେ କରି ଦେଖାଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏହି ନୂଆ ଓଡ଼ିଶାର ଏକ ବଡ଼ ଉଦାହରଣ। ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଜି ରୂପାନ୍ତରଣର ନୂଆ ଚିତ୍ର ଦେଖାଇପାରିଛି। ସରକାରୀ ହାଇସ୍କୁଲ ରୂପାନ୍ତରଣ କ୍ଷେତ୍ରରେ ବିଶେଷ ଅନୁଭବ ପରେ ଏବେ କଲେଜ ରୂପାନ୍ତରଣ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲିଛି। ଆଜି ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀ ଡିଜିଟାଲ ବୋର୍ଡରେ ପାଠ ପଢୁଛନ୍ତି। ଆସନ୍ତାକାଲି ସେମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଷୟରେ ପଢ଼ି କ୍ୟାରିୟର କରିପାରିବେ। ଓଡ଼ିଶା ୮୬୪୦ ସ୍କୁଲ୍ ରୂପାନ୍ତରୀକରଣ କରିବା ସହ ୩ ମାସ ମଧ୍ୟରେ କଲେଜ ଓ ଉଚ୍ଚ ମାଧ୍ୟମିକ ▸ପୃଷ୍ଠା-୧୪

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ନେଲେ ସଞ୍ଜୟ ଜାଜୁ

ନୂଆଦିଲ୍ଲୀ,୫।୨(ଏଜେନ୍ସି): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ ବରିଷ୍ଠ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀ ସଞ୍ଜୟ ଜାଜୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାଜୁ ହେଉଛନ୍ତି ୧୯୯୨ ବ୍ୟାଚ୍ ତେଲଙ୍ଗାନା କ୍ୟାଡରର ଜଣେ ଆଇଏଏସ୍। ସେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ପୂର୍ବତନ ସଚିବ ଅପୂର୍ବ ଚନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ବହୁ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ଗଣମାଧ୍ୟମ ବିଭାଗର ପଦାଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପୂର୍ବରୁ ଶ୍ରୀ ଜାଜୁ ୨୦୧୮ ରୁ ୨୦୨୩ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିଥିବା ବେଳେ ଅକ୍ଟୋବର ୨୦୧୪ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିସହ ସେ ୨୦୧୧ ମେ' ଠାରୁ ୨୦୧୪ ଅକ୍ଟୋବର ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଯୋଗାଯୋଗ ବିଭାଗର ସଚିବ ଭାବେ କାର୍ଯ୍ୟରତ ଥିଲେ।



■ ପାକିସ୍ତାନ ଥାନାରେ ଆତଙ୍କବାଦୀ ଆକ୍ରମଣ

## ୧୦ ପୁଲିସ କର୍ମଚାରୀଙ୍କ ମୃତ୍ୟୁ

ଇସଲାମାବାଦ,୫।୨(ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ କ୍ରମାଗତ ଭାବେ ଏହାର ଶିକାର ହେବାରେ ଲାଗିଛି। ସାଧାରଣ ନିର୍ବାଚନ (୮ ତାରିଖ) ର ତିନି ଦିନ ପୂର୍ବରୁ ଦେଶରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଖୈବର ପଖ୍ତୁନଖ୍ୱା ପ୍ରଦେଶର ଦରବାର ସହରରେ ଥିବା ଥାନାରେ ସୋମବାର ସକାଳେ ଗ୍ରେନେଡ୍ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୧୦ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ୬ ଜଣ ମଧ୍ୟ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ପୁଲିସ ମୁଖ୍ୟ ଅଖ୍ତାର ହୟାତ କହିଛନ୍ତି ଯେ ସକାଳ ପ୍ରାୟ ୩ଟା ସମୟରେ ୩୦ରୁ ଅଧିକ ଆତଙ୍କବାଦୀ ଥାନା ଉପରେ ଆକ୍ରମଣ କରିଥିଲେ। ସେମାନେ ଥାନାକୁ ଚାରିପଟୁ ଘେରି ଗ୍ରେନେଡ୍ ପକାଇ ଥିଲେ। ଏହା ପରେ ଗୁଳିମାଡ଼ ଆରମ୍ଭ କରି ଦେଇଥିଲେ। ପୁଲିସ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଗୁଳିବିନିମୟ ଚାଲିଥିଲା। ଏହା ସତ୍ତ୍ୱେ ସବୁ ଆତଙ୍କବାଦୀ ଫେରାର ହୋଇ ଯାଇଥିଲେ। ଏବେ ସେମାନଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି। ସକାଳେ ବଲୁଚିସ୍ତାନ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ବାହାରେ ମଧ୍ୟ ବୋମା ବିସ୍ଫୋରଣ ହୋଇଥିଲା।

## ୫୩ ବର୍ଷ ପରେ ହିନ୍ଦୁଙ୍କୁ ମିଳିଲା ଲାକ୍ଷାଗୃହ

ଲକ୍ଷ୍ନୌ, ୫।୨ (ଏଜେନ୍ସି): ଦୀର୍ଘ ୫୩ ବର୍ଷ ପରେ ଉତ୍ତରପ୍ରଦେଶ ବାଗପତ ଜିଲ୍ଲା ବରନାୱାରେ ଥିବା ମହାଭାରତ କାଳର ଲାକ୍ଷାଗୃହ ମାଲିକାନା ଉପରେ କୋର୍ଟ ରାୟ ଶୁଣାଇଛନ୍ତି। ବିଚାରପତି ଶିବମ ଦ୍ୱିବେଦୀ ହିନ୍ଦୁ ପକ୍ଷକୁ ଏହାର ମାଲିକାନା ହକ୍ ପ୍ରଦାନ କରିଛନ୍ତି। ମେରଠ କୋର୍ଟରେ ୧୯୭୦ରେ ଏହି ମାଲା ଦାଏର ହୋଇଥିଲା। ୧୯୭୭ରେ ମାମଲାର ବାଗପତ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ସେବେଠାରୁ ମାମଲାର ଶୁଣାଣି ଜାରି ରହିଥିଲା। ଏହା ମଜାର ଏବଂ କବରସ୍ଥାନ ବୋଲି ମୁସଲିମ ପକ୍ଷ ଦାବି କରୁଥିଲା। ତେବେ କୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ନିଷ୍ପତ୍ତି ଆସିବା ପରେ ହିନ୍ଦୁ ପକ୍ଷ ଉତ୍ସବ ମନାଉଛନ୍ତି। ଏବେ ଲାକ୍ଷାଗୃହରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥିତି ଉପରେ ପୁଲିସ ତୀକ୍ଷଣ ନଜର ରଖିଛି। ଅନ୍ୟପକ୍ଷରେ ନିଷ୍ପତ୍ତି ବିରୋଧରେ ଉପର କୋର୍ଟକୁ ଯିବୁ ବୋଲି ମୁସଲିମ ପକ୍ଷ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ୧୯୭୦ରେ ବରନାୱାର ମୁକିମ ଖାନ ୱାକଫ ବୋର୍ଡ ଅଧିକାରୀ ଭାବେ ମେରଠ କୋର୍ଟରେ ଆବେଦନ ଦାଏର କରିଥିଲେ। ସେ ଏଥିରେ ଲାକ୍ଷାଗୃହକୁ ବଦରୁଦିନ ମଜାର ଏବଂ କବରସ୍ଥାନ ଦାବି କରିଥିଲେ। ଏଥିରେ ଲାକ୍ଷାଗୃହ ଗୁରୁକୁଳର ପ୍ରତିଷ୍ଠାତା ବ୍ରହ୍ମଚାରୀ କୃଷ୍ଣଦତ ମହାରାଜଙ୍କୁ ପ୍ରତିବାଦୀ ପକ୍ଷ ବନା ଯାଇଥିଲା। ହିନ୍ଦୁ ପକ୍ଷର ଓକିଲ ରଣବୀର ସିଂହ କହିଥିଲେ ଯେ ମୁସଲିମ ପକ୍ଷ ଲାକ୍ଷାଗୃହର ୧୦୦ ବିଘା ଜମି କବ୍ଜା କରିବାକୁ ଚାହୁଁଥିଲା। ଏଥିପାଇଁ କୋର୍ଟରେ ପ୍ରମାଣ ଦେଇଥିଲା। ଲାକ୍ଷାଗୃହର ଇତିହାସ ସମସ୍ତେ ଜାଣନ୍ତି। ପ୍ରତ୍ନତତ୍ତ୍ୱ ଖନନରୁ ଏଠାରୁ ମହାଭାରତ କାଳର ପ୍ରମାଣ ମିଳଇଥିଲା। ଏଠାରେ ସୁଡ଼ଙ୍ଗ ମଧ୍ୟ ରହିଛି। ପ୍ରଥମେ ୧୯୫୨ରେ ଏଠାରେ ଖନନ ଆରମ୍ଭ ହୋଇଥିଲା। ଏଥିରୁ ମିଳିଥିବା ଅବଶେଷ ବିରଳ ଶ୍ରେଣୀର ଥିଲା। ୪୫୦୦ ବର୍ଷ ତଳର ମାଟିର ବାସନ ମିଳିଥିଲା।

ଚଣ୍ଡିଗଡ଼ ମେୟର ନିର୍ବାଚନକୁ ନେଇ ସିଜେଆଇଙ୍କ ଭର୍ତ୍ସନା

# ଗଣତନ୍ତ୍ରକୁ ହତ୍ୟା କରିବାକୁ ଦିଆଯିବନି

ନୂଆଦିଲ୍ଲୀ,୫।୨(ଏଜେନ୍ସି)

ଚଣ୍ଡିଗଡ଼ ମେୟର ନିର୍ବାଚନ ଫଳାଫଳକୁ ନେଇ ସୁପ୍ରିମକୋର୍ଟ ସୋମବାର କଡ଼ାବାଣୀ ଶୁଣାଇଛନ୍ତି। ଏହି ନିର୍ବାଚନରେ ପ୍ରିଜାଇଡିଂ ଅଧିକାରୀଙ୍କ ଦ୍ୱାରା ବାଲାଟ ପେପର ଟାମ୍ପରିଂ କରାଯାଇଥିବାରୁ ଆମ ଆଦମୀ ପାର୍ଟି(ଆପ୍) ମେୟର ପ୍ରାର୍ଥୀ ହାରିଯାଇଥିଲେ ବୋଲି ଦଳ ପକ୍ଷରୁ ଅଭିଯୋଗ ଅଣାଯାଇ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା।

ସୋମବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ ଅଧିକାରୀଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ବାଲାଟ ପେପରରେ ଜାଲିଆତି କରାଯାଇଥିବା ଭିଡିଓରୁ ସ୍ପଷ୍ଟ ଜଣାପଡୁଛି ବୋଲି କହିଛନ୍ତି। ଜଣେ ନିର୍ବାଚନ ଅଧିକାରୀଙ୍କ ଏଭଳି ଗର୍ହିତ କାର୍ଯ୍ୟ ଗଣତନ୍ତ୍ରର ହତ୍ୟା ସହ ସମାନ। କିନ୍ତୁ ଏହାକୁ ଆମେ କରିବାକୁ ଦେବୁ ନାହିଁ ଏବଂ ସଂପୃକ୍ତ ଅଧିକାରୀ ଦଣ୍ଡିତ ହେବା ଜରୁରୀ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ନିର୍ବାଚନ ବେଳର ଭିଡିଓ ଆମକୁ ଆଶ୍ଚର୍ଯ୍ୟ କରିଛି। ଭୋଟ ବେଳେ ନିର୍ବାଚନ ଅଧିକାରୀ ଜଣକ କ୍ୟାମେରା ଆଡକୁ ଅନାଇ ବାଲାଟ ପେପର ନଷ୍ଟ କରୁଥିବା ଭିଡିଓରୁ ସ୍ପଷ୍ଟ ଜଣାପଡ଼ିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଗର୍ହିତ ଏବଂ ଗଣତନ୍ତ୍ର ପ୍ରତି ଉପହାସ। ଏହି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତାଙ୍କୁ ଦଣ୍ଡିତ କରାଯିବା ଉଚିତ୍ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ଏଥିସହିତ ଚଣ୍ଡିଗଡ଼ ନିର୍ବାଚନ ସହ ଜଡ଼ିତ ସମସ୍ତ ଦସ୍ତାବିଜ୍ ଏବଂ ରେକର୍ଡକୁ ସୁରକ୍ଷିତ ରଖିବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେବା ସହିତ ନିର୍ବାଚନ ପ୍ରକ୍ରିୟାର ଭିଡିଓଗ୍ରାଫି ସମେତ ସବୁକିଛି ସୁରକ୍ଷିତ ରଖିବାକୁ ପଞ୍ଜାବ ରେଜିଷ୍ଟ୍ରାର ଜେନେରାଲ ଏବଂ ହରିୟାଣା ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଏତିକି ନୁହେଁ, ଖଣ୍ଡପୀଠ ଚଣ୍ଡିଗଡ଼ ପୌର ନିଗମର ବଜେଟ୍ ବୈଠକକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ଆସନ୍ତାକାଲି ନିଗର ବଜେଟ୍ ବୈଠକ ବସିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଏହାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏଭଳି କଡ଼ାବାଣୀ ବିଜେପି ପାଇଁ ଶକ୍ତ ଧକ୍କା ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୩୦ ତାରିଖରେ ଚଣ୍ଡିଗଡ଼ ପୌର ନିଗମ ମେୟର ନିର୍ବାଚନକୁ ନେଇ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ବେଳେ ଏଥିରେ ବିଜେପି ବିରୋଧରେ ଆପ୍ ଏବଂ କଂଗ୍ରେସ ମିଳିତ ଭାବେ ଲଢିଥିଲେ। ଆମ୍ ଆଦମୀ ପାର୍ଟିର ମେୟର ପ୍ରାର୍ଥୀ କୁଲଦୀପ କୁମାର ବିଜୟୀ ହେବା ନିଶ୍ଚିତ ହୋଇଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ନିର୍ବାଚନ ଅଧିକାରୀ କଂଗ୍ରେସ ଏବଂ ଆପ୍‌ର ୮ ପାର୍ଷଦଙ୍କ ଭୋଟ ନାକଚ କରି ଦେବାରୁ ବିଜେପି ମେୟର ପ୍ରାର୍ଥୀ ମନୋଜ ସୋନକରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କିନ୍ତୁ ଏହାକୁ ଆପ୍ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହିତ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା। କେବଳ ସେତିକି ନୁହେଁ, ଆମ୍ ଆଦମୀ ପାର୍ଟି ବିଜେପିକୁ ନିଶାଣ କରି ଗତ ସପ୍ତାହରେ ଦିଲ୍ଲୀରେ ପ୍ରଦର୍ଶନ କରିଥିଲା। ଏହାକୁ ନେଇ ରାଜନୀତିକ ସ୍ତରରେ ବିବାଦ ଦେଖାଯାଇଥିଲା ବେଳେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ବିଜେପି ପାଇଁ ସମସ୍ୟା ଆଣିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।



ନିର୍ବାଚନ ଅଧିକାରୀ ଦଣ୍ଡିତ ହେବା ଜରୁରୀ

ପୌର ନିଗମ ବଜେଟ୍ ବୈଠକ ଉପରେ ରୋକ୍

■ ଆସ୍ଥା ଭୋଟ୍‌ରେ ଚମ୍ପାଇ ସରକାର ବିଜୟୀ

# ସପକ୍ଷରେ ୪୭, ବିପକ୍ଷରେ ୨୯



ରାଞ୍ଚି,୫।୨(ଏଜେନ୍ସି)

ଝାଡଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସୋମବାର ବିଧାନସଭାରେ ଶକ୍ତି ପରୀକ୍ଷା ହୋଇଥିଲା ବେଳେ ଚମ୍ପାଇ ସୋରେନ ନେତୃତ୍ୱାଧୀନ ମେଣ୍ଟ ସରକାର ସପକ୍ଷରେ ୪୭ ଏବଂ ବିପକ୍ଷରେ ୨୯ଟି ଭୋଟ୍ ମିଳିଛି। ଝାଡ଼ଖଣ୍ଡର ୮୧ ସଦସ୍ୟ ବିଶିଷ୍ଟ ବିଧାନସଭାରେ କୌଣସି ଦଳ ସରକାର ଗଢିବା ପାଇଁ ବହୁମତ ହାସଲ କରିବା ସ୍ୱରୂପ ୪୨ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। କିନ୍ତୁ ଏହି ସଂଖ୍ୟା ତୁଳନାରେ ଚମ୍ପାଇଙ୍କୁ ଅଧିକ ସମର୍ଥନ ମିଳିଥିବାରୁ ତାଙ୍କ ସରକାର ଅକ୍ଲେଷରେ ଆସ୍ଥା ଭୋଟରେ ବିଜୟୀ ହୋଇଛି। ଚମ୍ପାଇଙ୍କ ଆସ୍ଥା ଭୋଟ ପାଇଁ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ସ୍ୱତନ୍ତ୍ର ଭାବେ ବିଧାନସଭାର ଦୁଇ ଦିନିଆ ଅଧିବେଶନ ଡାକିଥିଲେ। ଏହି କାର୍ଯ୍ୟ ଶେଷ ହେବା ପରେ ବିଧାନସଭା ମୁଲତବୀ ଘୋଷଣା କରାଯାଇଛି। ଚମ୍ପାଇ ସରକାରର ବିଜୟ ପରେ କଂଗ୍ରେସ ଏବଂ ଅନ୍ୟ ମେଣ୍ଟ ସଦସ୍ୟ ଦଳ ବିଜେପି ଉପରେ ବର୍ଷିଛନ୍ତି। ଅନ୍ୟପକ୍ଷରେ ଜେଲରୁ ଆସି ଆସ୍ଥା ଭୋଟରେ ସାମିଲ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଇଡି କାର୍ଯ୍ୟାନୁଷ୍ଠାନକୁ ନେଇ ବିଜେପି ଉପରେ ବର୍ଷିବା ସହିତ ରାଜ୍ୟପାଳଙ୍କୁ ମଧ୍ୟ ପରୋକ୍ଷରେ ନିଶାଣ କରିଛନ୍ତି। ବିଜେପି ଇଡି ଭଳି କେନ୍ଦ୍ରୀୟ ଏଜେନ୍ସିକୁ ହାତବାରିସି କରି ଯୋଜନାବଦ୍ଧ ରୂପେ ତାଙ୍କୁ ଗିରଫ କରିଥିବା ସେ କହିଛନ୍ତି। ଏଥିପାଇଁ ରାଜଭବନର ମଧ୍ୟ ହାତ ରହିଛି। ସେ ଜଣେ ଆଦିବାସୀ ହୋଇଥିବାରୁ ତାଙ୍କୁ ନିଶାଣ କରାଯାଇ ଏଭଳି କାର୍ଯ୍ୟ କରାଯାଇଛି। ତାଙ୍କୁ ଗତ ୩୧ ତାରିଖରେ ଇଡି ଗିରଫ କରିଥିଲା ବେଳେ ସେ ଏହି ଦିନକୁ ଗଣତନ୍ତ୍ରର କଳା ଦିବସ ଭାବେ କହିଛନ୍ତି। ଏହିକ୍ରମରେ ସେ ଇଡିକୁ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କ ବିରୋଧରେ ୮.୫ ଏକର ଜମି ଦୁର୍ନୀତି ଅଭିଯୋଗ କରାଯାଇଛି। କିନ୍ତୁ କେଉଁ ଜମି ତାଙ୍କ ନାମରେ ରହିଛି ତାହା ଇଡି ପ୍ରମାଣ ଦେବା ଦରକାର। ଇଡି ଯଦି ପ୍ରମାଣ ଦେବ ତେବେ ସବୁଦିନ ପାଇଁ ସେ ରାଜନୀତିରୁ ବିଦାୟ ନେଇଯିବେ ବୋଲି ହେମନ୍ତ କହିଛନ୍ତି। ଏହାବ୍ୟତୀତ ଜେଏମଏମ ଉପରେ ଖରାପ ନଜର ପକାଉଥିବା ଲୋକଙ୍କୁ ଠିକଣା ଜବାବ ମିଳିବ ବୋଲି ମଧ୍ୟ ସେ କହିଛନ୍ତି।

ଆସ୍ଥା ଭୋଟରେ ସାମିଲ ହେଲେ ହେମନ୍ତ ସୋରେନ୍

ଦୁର୍ନୀତି ପ୍ରମାଣ ଦେଲେ ରାଜନୀତିରୁ ବିଦାୟ ନେବି

### ହାଇକୋର୍ଟରେ ହେମନ୍ତଙ୍କ ଆବେଦନର ଶୁଣାଣି; ଇଡିକୁ ଜବାବ ତଲବ

ସୋମବାର ରାଞ୍ଚି ହାଇକୋର୍ଟରେ ହେମନ୍ତ ସୋରେନଙ୍କ ଗିରଫଦାରୀ ଚ୍ୟାଲେଞ୍ଜ ଆବେଦନର ଶୁଣାଣି ହୋଇଛି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଜବାବ ତଲବ କରିଛନ୍ତି । ଆସନ୍ତା ୯ ତାରିଖ ସୁଦ୍ଧା ଏହି ପ୍ରସଙ୍ଗରେ ଜବାବ ଦେବାକୁ ହାଇକୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୨ ତାରିଖ ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଜମି ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଇଡି ହେମନ୍ତଙ୍କୁ ଗିରଫ କରିବା ପରେ ସେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ଏହାର ଶୁଣାଣି ନ କରି ହେମନ୍ତଙ୍କୁ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଥିଲେ।

## 'କଂଗ୍ରେସର ଭଲ ପାଇଁ ଅଣଗାନ୍ଧୀଙ୍କୁ ସୁଯୋଗ ମିଳୁ'



ନୂଆଦିଲ୍ଲୀ, ୫।୨ (ଏଜେନ୍ସି): ଏକ ଦୁର୍ବଳ ସରକାର ଅପେକ୍ଷା ବିରୋଧୀରେ ବସିବା ଶ୍ରେୟସ୍କର। ଏହି କଥା ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଦିନେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କହିଥିଲେ ବୋଲି ଶର୍ମିଷ୍ଠା ମୁଖାର୍ଜୀ କହିଛନ୍ତି। ଜୟପୁର ସାହିତ୍ୟ କାର୍ଯ୍ୟକ୍ରମରେ ପ୍ରଣବଙ୍କ ଝିଅ ଶର୍ମିଷ୍ଠା କହିଛନ୍ତି ଯେ ବାପା ଜୀବିତ ଥିଲେ କଂଗ୍ରେସର ବର୍ତ୍ତମାନ ସ୍ଥିତି ଦେଖି ଚିନ୍ତିତ ହୋଇଥାନ୍ତେ। ଏହା କେବଳ ତାଙ୍କର ନୁହେଁ, ବରଂ ସବୁ କଂଗ୍ରେସ ନେତାଙ୍କ ମନର ସ୍ଥିତି। ବର୍ତ୍ତମାନର ସ୍ଥିତି ଶର୍ମିଷ୍ଠାଙ୍କୁ ମଧ୍ୟ ଚିନ୍ତିତ କରିଦେଇଛି। ସେ ବିଜେପି ଯିବାକୁ ଚାହୁଁନାହାନ୍ତି। ଏହା କେବଳ ମିଛ ଖବର ଥିଲା। ସେ ନିଜକୁ କଂଗ୍ରେସୀ କହିଛନ୍ତି। କଂଗ୍ରେସର ଭଲ ଭବିଷ୍ୟତ ପାଇଁ ଏବେ ଅଣଗାନ୍ଧୀଙ୍କୁ ସୁଯୋଗ ମିଳିବା ଉଚିତ। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କୁ ଭାରତ ରତ୍ନ ଦେବାକୁ ମଧ୍ୟ ଦାବି କରିଛନ୍ତି। ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ବାପା ମଧ୍ୟ ତାଙ୍କୁ ବହୁତ ସମ୍ମାନ ଦେଉଥିଲେ। ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ସେ ପିତାଙ୍କୁ 'ସାର୍' ଭାବେ ସମ୍ବୋଧନ କରୁଥିଲେ। ଏହା ଉପରେ ଅନେକ ଥର ପ୍ରଣବ ମୁଖାର୍ଜୀ ଆପତ୍ତି ଉଠାଇ ଥିଲେ। ଉଭୟେ ପରସ୍ପରକୁ ଆଦର କରୁଥିଲେ।

## ସାଂସଦ ଭାବେ ଶପଥ ନେଇପାରିଲେନି ସଞ୍ଜୟ ସିଂ

ନୂଆଦିଲ୍ଲୀ,୫।୨(ଏଜେନ୍ସି): ଆପ୍ ନେତା ସଞ୍ଜୟ ସିଂ ରାଜ୍ୟସଭା ସାଂସଦ ଭାବେ ଶପଥ ନେଇପାରିନାହାନ୍ତି। ସୋମବାର ସେ ସାଂସଦ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଥିଲେ ହେଁ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖରଙ୍କ ରୋକ୍ ଯୋଗୁ ଏହା ସମ୍ଭବ ହୋଇପାରି ନାହିଁ। ସଞ୍ଜୟ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲା ବେଳେ ଫେବୃଆରୀ ୫ରେ ସାଂସଦ ଭାବେ ଶପଥ ନେବାକୁ କୋର୍ଟରୁ ଅନୁମତି ଆଣିଥିଲେ। କିନ୍ତୁ ଏହା ପୂର୍ବରୁ ଧନଖର ସଞ୍ଜୟଙ୍କୁ ଅନୁମତି ଦେଇ ନାହାନ୍ତି। ସଞ୍ଜୟ ସିଂହଙ୍କ ମାମଲା ବିଶେଷାଧିକାର କମିଟି ପାଖରେ ବିଚାରାଧୀନ ରହିଛି।

### ସପ୍ତାହକୁ ଥରେ ପତ୍ନୀଙ୍କୁ ଭେଟିପାରିବେ ସିସୋଦିଆ

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବର୍ତ୍ତମାନ ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆପ୍ ନେତା ମନୀଷ ସିସୋଦିଆଙ୍କୁ କୋର୍ଟରୁ କୌଣସି ଆଶ୍ୱସ୍ତି ମିଳିନାହିଁ। ତାଙ୍କୁ ନିୟମିତ ଜାମିନ ଦେବାକୁ ସେ ବାରମ୍ବାର ଆବେଦନ କରିଥିଲେ ମଧ୍ୟ କୋର୍ଟ ଏଥିପାଇଁ ଅନୁମତି ଦେଇ ନାହାନ୍ତି। ବରଂ ସୋମବାର ରାଉଜ୍ ଆଭେନ୍ୟୁ କୋର୍ଟ ମନୀଷଙ୍କ ଜେଲ ଅବଧି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। କିନ୍ତୁ ମନୀଷ ସପ୍ତାହକୁ ଥରେ ତାଙ୍କ ପତ୍ନୀଙ୍କୁ ଭେଟିବାକୁ ଅନୁମତି ଦେଇଛନ୍ତି। ପତ୍ନୀ ରୋଗଗ୍ରସ୍ତ ଥିବାରୁ ତାଙ୍କ ଖବର ବୁଝିବା ପାଇଁ ନିୟମିତ ଜାମିନ ଦେବାକୁ ମନୀଷ ଆବେଦନ କରିଥିଲେ।

ଚିଲିରେ ପରମାଣୁ ବୋମା ବିସ୍ଫୋରଣ ସ୍ଥିତି

## ମୃତ୍ୟୁସଂଖ୍ୟା ୧୧୨ ଟପିଲା



ଲାଗିଲା ଜରୁରୀକାଳୀନ ସ୍ଥିତି
୨ ଦିନିଆ ରାଷ୍ଟ୍ରୀୟ ଶୋକ

ସାନଟିଆଗୋ, ୫।୨ (ଏଜେନ୍ସି)

ଦକ୍ଷିଣ ଆମେରିକୀୟ ଦେଶ ଚିଲିରେ ଜଙ୍ଗଲ ହୁତୁ ହୁତୁ ହୋଇ ଜଳୁଛି। ଏହି ନିଆଁ ଉଗ୍ରରୂପ ଧାରଣ କରି ଜନବହୁଳ ଅଞ୍ଚଳକୁ ବ୍ୟାପି ଚାଲିଛି। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏ ପର୍ଯ୍ୟନ୍ତ ନିଆଁରେ ୧୧୨ ଲୋକଙ୍କ ମୃତ୍ୟୁ ହେଲାଣି। ଶତାଧିକ ଲୋକ ମଧ୍ୟ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି। ନିଆଁ ଯୋଗୁଁ ପରମାଣୁ ବୋମା ବିସ୍ଫୋରଣ ଭଳି ସ୍ଥିତି ସୃଷ୍ଟି ହୋଇଛି। ସବୁ କିଛି ଜଳି ପୋଡ଼ି ଧ୍ୱଂସ ହୋଇଯାଇଛି। ଏବେ ଆକାଶରୁ ପାଉଁଶ ବର୍ଷା ହେଉଛି। ଚାରିଆଡ଼େ ମୃତଦେହ ପଡ଼ିଥିବା ଦେଖାଯାଉଛି। ସ୍ଥିତି ଦିନକୁ ବିଗୁଡୁଥିବାରୁ ରାଷ୍ଟ୍ରପତି ଗେବ୍ରିଏଲ ବୋରିକ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଦୁଇ ଦିନିଆ ରାଷ୍ଟ୍ରୀୟ ଶୋକ ମଧ୍ୟ ଘୋଷଣା କରାଯାଇଛି। ରିପୋର୍ଟ ଅନୁଯାୟୀ ସର୍ବପ୍ରଥମେ 'ଭିନା ଡେଲ ମାର' ଏବଂ ଭଲପରିସୋ ସହରରେ ନିଆଁ ଲାଗିଥିଲା। ଲୋକେ ବଣଭୋଜି କରିବା ପାଇଁ ଏହି ସହରକୁ ଯାଇଥିଲେ। ଏହି ନିଆଁ ବ୍ୟାପି ହଜାର ହଜାର ଘରକୁ ନିଜ କବଳକୁ ନେଇଯାଇଛି। ଲୋକେ ଜୀବନ ବିକଳରେ ଘରଦ୍ୱାର ଛାଡ଼ି ଚାଲି ଯାଉଛନ୍ତି। ରାସ୍ତା କଡ଼ରେ ଅନେକ ଜଳନ୍ତା ମୃତଦେହ ଏବଂ ଗଛ ପଡ଼ିରହିଛି। ଏଥିଯୋଗୁଁ ଟ୍ରାଫିକ ଜାମ୍ ରହିଛି। ଏହି ସ୍ଥିତିରେ କାର୍ ଏବଂ ସେଥିରେ ଯାଉଥିବା ଲୋକ ଜଳି ଯାଉଛନ୍ତି। ନିଆଁ ଯୋଗୁଁ ଚିଲି ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। କ୍ରମାଗତ ଭାବେ ଗରମ ପବନ ପ୍ରବାହିତ ହେଉଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ତାପମାତ୍ରା ବଦଳିଲେ ସ୍ଥିତି ସହଜରେ ନିୟନ୍ତ୍ରଣ କରିହେବ ବୋଲି ଗୃହମନ୍ତ୍ରୀ କହିଛନ୍ତି।

ଧନ୍ୟବାଦ ପ୍ରସ୍ତାବ ଆଲୋଚନାବେଳେ ବିରୋଧୀଙ୍କୁ ମୋଦୀଙ୍କ ନିଶାଣ

# କଂଗ୍ରେସ ପାଇଁ ତାଲା ପଡ଼ିବାର ସମୟ ଆସିଛି

ନୂଆଦିଲ୍ଲୀ, ୫।୨ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଲୋକସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେଇଛନ୍ତି। ମୋଦୀ ଶହେ ମିନିଟର ଅଭିଭାଷଣରେ କଂଗ୍ରେସ, ପରିବାରବାଦ, ଦୁର୍ନୀତି, ନିଯୁକ୍ତି, ଦରଦାମ ବୃଦ୍ଧି, ରାମ ମନ୍ଦିର, ପର୍ଯ୍ୟଟନ, ମହିଳା, କୃଷକ, ଯୁବ ବର୍ଗ, ବିରୋଧୀ ମେଣ୍ଟ ଏବଂ ୧୦ ବର୍ଷର ୟୁପିଏ ବନାମ ଏନ୍‌ଡିଏ ସରକାର କାମ ଉପରେ ଆଲୋଚନା କରିଛନ୍ତି।

ଏହି ସମୟରେ ପ୍ରଧାନମନ୍ତ୍ରୀ ୮୫ ଥର ଦେଶ, ୪୩ ଥର କଂଗ୍ରେସ, ୩୧ ଥର ଭାରତ, ୧୯ ଥର ବିରୋଧୀ, ୧୪ ଥର ମୁଦ୍ରାସ୍ଫିତୀ, ୯ ଥର ପରିବାରବାଦ, ୮ ଥର କୃଷକ-ଯୁବ ବର୍ଗ, ୭ ଥର ଦୁର୍ନୀତି, ନେହେରୁ, ୫ ଥର ଝିଅମାନେ, ୨ ଥର ଇନ୍ଦିରା ଗାନ୍ଧୀଙ୍କ ନାମ ନେଇଥିଲେ। ସେ କହିଥିଲେ ଯେ ଗୋଟିଏ ଉତ୍ପାଦକୁ ବାରମ୍ବାର ଲଞ୍ଚ କରିବା ପ୍ରୟାସରେ କଂଗ୍ରେସ ଦୋକାନରେ ତାଲା ଲାଗିବା ସ୍ଥିତି ସୃଷ୍ଟି ହେଲାଣି। ଦେଶ ସହିତ କଂଗ୍ରେସ ପରିବାରବାଦର ଫଳ ଭୋଗୁଛି। ଏହି ବିରୋଧୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ କ୍ଷମତାରେ ବସି ଥିଲେ। ଏବେ ଏହି ବିରୋଧୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ବିରୋଧୀ ପକ୍ଷରେ ବସିବାକୁ ସଙ୍କଳ୍ପ ନେଇଛି। ଜନତାଙ୍କ ଆଶୀର୍ବାଦରେ ଏମାନେ ଆଗାମୀ ନିର୍ବାଚନରେ ଦର୍ଶକ ଗ୍ୟାଲେରିରେ ବସିବେ। ମୋଦୀ ୨୦୨୪ ନିର୍ବାଚନ ଉପରେ ମଧ୍ୟ ମତ ଦେଇଛନ୍ତି। ଚଳିତ ଥର ସରକାର ୪୦୦ ଆସନ ଜିତିବେ ବୋଲି ସ୍ଥିତି କହୁଛି। ଏକାକୀ ବିଜେପି ୩୭୦ ଆସନ ଜିତିବ। ଏହି କଥା କେବଳ ଦେଶ ନୁହେଁ, ବରଂ କଂଗ୍ରେସ ଅଧ୍ୟକ୍ଷ ଖଡଗେ ମଧ୍ୟ କହୁଛନ୍ତି।

ମୋଦି କହିଛନ୍ତି ଯେ ଆଜି ବିରୋଧୀଙ୍କ ଯେଉଁ ସ୍ଥିତି ହୋଇଛି, ସେଥିପାଇଁ କଂଗ୍ରେସ ଦାୟୀ। କଂଗ୍ରେସକୁ ଏକ ଭଲ ବିରୋଧୀ ଦଳ ହେବାକୁ ସୁଯୋଗ ମିଳିଥିଲା। ୧୦ ବର୍ଷରେ ଅନେକ ସୁଯୋଗ ମିଳିଛି। କିନ୍ତୁ କଂଗ୍ରେସ ଏପରି କଲା ନାହିଁ। ନିଜେ ଏପରି କଲାନି କି ଅନ୍ୟମାନଙ୍କୁ ଏପରି କରିବାକୁ ଦେଲାନି। ଯୁବ ଗୋଷ୍ଠୀ କୌଣସି ସୁଯୋଗ ଦେଲାନାହିଁ। କାରଣ ସେମାନେ ନୂଆ ଚେହେରା ପାଲଟିଯିବାର ଭୟ ଥିଲା। ଦେଶକୁ ଏକ ଭଲ ବିରୋଧୀ ଦଳ ଆବଶ୍ୟକ।



ନିର୍ବାଚନ ପରେ ନ ଥିବେ ବିରୋଧୀ; ଗ୍ୟାଲେରିରେ ବସିବେ ଦର୍ଶକ

ବିରୋଧୀଙ୍କ ଆଜିର ସ୍ଥିତି ପାଇଁ କଂଗ୍ରେସ ଦାୟୀ

## ଊନବିଂଶ ଶତାବ୍ଦୀର ଓଡ଼ିଆ ଭାଷା

ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଓଡ଼ିଆ ଭାଷାରେ ସଂସ୍କୃତ ତତ୍ସମ, ତଦ୍‌ଭବ, ଦ୍ରାବିଡ଼ ଓ ଆଦିବାସୀ ଶବ୍ଦ ସହ ଆମେ କେତେକ ବିଦେଶୀ ଭାଷାର ଶବ୍ଦ ପ୍ରବେଶ ଲାଭ କରିଥିବାର ଲକ୍ଷ୍ୟ କରୁ। ଏହି ବିଦେଶୀ ଭାଷାଗୁଡ଼ିକ ହେଉଛି ପାରସିକ, ଆରବିକ, ତୁର୍କ ଓ ପର୍ତ୍ତୁଗୀଜ। ଓଡ଼ିଆ ଭାଷାରେ ଏହି ଭାଷାଗୁଡ଼ିକର ପ୍ରସାର ସମ୍ପର୍କରେ ସ୍ୱତନ୍ତ୍ର ପରିଚ୍ଛେଦମାନଙ୍କରେ ବିସ୍ତୃତ ଆଲୋଚନା କରାଯିବ। ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ ଏକ ନୂଆ ମୋଡ଼ ସୃଷ୍ଟି କରିଥିଲା। ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରଠାରୁ ବାଣିଜ୍ୟ, ଶାସନ, ନିରାପତ୍ତା ବିଭାଗ, ବିଚାର ବିଭାଗ, ରାଜସ୍ୱ ବିଭାଗ, ଶିକ୍ଷା, ଧର୍ମ ଓ ନାନାବିଧ ନୂତନ ବସ୍ତୁର ପ୍ରଚଳନ ମାଧ୍ୟମରେ ଇଂରାଜୀ ଭାଷା ଓଡ଼ିଆ ଭାଷାରେ ଅନୁପ୍ରବେଶ କଲା। କେବଳ ଶବ୍ଦଗତ ନୁହେଁ, ଧ୍ୱନି ବିଜ୍ଞାନ, ରୂପବିଜ୍ଞାନ, ବାକ୍ୟବିଜ୍ଞାନ ପ୍ରଭୃତି ବହୁ ଦୃଷ୍ଟିରୁ ଓଡ଼ିଆ ଭାଷାରେ ଇଂରାଜୀ ଭାଷାର ପ୍ରଭାବ ପରିଲକ୍ଷିତ ହେଲା। ଓଡ଼ିଆ ଭାଷାରେ ପ୍ରଚଳିତ ଇଂରାଜୀ ଶବ୍ଦ ଅନ୍ୟୁନ ଦୁଇ ହଜାର।

କେବଳ ପାରସିକ, ଆରବିକ, ତୁର୍କ, ପର୍ତ୍ତୁଗୀଜ ଓ ଇଂରାଜୀ ଭାଷାର ଶବ୍ଦ ନୁହେଁ, ବିଶ୍ୱର ବହୁ ଭାଷାର ଶବ୍ଦ ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଅଛି। ସେଗୁଡ଼ିକ ମଧ୍ୟରେ ଫରାସୀ, ଓଲନ୍ଦାଜ, ମାଲୟୀ, ଚୈନିକ, ମେକ୍ସିକୋ, ଗ୍ରୀକ୍, ଜର୍ମାନ, ଲାଟିନ୍, ଡାନିସ୍, ସ୍ଲାଭ, ଇଟାଲୀୟ, ସ୍ପେନୀୟ, ସୁମେରୀୟ, ବାଟାଭିଆନ୍, ଜାପାନୀ, ତୀବ୍‌ବତୀ, ବର୍ମୀୟ, ରୁଷୀୟ, ମିଶରୀୟ ପ୍ରଭୃତି ଭାଷା ଉଲ୍ଲେଖଯୋଗ୍ୟ।

ଊନବିଂଶ ଶତାବ୍ଦୀରେ ମୁଦ୍ରାଯନ୍ତ୍ରର ଆବିଷ୍କାର, ବହୁ ସଂଖ୍ୟାରେ ଆଧୁନିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ପାଶ୍ଚାତ୍ୟ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନା ଦ୍ୱାରା ଓଡ଼ିଆ ସାହିତ୍ୟ ବଳିଷ୍ଠ ଓ ବୈଚିତ୍ର୍ୟପୂର୍ଣ୍ଣ ହୋଇଅଛି। ଏହା ଫଳରେ ଓଡ଼ିଆ ଭାଷାର ବ୍ୟାପକ ବିକାଶ ସାଧିତ ହୋଇଅଛି।

କ୍ରମଶଃ ଓଡ଼ିଆ ଭାଷା ଭାରତର ପ୍ରତିଷ୍ଠିତ ଓ ବଳିଷ୍ଠ ଭାଷାମାନଙ୍କ ମଧ୍ୟରେ ଏକ ଦୃଷ୍ଟି ଆକର୍ଷଣକାରୀ ସ୍ଥାନ ଲାଭକରି ପାରିଅଛି। ଭାରତ ଓ ଭାରତ ବାହାରେ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ଭାଷାର ଅଧ୍ୟୟନ ଓ ଅଧ୍ୟାପନାର ବ୍ୟବସ୍ଥା ରହିଛି। ଓଡ଼ିଆ ଭାଷାର ଐତିହ୍ୟ ଯେପରି ଗୌରବମୟ, ବର୍ତ୍ତମାନ ମଧ୍ୟ ସେହିପରି ସମୃଦ୍ଧମୟ।

# ଓଡ଼ିଆ ଭାଷାର ଅତୀତ ଓ ସାଂପ୍ରତିକ ଗଣମାଧ୍ୟମରେ ଓଡ଼ିଆ ଭାଷା



ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

ଓଡ଼ିଆ ଭାଷା ଇଣ୍ଡୋ-ଇଉରୋପୀୟ ଆର୍ଯ୍ୟ ଶାଖାର ଏକ ସ୍ୱୀକୃତ ଭାଷା। ଏହି ଭାଷା ଅତୀତରେ ଆର୍ଷୀ ପ୍ରାକୃତ, ଉଡ୍ର ପ୍ରାକୃତ, ଅର୍ଦ୍ଧ ମାର୍ଗଧୀ, ଓଡ୍ର ବିଭାଷା, ଉଡ୍ରଜା ପ୍ରାକୃତ ଆଦି ଭାବରେ ପରିଚିତ ଥିଲା। ଏହି ନାମର ପରିବର୍ତ୍ତିତ ପରିଚୟ ହେଉଛି ଓଡ଼ିଆ ଭାଷା। ଆଚାର୍ଯ୍ୟ ଭରତଙ୍କ 'ନାଟ୍ୟଶାସ୍ତ୍ର' ରେ ଯେଉଁ ଉଡ୍ରଜା ପ୍ରାକୃତ / ଉଡ୍ର ବିଭାଷା କଥା କୁହାଯାଇଛି, ଭାଷାତତ୍ତ୍ୱବିଦ୍‌ଙ୍କ ମତରେ ତାହାହିଁ ହେଉଛି ବର୍ତ୍ତମାନର ଓଡ଼ିଆ ଭାଷାର ମୂଳରୂପ। ଅଶୋକଙ୍କ ଧଉଳି ଓ ଜଉଗଡ଼ ଅନୁଶାସନରେ ଏହାର ପ୍ରାଚୀନ ରୂପ ପରିଲକ୍ଷିତ ହୋଇଥାଏ। ଖାରବେଳଙ୍କ ଖଣ୍ଡଗିରି ହାତୀଗୁମ୍ଫା ଶିଳାଲେଖର ଭାଷା ହେଉଛି ଅର୍ଦ୍ଧମାଗଧୀ ପ୍ରାକୃତ ଭାଷା। ଅର୍ଦ୍ଧ-ମାଗଧୀ ପ୍ରାକୃତ ହେଉଛି ଓଡ଼ିଆ ଭାଷାର ମୂଳ। ଖ୍ରୀ:ପୂ ଶତାବ୍ଦୀରୁ ଚତୁର୍ଦ୍ଦଶ / ପଞ୍ଚଦଶ ଶତାବ୍ଦୀ ମଧ୍ୟରେ କଙ୍ଗୋଦ, କୋଶଳ, ଉଡ୍ର, କଳିଙ୍ଗ, ଉତ୍କଳ ଆଦି ପରିଶେଷରେ ଯେଉଁ ନୂଆ ନାମ ପାଇଛି, ତାହା ହେଲା 'ଓଡ଼ିଶା'। ଏହି ଦେଶର ଭାଷା ହେଉଛି 'ଉଡ୍ର ବିଭାଷା' ବୋଲି ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ରହିଛି। ପ୍ରାୟ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ସ୍ପଷ୍ଟ ରୂପ ପରିଲକ୍ଷିତ ହୋଇଥାଏ ଶୈଳଭବ ବଂଶର ମହାରାଣୀ କଲ୍ୟାଣୀ ମହାଦେବୀଙ୍କ ଦ୍ୱାରା ପ୍ରଦତ୍ତ 'ନିବିନା' ତାମ୍ରଶାସନରେ। ଜୈନମାନ ଯାହାକୁ ଅର୍ଦ୍ଧମାଗଧୀ ବୋଲି କହିଥାନ୍ତି ଓ ଯେଉଁ ଭାଷାରେ ସେମାନେ ତାଙ୍କର ଧର୍ମ ପ୍ରଚାର କାର୍ଯ୍ୟ କରିଛନ୍ତି, ତାହା ବର୍ତ୍ତମାନର ଓଡ଼ିଆ ଭାଷା ବୋଲି କେହି କେହି ଅନୁମାନ କରିଥାନ୍ତି। ୧୦୫୧ ଖ୍ରୀ: ର ଉରଜାମ ଶିଳାଲେଖରେ ଓଡ଼ିଆ ଲିପିର ସ୍ପଷ୍ଟ ସଙ୍କେତ ରହିଛି। ଗ୍ରୀୟରସନ୍ ଓଡ଼ିଆ ଭାଷାକୁ ପ୍ରାଚୀନ ସଂସ୍କୃତଠାରୁ ଅଧିକ ପ୍ରାଚୀନ ବୋଲି କହିଥାନ୍ତି। ଗବେଷକ ସୁନୀତ କୁମାର ଚାଟାର୍ଜୀ ଓଡ଼ିଆ, ବଙ୍ଗଳା ଓ ଅସମିଆ ଭାଷା ମଧ୍ୟରେ ଓଡ଼ିଆ ଭାଷାକୁ ଜ୍ୟେଷ୍ଠ ଭଗ୍ନୀର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦୃଷ୍ଟିରୁ ଦେଖିଲେ ଓଡ଼ିଆ ଭାଷାର ପ୍ରାଚୀନତାକୁ ସ୍ୱୀକାର କରିବାକୁ ହେବ। କେହି କେହି ମତ ଦେଇ କହିଥାନ୍ତି ଏକାଦଶ ଶତାବ୍ଦୀ ବେଳକୁ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାର ସୃଷ୍ଟି। ହିନ୍ଦୀ, ମରାଠି, ଓଡ଼ିଆ, ବଙ୍ଗଳା ଇତ୍ୟାଦି ଉତ୍ତର ଭାରତ ବା ଆର୍ଯ୍ୟାବର୍ତ୍ତର ଭାଷା। ଦକ୍ଷିଣ ଭାରତୀୟ ଭାଷାକୁ ଦ୍ରାବିଡ଼ ଗୋଷ୍ଠୀର ଭାଷାବୋଲି କୁହାଯାଇଥାଏ। ତେଲୁଗୁ, ତାମିଲ୍, କନ୍ନଡ଼, ମାଲାୟାଲମ୍ ଇତ୍ୟାଦି ଏହି ଭାଷାର ଅନ୍ତର୍ଭୁକ୍ତ। ଅଷ୍ଟ୍ରିକ ଗୋଷ୍ଠୀର ନାମ ଆଦିବାସୀ ଭାଷା। ବିଶ୍ୱର ପ୍ରାୟ ସମସ୍ତ ଭାଷା ପରିବର୍ତ୍ତିତ ହୋଇଚାଲିଛି, ଓଡ଼ିଆ ଭାଷା ଏହି ପରିବର୍ତ୍ତନରୁ ବାଦ୍ ପଡ଼ିନାହିଁ। ଇଲୋକ୍ଟ୍ରନିକ ଗଣମାଧ୍ୟମ ଏବଂ ଇଣ୍ଟରନେଟ୍‌ର କ୍ଷିପ୍ର ପ୍ରସାର ଯୋଗୁଁ ନବ୍ୟ-ସାମାଜିକ ଗଣମାଧ୍ୟମର ଲୋକପ୍ରିୟତା ବୃଦ୍ଧିପାଇଛି ଏବଂ ଭାଷାର ସ୍ୱରୂପକୁ ମଧ୍ୟ ବହୁ ଭାବରେ ପ୍ରଭାବିତ କରିଛି। ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷାପରି ଗଣମାଧ୍ୟମର ପ୍ରଭାବ ପାଇଁ ଓଡ଼ିଆ ଭାଷାର ଲିଖନଶୈଳୀ, ଉପସ୍ଥାପନ ଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ଆସିଛି।

ବର୍ତ୍ତମାନର ଯୁବପିଢ଼ି ପାଇଁ ସବୁଠାରୁ ପ୍ରିୟ ସୋସିଆଲ ମିଡ଼ିଆ ହୋଇଛି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍। ଫେସ୍‌ବୁକ୍‌ର ଆରମ୍ଭ ୨୦୦୪ ମସିହା ଫେବୃଆରୀ ମାସ ୪ ତାରିଖରେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଛାତ୍ର ଜୁକର ବର୍ଗଙ୍କ ଦ୍ୱାରା। ସେହିପରି ହ୍ୱାଟ୍ସଆପ୍ ଜନତବାସ ତାଙ୍କ ବନ୍ଧୁ ବ୍ରିଆନ୍ ଆକ୍ଟନ୍ ତକ୍‌ଙ୍କ ସହ ମିଶି ୨୦୦୯ ମସିହାରେ ଆରମ୍ଭ କରିଥିଲେ। ବିଶ୍ୱରେ ସାମାଜିକ ଗଣମାଧ୍ୟମର ବ୍ୟବହାର୧୯୯୭ ରେ ହୋଇଛି। ଗୋଟିଏ ପରିସଂଖ୍ୟାନରୁ ଜଣାଯାଇଛି ୨୦୨୨ ବେଳକୁ ଭାରତରେ ୪୭ କୋଟିରୁ ଅଧିକ ଲୋକ ସାମାଜିକ ଗଣମାଧ୍ୟମର ବ୍ୟବହାର କରିଛି। ସମଗ୍ର ବିଶ୍ୱରେ ୪୧୫ କୋଟିରୁ ଅଧିକ ଲୋକ ଇଣ୍ଟରନେଟ୍ କବଳରେ କବଳିତ। ଭାରତରେ ତାମିଲ ଭାଷାରେ ସର୍ବାଧିକ (ପ୍ରାୟ ୪୨%) ଇଣ୍ଟରନେଟ୍ ଗ୍ରହଣଯୋଗ୍ୟ ଭାଷା ହୋଇସାରିଛି।

ଅନ୍ୟାନ୍ୟ ଭାଷାପରି ଇଣ୍ଟରନେଟ୍‌ର ବ୍ୟବହାର ଯୋଗୁଁ ଓଡ଼ିଆ ଭାଷା ତାର ବର୍ଣ୍ଣନା ଧର୍ମିତା ପରିହାର କରି ଉପସ୍ଥାପନ ଧର୍ମିତାରେ ପରିଣତ ହୋଇଛି। ବର୍ତ୍ତମାନ ଆମେ ଏକ ଖେଚୁଡ଼ି ଭାଷାକୁ ବାରମ୍ବାର ଭେଟୁଛି। କେତେବେଳେ ଇଂରାଜୀ ଭାଷା ସହିତ ଖ ଅନ୍ୟ କେତେବେଳେ ହିନ୍ଦୀ ଭାଷା ସହିତ ଓଡ଼ିଆ ଭାଷାକୁ ମିଶାଇ ବ୍ୟବହାର କରାଯାଉଛି। ବର୍ତ୍ତମାନ କ'ଣ କରୁଛୁ ବାକ୍ୟଟିକୁ ହ୍ୱାଟ୍ସଆପ୍ ବା ଇଣ୍ଟରନେଟ୍ "Karu6u" ପରି ଲେଖାଯାଉଛି। ଇଂରାଜୀ 6 (ଛଅ) ସହିତ U (ୟୁ) ମିଶି ଓଡ଼ିଆ 'ଛୁ' ହୋଇଯାଇଛି। ଇଂରାଜୀ ଭାଷାର ବହୁଳ ବ୍ୟବହାର ପ୍ରାଦେଶିକ ଭାଷା ଉପରେ ଗଭୀର ପ୍ରଭାବ ପକାଉଅଛି। ଯେପରି Have a nice day କୁ HAND ରୂପେ, Just for fun ପାଇଁ J4F ଲେଖାଯାଉଛି 4 ଇଂରାଜୀ ସଂଖ୍ୟା For (Four) ପରି ଉଚ୍ଚାରିତ ହେଉଛି। ଇଣ୍ଟରନେଟ୍‌ରେ ବାର୍ତ୍ତାକୁ ଯଥା ସମ୍ଭବ ସଂକ୍ଷିପ୍ତରେ ପ୍ରକାଶ କରାଯିବାର ଉଦ୍ୟମ ହେଉଛି। ଯେପରି Good Night କୁ Gud Ni8 କୁହାଯାଉଛି। ଇଂରାଜୀ 8 ସଂଖ୍ୟା (Eight) Ni ସହିତ ମିଶି ନାଇ+ଟ୍ = ନାଇଟ୍ ହୋଇଯାଉଛି। ଭାବନାକୁ ଓଡ଼ିଆରେ ପ୍ରକାଶ କରିବାକୁ ସିଲେବଲ୍‌କୁ ଗାଣିତିକ ଅଙ୍କ ସଙ୍ଗରେ ଲେଖାଯାଉଛି। ଏହାଦ୍ୱାରା ସଂକ୍ଷିପ୍ତୀକରଣ ସହିତ ଭାବର ସାଙ୍କେତିକତାକୁ ପ୍ରକାଶ କରାଯାଇପାରୁଛି। ଯେପରି For ପାଇଁ 4, to ପାଇଁ 2, ଦୁଇଟି ପାଇଁ 2t , 'ଖବର' ପାଇଁ Kh12, 'ଯିବି' ପାଇଁ GB, 'ଟିକେ' ପାଇଁ ଆଦିର ବ୍ୟବହାର ହେଉଛି। ଇଂରାଜୀ 4 ସଂଖ୍ୟା ଓଡ଼ିଆ ଉଚ୍ଚାରଣରେ For (ଫର୍) ହୋଇଯାଇଛି; ଇଂରାଜୀ '2' ସଂଖ୍ୟା ଓଡ଼ିଆରେ ଟୁ (କୁ ଅର୍ଥରେ) ହେଉଛି। 2 t (2 ର ଇଂରାଜୀ ଉଚ୍ଚାରଣ to ) ର ଅର୍ଥ ହୋଇଛି 2 ବା ଦୁଇ 't' ବା 'ଟି' ଦୁଇଟି ମିଶିଗଲେ ହେବ ଦୁଇଟି। 'Kh'"ଖ' ପାଇଁ , '12' 'ବାର' ପାଇଁ ବ୍ୟବହୃତ ଶବ୍ଦଟି ଗଠିତ ହୋଇଛି ଖ+ବର = ଖବର। ସେହିପରି ଓଡ଼ିଆ 'ଯି' ପାଇଁ ଇଂରାଜୀ 'G' ଓ ଓଡ଼ିଆ 'ବି' ପାଇଁ ଇଂରାଜୀ 'B' ବ୍ୟବହୃତ ଶବ୍ଦଟି ଓଡ଼ିଆର 'ଯିବି' ଅର୍ଥକୁ ପ୍ରକାଶ କରୁଛି।

ଆଜି ସାମାଜିକ ଗଣମାଧ୍ୟମ ବିଶ୍ୱର ସମସ୍ତ ଭାଷାକୁ ପ୍ରଭାବିତ କରିପାରିଛି। ଓଡ଼ିଆ ଭାଷା ମଧ୍ୟ ସେହି ପ୍ରଭାବରୁ ମୁକ୍ତ ହୋଇପାରିନାହିଁ। ଗୋଟିଏ ସମୟ ଥିଲା ଯେତେବେଳେ ଓଡ଼ିଆ ଭାଷା ନିଜର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିଲା। ଆଜି ବିଶ୍ୱର ସମସ୍ତ ଭାଷା ଗୋଟିଏ ଡଙ୍ଗାରେ ଯାତ୍ରା କରୁଛନ୍ତି ଓ ତାହା ହେଲା ସାମାଜିକ ଗଣମାଧ୍ୟମର ଡଙ୍ଗା। ତେଣୁ ବିଶ୍ୱର ପ୍ରତ୍ୟେକ ଭାଷା ଆଜି ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହେଉଥିବାରୁ ତାର ରୂପରେ ବହୁବିଧ ପରିବର୍ତ୍ତନ ସାଧିତ ହୋଇଛି। ଏହି ପରିବର୍ତ୍ତନର ସ୍ରୋତ ଏତେ ପ୍ରଖର ଯେ, ତାକୁ ଅଟକାଇବା ଆଉ ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ଭାଷା ଆଜି ନୂଆ ରୂପରେ ନିଜକୁ ପ୍ରକାଶ କରିବାକୁ ବାଧ୍ୟ ହେଉଛନ୍ତି। ଓଡ଼ିଆ ଭାଷାରେ ଆଜି ଯେଉଁ ପରିବର୍ତ୍ତନ ଦେଖାଦେଇଛି, ତାହା ମଧ୍ୟ ସେହି ସାମାଜିକ ଗଣମାଧ୍ୟମର ପ୍ରଭାବ। ଏକବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଆଜିର ଡିଜିଟାଲ ଭାଷା ପ୍ରଭାବରୁ ମୁକ୍ତ ହେବା ସମ୍ଭବ ନୁହେଁ। କାରଣ ପରିବର୍ତ୍ତନ ଏକ ସ୍ୱାଭାବିକ ନିୟମ। ତେଣୁ ତାକୁ ଆପଣାଇବାକୁ ପଡ଼ିବ।

ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ମୋ: ୯୯୩୭୭୯୫୦୫୫



## ପାଲିଭାଷା ସହିତ ଓଡ଼ିଆ ଭାଷାର ସମ୍ପର୍କ

ପାଲିଭାଷା ଓ ଓଡ଼ିଆ ଭାଷା ମଧ୍ୟରେ କାଳଗତ ବ୍ୟବଧାନ ପ୍ରାୟ ଦେଢ଼ ହଜାର ବର୍ଷ। ତେଣୁ ପାଲି ଭାଷା ସହିତ ଓଡ଼ିଆ ଭାଷାର ପ୍ରତ୍ୟକ୍ଷ ସମ୍ପର୍କ ନାହିଁ। ଅପଭ୍ରଂଶ ସହିତ ଓଡ଼ିଆ ଭାଷାର ଯେପରି ଘନିଷ୍ଠ ସମ୍ପର୍କ ରହିଛି ପାଲିଭାଷା ସହିତ ଏହାର ସେପରି ଘନିଷ୍ଠ ସମ୍ପର୍କ ନାହିଁ। (୧) ତଥାପି ପାଲି ଓ ଓଡ଼ିଆ ଭାଷା ମଧ୍ୟରେ ଉଲ୍ଲେଖଯୋଗ୍ୟ ସୌସାଦୃଶ୍ୟ ଲକ୍ଷ୍ୟ କରାଯାଇଥାଏ। ଏହାର ଦୁଇଟି କାରଣ ନିର୍ଣ୍ଣୟ କରାଯାଇପାରେ।

(କ) ପାଲିର ଜନ୍ମସ୍ଥାନ ସମ୍ପର୍କରେ ଭିନ୍ନ ଭିନ୍ନ ମତ ଦେଖାଯାଏ। ତହିଁରୁ ଗୋଟିଏ ମତ ହେଉଛି – କଳିଙ୍ଗ ପାଲିଭାଷାର ଜନ୍ମସ୍ଥାନ। ଏ ମତର ପରିପୋଷକ ହେଉଛନ୍ତି ପ୍ରାଚ୍ୟତତ୍ତ୍ୱବିଦ୍ ଜର୍ମାନ ପଣ୍ଡିତ ହରମ୍ୟାନ ଓଲ୍‌ଡନ୍‌ବର୍ଗ। ତାଙ୍କ ମତରେ, ସିଂହଳରେ ପାଲିଭାଷା ମାଧ୍ୟମରେ ଧର୍ମ ପ୍ରଚାରିତ ହେବା ମୂଳରେ ରହିଛି କଳିଙ୍ଗ ଦେଶର ପାଲିଭାଷାର ପ୍ରଭାବ। ଯେଉଁ ସ୍ଥବିରପନ୍ଥୀ ବୌଦ୍ଧମାନେ ସିଂହଳରେ ଧର୍ମପ୍ରଚାର କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ସେମାନେ ହେଉଛନ୍ତି ଦକ୍ଷିଣାଞ୍ଚଳର ଅଧିବାସୀ। (୨) ବୌଦ୍ଧଧର୍ମର ସ୍ଥବିରବାଦ ଏକ ସମୟରେ କଳିଙ୍ଗରେ ପ୍ରାଧାନ୍ୟ ଲାଭ କରିଥିଲା। (୩) ଅଶୋକଙ୍କ ରାଜତ୍ୱକାଳରୁ ବୌଦ୍ଧଧର୍ମ କଳିଙ୍ଗରେ ବହୁଳ ପ୍ରସାର ଲାଭ କରିଥିଲା। ଅଶୋକଙ୍କ ଭାଇ ତିସ୍‌ସ କଳିଙ୍ଗରେ ଶେଷ ଜୀବନ ଅତିବାହିତ କରିଥିଲେ। ସେ ଥିଲେ ସ୍ଥବିରବାଦର ଜଣେ ପ୍ରଧାନ ପ୍ରଚାରକ। ତାଙ୍କର ଗୁରୁ ଧର୍ମରକ୍ଷିତ କଳିଙ୍ଗର ଭୋଜନଗିରି ବିହାରଠାରେ ବହୁକାଳ ରହି କଳିଙ୍ଗବାସୀଙ୍କୁ ସ୍ଥବିରବାଦ (ଥେରବାଦ) ରେ ଦୀକ୍ଷିତ କରାଇଥିଲେ। (୪) ଏହି ଥେରବାଦୀମାନେ କଳିଙ୍ଗ ଭାଷାରେ ଥେରବାଦର ପ୍ରଚାର କରୁଥିଲେ। ତେଣୁ ସେ ସମୟରେ ପାଲି ଥିଲା ଓଡ଼ିଶାର କଥିତ ଭାଷା। ସିଂହଳ ସହିତ କଳିଙ୍ଗର ଘନିଷ୍ଠ ସମ୍ପର୍କ ଥିବାରୁ କଳିଙ୍ଗର ପାଲିଭାଷା ସିଂହଳବାସୀମାନେ ବୁଝିପାରୁଥିଲେ। ଭାରତର ବୌଦ୍ଧଧର୍ମ ପ୍ରଚାରକମାନେ ସିଂହଳରେ ଧର୍ମପ୍ରଚାରରେ ସହାୟକ ହେବା ପାଇଁ ମଧ୍ୟ କଳିଙ୍ଗବାସୀମାନଙ୍କୁ ସଙ୍ଗରେ ସିଂହଳ ନେଉଯାଉଥିଲେ ଓ କଳିଙ୍ଗର ପାଲିଭାଷାରେ ଧର୍ମପ୍ରଚାର କରାଉଥିଲେ।

(ଖ) ପାଲିଭାଷା ସହିତ ଅର୍ଦ୍ଧମାଗଧୀର ଘନିଷ୍ଠ ସମ୍ପର୍କ ରହିଛି। ଅର୍ଦ୍ଧମାଗଧୀ ସହିତ ପୂର୍ବମାଗଧୀ ଅପଭ୍ରଂଶର ଘନିଷ୍ଠ ସମ୍ପର୍କ ରହିଛି। ପୂର୍ବମାଗଧୀ ଅପଭ୍ରଂଶରୁ ଓଡ଼ିଆ ଭାଷାର ସୃଷ୍ଟି। ତେଣୁ ଅର୍ଦ୍ଧମାଗଧୀ ସହିତ ଓଡ଼ିଆ ଭାଷାର ଅଦୂର ସମ୍ପର୍କ ରହିଛି। ଓଡ଼ିଶାରେ ଧଉଳଗିରି ଓ ଜଉଗଡ଼ରେ ଆବିଷ୍କୃତ ଅଶୋକଙ୍କ ଅନୁଶାସନର ଭାଷାରେ ପାଲି ଓ ଅର୍ଦ୍ଧମାଗଧୀର ମିଶ୍ରିତ ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତାହା ହିଁ ତତ୍କାଳର କଳିଙ୍ଗର ଭାଷା। ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ପାଲିଭାଷା ଓ ଅର୍ଦ୍ଧମାଗଧୀ ଭାଷାର ମିଶ୍ରଣ ଦେଖିବାକୁ ମିଳେ। (୫) ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ମତରେ ଓଡ଼ିଶାରେ ଶୈଳେନ୍ଦ୍ର ବଂଶ, ଭୌମକର ବଂଶ ଓ ସୋମବଂଶର ରାଜତ୍ୱକାଳରେ ଅର୍ଦ୍ଧମାଗଧୀ (ପାଲିର ଏକ ବିକଶିତ ରୂପ) ପ୍ରଭାବିତ ପୂର୍ବମାଗଧୀ ପ୍ରାକୃତ (ଔଡ୍ରୀପ୍ରାକୃତ)ରୁ କ୍ରମଶଃ ଓଡ଼ିଆ ଭାଷା ବିବର୍ତ୍ତିତ ହୋଇଅଛି। (୬) ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ମତରେ ଅର୍ଦ୍ଧମାଗଧୀ (ପାଲି) ଅପଭ୍ରଂଶରୁ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଅଛି।(୭)

ତେଣୁ ପାଲିଭାଷା ସହିତ ଓଡ଼ିଆ ଭାଷାର ସାଦୃଶ୍ୟ ରହିବା ସ୍ୱାଭାବିକ। ପାଲିଭାଷା ସହିତ ଓଡ଼ିଆ ଭାଷାର ନିମ୍ନଲିଖିତ ସାଦୃଶ୍ୟ ପରିଲକ୍ଷିତ ହୋଇଥାଏ।

# ଓଡ଼ିଆ ଭାଷାପ୍ରତି ଜନ୍ ବୀମ୍ସଙ୍କ ଅବଦାନ



ଲଲାଟେନ୍ଦୁ ଦାସ ମହାପାତ୍ର

ଊନବିଂଶ ଶତାବ୍ଦୀର ଦ୍ୱିତୀୟଭାଗ ବେଳକୁ ଯେଉଁ ସମୟରେ ଓଡ଼ିଆ ଭାଷା ଏକ ସଂକଟଜନକ ସ୍ଥିତିରେ ଗତିକରୁଥିଲା, ସେହି ସ୍ଥିତିରୁ ଭାଷାକୁ ରକ୍ଷା କରିବା ପାଇଁ ଯେଉଁମାନଙ୍କର ପ୍ରମୁଖ ଭୂମିକା ରହିଥିଲା ସେମାନଙ୍କ ମଧ୍ୟରେ ଜନ୍ ବୀମ୍ସ ଅନ୍ୟତମ। ସେ ୨୧ଜୁନ୍ ୧୮୩୭ରେ ଲଣ୍ଡନର ଗ୍ରିନ୍‌ଉଇଚ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ୨୪ ମଇ ୧୯୦୨ରେ ତାଙ୍କର ତିରୋଧାନ ଘଟିଥିଲା। ୧୮୬୯ରୁ ୧୮୭୮ ପର୍ଯ୍ୟନ୍ତ ସେ ପ୍ରଥମେ ବାଲେଶ୍ୱର ଏବଂ ପରେ କଟକରେ କଲେକ୍ଟର ଭାବେ କାର୍ଯ୍ୟ କରିଥିଲେ। ଟି.ଇ. ରେଭେନ୍ସାଙ୍କ ଅନୁପସ୍ଥିତିରେ ସେ ୧୦ମାସ ପାଇଁ ଓଡ଼ିଶା ଡିଭିଜନର ଅସ୍ଥାୟୀ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। କହିବା ବାହୁଲ୍ୟ ଯେ ସେହି ସମୟରେ ଜନ୍ ବୀମ୍ସଙ୍କ ଭଳି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାଷାତତ୍ତ୍ୱବିତ୍ ଓଡ଼ିଶାର ନଥିଲେ ବା ସେ ଓଡ଼ିଆ ଭାଷାପ୍ରତି ଆଗ୍ରହ ପ୍ରକାଶ କରିନଥିଲେ ଭାଷାର ସ୍ଥିତି ଯେ ଆଜି କଣ ହୋଇଥାନ୍ତା ତାହା କହିହୋଇ ନ ଥାନ୍ତା। କାରଣ ଯେଉଁ ସମୟରେ ଭାରତୀୟ ବୌଦ୍ଧିକ ଜଗତର ଅନ୍ୟତମ ଶ୍ରେଷ୍ଠ ଓ ସମ୍ମାନୀୟ ବ୍ୟକ୍ତି ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଆ ଭାଷା ପ୍ରତି ଯେପରି କଟାକ୍ଷ ଓ ଷଣ୍ଢଆସି ଆକ୍ରମଣ ଚଳାଉଥାନ୍ତି, ତାଙ୍କର ସେହି କୁଟଯୁକ୍ତିଭରା ଆସ୍ପର୍ଦ୍ଧାବାନ ବୌଦ୍ଧିକ ବିତର୍କକୁ ଖଣ୍ଡନ କରିବା ପାଇଁ ସେ ସମୟରେ ଓଡ଼ିଶାର କୌଣସି ବୁଦ୍ଧିଜୀବୀଙ୍କ କ୍ଷମତା ନଥିଲା। ସେ ସମୟରେ ନୂଆହୋଇ ଓଡ଼ିଶାକୁ ଆସିଥିବା ବାଲେଶ୍ୱର କଲେକ୍ଟର ଜନ୍ ବୀମ୍ସ ହିଁ ମିତ୍ରଙ୍କ ସମସ୍ତ ଯୁକ୍ତିର ଭିତ୍ତିହୀନତା ପ୍ରମାଣ କରି ତାଙ୍କର ଆହ୍ୱାନକୁ ପ୍ରଭାବ ବିହୀନ କରିଥିଲେ।

ରାଜେନ୍ଦ୍ରଲାଲଙ୍କ ନେତୃତ୍ୱରେ ବଙ୍ଗୀୟ ବୁଦ୍ଧିଜୀବୀମାନେ ଯେଉଁ ଯୁକ୍ତି ବଳରେ ଓଡ଼ିଶାରେ ଓଡ଼ିଆ ଭାଷାର ଉଚ୍ଛେଦ ଚାହୁଁଥିଲେ ତାହା ହେଲା, ଓଡ଼ିଆ ଭାଷା ବଙ୍ଗ ଭାଷାରୁ ଉତ୍ପତ୍ତି ହୋଇଥିବାରୁ ତାହା ବଙ୍ଗଳାର ଗୋଟିଏ ଉପଭାଷା, ତେଣୁ ଏହାକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବାର କୌଣସି କାରଣ ନାହିଁ। ବଙ୍ଗଳାର ଅନ୍ୟ ପ୍ରାନ୍ତମାନଙ୍କରେ ଯେମିତି ବହୁ ଉପଭାଷା ରହିଛି, ଓଡ଼ିଆ ସେହିପରି ଏକ ଉପଭାଷା। ତେଣୁ ଏହାକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେଇ ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନ ଦେବାର କୌଣସି ଯଥାର୍ଥତା ନାହିଁ, କାରଣ ଏହି ଭାଷାରେ ଯଥେଷ୍ଟ ପାଠ୍ୟ ପୁସ୍ତକ ନାହିଁ। ତେଣୁ ବଙ୍ଗଳାରେ ଶିକ୍ଷାଦାନ ହେଲେ ଓଡ଼ିଆ ଛାତ୍ରଛାତ୍ରୀମାନେ ଯଥେଷ୍ଟ ପାଠ୍ୟ ପୁସ୍ତକ ପଢ଼ିବାର ସୁଯୋଗ ପାଇବେ ଓ ସେମାନଙ୍କର ବୌଦ୍ଧିକ ବିକାଶ ହୋଇ ଭୌତିକ ଉନ୍ନତି ହେବ। ତେଣୁ ପ୍ରକୃତ ଅର୍ଥରେ ଯେଉଁମାନେ ଓଡ଼ିଶାର ହିତାକାଂକ୍ଷୀ ସେମାନେ ଓଡ଼ିଶାରେ ବଙ୍ଗଳା ଭାଷାକୁ ବିନା ଦ୍ୱିଧାରେ ଗ୍ରହଣ କରିନେବା ଉଚିତ।



ରାଜେନ୍ଦ୍ରଲାଲଙ୍କ ଏକପ୍ରକାର କୂଟ ଯୁକ୍ତିର ଜବାବ ଯଦିଓ ଗୌରୀଶଙ୍କର ରାୟ ଓ ଫକୀରମୋହନ ସେନାପତି ସେମାନଙ୍କ ଦ୍ୱାରା ପ୍ରକାଶିତ ସମ୍ବାଦପତ୍ରମାନଙ୍କରେ ରଖୁଥିଲେ ତଥାପି ତାହା ସରକାରୀ ମହଲରେ ଉଚ୍ଚସ୍ତରରେ କର୍ମକର୍ତ୍ତାମାନଙ୍କୁ ପ୍ରଭାବିତ କରିବା ପାଇଁ ଯଥେଷ୍ଟ ନଥିଲା। ସେଥିପାଇଁ ବାଲେଶ୍ୱରର ବଙ୍ଗାଳୀ ଶିକ୍ଷାବିତ୍‌ମାନେ ବାଲେଶ୍ୱର ସ୍କୁଲମାନଙ୍କରେ ବଙ୍ଗଳା ଭାଷାରେ ଶିକ୍ଷା ଦେବା ପାଇଁ ସ୍କୁଲ ଇନ୍ସପେକ୍ଟରଙ୍କ ଠାରୁ ଗୋଟାଏ ଆଦେଶନାମା ନେଇଆସିଲେ। ଏହାପରେ ବାଲେଶ୍ୱରରେ ଫକୀରମୋହନ ସେନାପତିଙ୍କ ନେତୃତ୍ୱରେ ଯେଉଁ ପ୍ରତିବାଦ ହେଲା, ତାହାକୁ କଲେକ୍ଟର ଜନ୍ ବିମ୍ସ ଗୁରୁତ୍ୱର ସହିତ ବିଚାର କରିଥିଲେ। ସେହି ସମୟରେ ସେ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ତୁଳନାତ୍ମକ ଅଧ୍ୟୟନ କରୁଥିବାରୁ ସେ ନିଜେ ଏହି ପ୍ରସଙ୍ଗକୁ ଅଧିକ ଗଭୀର ଭାବରେ ଅଧ୍ୟୟନ କରି ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ତାହା ହେଲା ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାରେ ରଚିତ ପ୍ରାଚୀନ ପଦ୍ୟ ସାହିତ୍ୟର ତୁଳନା କଲେ ଏହା ସ୍ପଷ୍ଟ ହୁଏ ଯେ ତିନିଶହ ବର୍ଷ ପୂର୍ବରୁ ଓଡ଼ିଆ ଭାଷା ଓ ଆଜିର ଓଡ଼ିଆ ଭାଷା ମଧ୍ୟରେ ବିଶେଷ କୌଣସି ପାର୍ଥକ୍ୟ ନାହିଁ, କିନ୍ତୁ ପ୍ରାଚୀନ ବଙ୍ଗଳା ଭାଷାମାନଙ୍କରେ ମୈଥିଳୀ ଭାଷାର ପ୍ରଭାବ ଅନେକ ପରିଲକ୍ଷିତ ହୁଏ। ତେଣୁ ସମୟରେ ବଙ୍ଗଳା ଏକ ପୂର୍ଣ୍ଣାଙ୍ଗ ଭାଷା ରୂପେ ପ୍ରତିଷ୍ଠିତ ହୋଇ ନଥିଲା, ସେହି ସମୟ ବେଳକୁ ଓଡ଼ିଆ ଏକ ପୂର୍ଣ୍ଣାଙ୍ଗ ଭାଷାରୂପେ ପ୍ରତିଷ୍ଠିତ ହୋଇ ସାରିଥିଲା। ତେଣୁ ବଙ୍ଗଳାରୁ ଉତ୍ପତ୍ତି ବୋଲି ମତ ଦେବା ହାସ୍ୟାସ୍ପଦ।

ବୀମ୍ସଙ୍କ ଏହି ଯୁକ୍ତି ହିଁ ସେତେବେଳେ ରାଜେନ୍ଦ୍ରଲାଲଙ୍କ କୂଟଯୁକ୍ତିକୁ ପ୍ରଭାବହୀନ କରିଥିଲା। ଯେହେତୁ ସେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ ଭାଷାତତ୍ତ୍ୱବିତ୍ ଥିଲେ ତେଣୁ ତାଙ୍କର ମତାମତକୁ ହିଁ ସରକାର ଗୁରୁତର ସହିତ ବିଚାର କରି ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଚଳନ କରିଥିଲେ।

କେବଳ ଯେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟତା ଉପରେ ବୀମସ୍‌ଙ୍କର ମତ ରହିଥିଲା ତାହା ନୁହେଁ ଓଡ଼ିଆ ସଂସ୍କୃତି ଓ ଲୋକପରମ୍ପରା ଉପରେ ମଧ୍ୟ ବୀମ୍ସ କେତେଗୁଡ଼ିଏ ପ୍ରବନ୍ଧ ଲେଖି ଓଡ଼ିଆ ଜାତି କିପରି ବଙ୍ଗଳାଠାରୁ ବହୁ ଦୃଷ୍ଟିରୁ ଭିନ୍ନ ଓ ଏହାର ନିଜର ମୌଳିକତା ରହିଛି ତାହା ଦର୍ଶାଇଥିଲେ। ଫକୀରମୋହନଙ୍କ ଗଦ୍ୟରୀତିରେ ଯେ ବୀମ୍‌ସଙ୍କର ପ୍ରଭାବ ରହିଥିଲା ତାହା ଫକୀରମୋହନ ନିଜେ ସ୍ୱୀକାର କରିଛନ୍ତି। ୧୮୭୦ ପୂର୍ବରୁ ଓଡ଼ିଆ ଭାଷାରେ ଯାହା ଗଦ୍ୟଶୈଳୀ ଥିଲା ସେଗୁଡ଼ିକ କିଛି ପରିମାଣରେ ଦୁର୍ବୋଧ ଥିଲା। ଓଡ଼ିଆ ପଣ୍ଡିତମାନେ ଅହେତୁକ ଭାବରେ ସଂସ୍କୃତମିଶା ବାକ୍ୟ ଗଦ୍ୟମାନଙ୍କରେ ପ୍ରୟୋଗ କରୁଥିବାରୁ ସେଗୁଡ଼ିକ ଦୁର୍ବୋଧ ଥିଲା। ଫକୀରମୋହନଙ୍କ ୧୮୭୦ ପୂର୍ବର ଗଦ୍ୟଶୈଳୀକୁ ଲକ୍ଷ୍ୟ କଲେ ଏ ପ୍ରକାର ଦୋଷ ପରିଲକ୍ଷିତ ହୁଏ। ସେଥିପାଇଁ ଜନ୍ ବୀମ୍ସ ଓ ପାଦ୍ରୀ ଇ.ସି.ବି. ହାଲାମ ତାଙ୍କୁ ସରଳ ଓ ଲୋକମୁଖର ଭାଷା ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କଠାରୁ ଏ ପରାମର୍ଶ ପାଇଲା ପରେ ଫକୀରମୋହନ ତାଙ୍କ ଗଦ୍ୟରେ କଥିତ ଭାଷାର ପ୍ରୟୋଗ ଆରମ୍ଭ କଲେ ଯେଉଁଥିପାଇଁ ତାଙ୍କ ଲେଖାଗୁଡ଼ିକ ଅଧିକ ଆଦୃତ ହେଲା। ବୀମ୍ସ ନିଜେ କହୁଥାନ୍ତି ଯେ ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାର ପଣ୍ଡିତମାନେ ସେମାନଙ୍କ ଭାଷାର ଶୁଦ୍ଧତା ପ୍ରମାଣ କରିବାକୁ ଯାଇ ଓ ନିଜର ପାଣ୍ଡିତ୍ୟର ଅହମିକା ଦେଖାଇବାକୁ ଯାଇ ସେମାନଙ୍କ ଗଦ୍ୟରେ ଅତ୍ୟଧିକ ସଂସ୍କୃତ ତତ୍ସମ ଶବ୍ଦ ବ୍ୟବହାର କରନ୍ତି, ଯାହାଫଳରେ ଉଭୟ ଭାଷା ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଏହାଫଳରେ ଉଭୟ ବଙ୍ଗାଳୀ ଓ ଓଡ଼ିଆ ପଣ୍ଡିତମାନେ ଦାବି କରିପାରନ୍ତି ଯେ ସେମାନଙ୍କ ଭାଷା ହିଁ ମୂଳ ଭାଷା ଯେଉଁଥିରୁ ଅପର ଭାଷାର ସୃଷ୍ଟି। କିନ୍ତୁ ଲୋକମୁଖରେ ପ୍ରଚଳିତ ଦେଶଜ ଶବ୍ଦକୁ ସେମାନେ ପ୍ରୟୋଗ କରନ୍ତି ନାହିଁ ଯାହାଦ୍ୱାରା ସେମାନଙ୍କ ଭାଷାରେ ସ୍ଥାଣୁତା ଆସିଯାଇଅଛି। ବୀମ୍‌ସଙ୍କର ଏହି ପରାମର୍ଶ ହିଁ ଫକୀରମୋହନ ଗଦ୍ୟରୀତିକୁ ବଦଳାଇ ଦେଇଥିଲା ଯାହା ପାଇଁ ଆଜି ସେ କଥା ସମ୍ରାଟ ଆଖ୍ୟା ପାଇପାରିଛନ୍ତି।

୧୮୭୦ ରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଥିବା ଓଡ଼ିଆ ଭାଷା ଆଜି ଏକମାତ୍ର ଆର୍ଯ୍ୟଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରି ଯେଉଁ ସୋପାନରେ ରହିଛି, ତା' ମୂଳରେ ଜନ ବୀମ୍‌ସଙ୍କର ସେହି ମହାନ ଅବଦାନକୁ ସହଜରେ ଭୁଲି ହେବନାହିଁ। ଓଡ଼ିଆ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପ୍ରେକ୍ଷାପଟରେ ସେହି ମହନୀୟ ପ୍ରତିଭାଙ୍କର ପୂଜା କରିବାର ସମୟ ଆସିଛି।

ଦୂରଭାଷ: ୯୪୩୭୪୬୮୭୮୧

# ବଲାଙ୍ଗିର ସାଂସଦଙ୍କ ବିରୋଧରେ ଗର୍ଜିଲେ ବିଜେଡି ନେତା

**କଣ୍ଟାବାଞ୍ଜି/ତୁରେକେଲା, ୫।୨(ସମିସ)**

କଣ୍ଟାବାଞ୍ଜି ସହର ସହ ନିର୍ବାଚନମଣ୍ଡଳୀରେ ଗତ ୫ ବର୍ଷରେ ବଲାଙ୍ଗିର ସାଂସଦଙ୍କ ଉଦ୍ୟମରେ କି ବିକାଶ ହୋଇଛି ତା'ର ହିସାବ ମାଗିଛି ବିଜେଡି। ଏହି ପରିପ୍ରେକ୍ଷୀରେ ଦଳର ବରିଷ୍ଠ ନେତା ଅଜୟ ଦାସ ସୋମବାର କଣ୍ଟାବାଞ୍ଜିରେ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦଙ୍କ ପ୍ରତି ବର୍ଷିଛନ୍ତି। ତାଙ୍କ ବେଶ୍

## କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ୫ ବର୍ଷରେ ବିକାଶର ହିସାବ ମାଗିଲା ବିଜେଡି

ସମାଲୋଚନା କରିଛନ୍ତି। ଗତ ରବିବାର ସାଂସଦ ସଂଗୀତା ସିଂଦେଓ କଣ୍ଟାବାଞ୍ଜିରେ ସାମ୍ବାଦିକଙ୍କୁ ଦେଇଥିବା ସୂଚନା ଆଧାରରେ ସୋମବାର ବିଜେଡିର ସାମ୍ବାଦିକ ସମ୍ମିଳନୀ ବିଜେପି ଉପରେ କଡ଼ା ପ୍ରହାର ବୋଲି ଆଲୋଚନା ହେଉଛି। ଗତକାଲି ଶ୍ରୀମତୀ ସିଂଦେଓ କଣ୍ଟାବାଞ୍ଜିରେ ରେଳ ୱାଗନ୍ କାରଖାନା ହେବା ନେଇ ପୁଣି ସ୍ୱପ୍ନ ଦେଖାଇଥିଲେ।

ଏଠାରେ ରେଳ ବିଭାଗର ୭ଶହ ଏକରରୁ ଉର୍ଦ୍ଧ୍ୱ ଜମି ଥିବା ବେଳେ କିଛି ବର୍ଷ ତଳେ କଣ୍ଟାବାଞ୍ଜି ଗସ୍ତରେ ଥିବା ରେଳ ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଅନେକ ସଂଗଠନର ପ୍ରତିନିଧି ଭେଟିଥିଲେ। ସ୍ଥାନୀୟ



ଇନ୍ଦ୍ରାଛକରେ ହୋଇଥିବା ସାଧାରଣ ସଭାରେ ରେଳମନ୍ତ୍ରୀ କଣ୍ଟାବାଞ୍ଜି ରେଳଷ୍ଟେସନ୍‌ର ବିକାଶ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏ ପର୍ଯ୍ୟନ୍ତ ଏନେଇ କୌଣସି ଠୋସ୍ ସଙ୍କେତ ମିଳି ନଥିବାରୁ ବଲାଙ୍ଗିର ସାଂସଦଙ୍କ ପୁଣି ରେଳ ୱାଗନ୍ ଛଳନାକୁ କଡ଼ା ସମାଲୋଚନା କରିଛି ବିଜେଡି।

୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟ ଏଭଳି ରେଳ ୱାଗନ କାରଖାନା ସହ ବେକାରୀ ସମସ୍ୟା ଦୂର କରାଯିବ ବୋଲି ସାଂସଦ କହିଥିଲେ। ତାଙ୍କ ୫ ବର୍ଷ କାର୍ଯ୍ୟକାଳ ଶେଷ ହେବା ସମୟରେ ସେ ସାମ୍ବାଦିକ ସମ୍ମିଳନୀ ଡାକି କଣ୍ଟାବାଞ୍ଜିର ବିକାଶ କଥା କହୁଥିବାରୁ ଏହାକୁ ଏକ ଉପହାସ ବୋଲି ବିଜେଡି ତୀବ୍ର ନିନ୍ଦା କରିଛି। ଏହି ପରିପ୍ରେକ୍ଷୀରେ ରେଳ ବିଭାଗ ଅଧୀନରେ ଥିବା ପମ୍ପୁ ତଳାବର ପୁନରୁଦ୍ଧାର କେବେ କରାଯିବ ବୋଲି ବିଜେଡି ସାଂସଦଙ୍କୁ ପ୍ରଶ୍ନ କରିଛି।

କଣ୍ଟାବାଞ୍ଜି ସହର ଏନ୍‌ଏସି ଛକ ନିକଟରେ ଏକ ଭୂତଳ ପୋଲ ନିର୍ମାଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର ହୋଇଯାଇଛି। ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି ଗତ ୩ ବର୍ଷ ହେଲା କହି ଆସୁଛନ୍ତି କିନ୍ତୁ କାହିଁକି ଆଜିଯାଏ କାମ ଶେଷ ହୋଇ ନାହିଁ ? ପୂର୍ବରୁ ମୁରିବାହାଲ ରେଳଷ୍ଟେସନରେ ପୁରୀ ଦୁର୍ଗ ଇଣ୍ଟରସିଟି ଟ୍ରେନ ରହଣି ଥିଲା ବେଳେ ଏହାକୁ ପୁନଃଚଳାଚଳ କରାଯାଇ ପାରିନାହିଁ। ଜଣେ ଯାତ୍ରୀ ମୁରିବାହାଲରୁ ଭୁବନେଶ୍ୱର ଯିବା ପାଇଁ ୨ଶହ ଟଙ୍କା ଖର୍ଚ୍ଚ ବଦଳରେ ରେଳସେବା ପାଇଁ ମୁରିବାହାଲରୁ କଣ୍ଟାବାଞ୍ଜି କିମ୍ବା ଟିଟିଲାଗଡ ଯିବା ପାଇଁ ୧୦୦୦ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପାଇଁ ସାଂସଦ ମହୋଦୟା କ'ଣ ପଦକ୍ଷେପ ନେଇଛନ୍ତି ? ବୋଲି ବିଜେଡି ନେତା ଅଜୟ ଦାସ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଂପାଦକ ବିନୟ ବିଭାର, ଯୁବ ସଂପାଦକ ଶାନ୍ତନୁ ବିଭାର, ବରିଷ୍ଠ ବିଜେଡି ନେତା ପ୍ରମୋଦ କର, କଣ୍ଟାବାଞ୍ଜି ନଗର ଯୁବ ସଭାପତି ବିଶାଳ ବେହେରା, ବିଷ୍ଣୁ ବେହେରା ଉପସ୍ଥିତ ଥିଲେ।

# ରାମଚନ୍ଦ୍ରପୁର ପାକ୍ସରେ ଧାନ ଅନ୍‌ଲୋଡିଂ ଅନିୟମିତତା; ତଦନ୍ତ ଆରମ୍ଭ

**ଦେଓଗାଁ, ୫।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ କୃଷିସେବା ସମବାୟ ସମିତିରେ ରାତିରେ ଧାନ ଅନଲୋଡିଂ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର



ଅପରାହ୍ନରେ ଏଆରସିଏସ ରାଧାକୃଷ୍ଣ ମେହେର, ଏସଏଆରସିଏସ ରବୀନ୍ଦ୍ର ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ରାମଚନ୍ଦ୍ରପୁର ପାକ୍ସ ପହଞ୍ଚି ସମ୍ପୃକ୍ତ ସମ୍ପାଦକ ଭଗବାନ ଗଡ଼ତ୍ୟା, ଡାଟା ଏଣ୍ଟ୍ରି ଅପରେଟର ଯୋଗେନ୍ଦ୍ର ବାଗ, ପରିଚାଳନା ପରିଷଦ ସଭାପତି ଶୁକ୍ରୁ ଛତ୍ରିଆଙ୍କୁ ଡାକି ସବିଶେଷ ତଦନ୍ତ କରିଥିଲେ। ଗତ ରାତିରେ ଅନଲୋଡିଂ ହୋଇଥିବା ଧାନ ପ୍ରାୟ ୭୪୦ ବସ୍ତା ଧାନ ଗୋଦାମରେ ଗଚ୍ଛିତ ଥିବା ଦେଖିଥିଲେ। ସେହିଧାନ କେଉଁଠୁ ଓ କେଉଁ ଚାଷୀ ଆଣିଛି ସେ ବିଷୟରେ ସମ୍ପୃକ୍ତ ସମ୍ପାଦକଙ୍କୁ ପଚାରିଥିଲେ। ସେମାନେ ସଠିକ ତଥ୍ୟ ଦେଇନ ପାରିବାରୁ ବିଭାଗୀୟ ଅଧିକାରୀ ମାନେ ବେଆଇନ ଭାବେ ଧାନ ଏଣ୍ଟ୍ରି ହୋଇଥିବା ସନ୍ଦେହ କରିଥିଲେ। ଏ ସମ୍ପର୍କରେ ଏଆରସିଏସ ଶ୍ରୀ ମେହେରଙ୍କୁ ପଚାରିବାରୁ ତଦନ୍ତ କରିଛୁ ଘଟଣାକୁ ନେଇ ସନ୍ଦେହ ରହିଛି ବୋଲି କହିବା ସହ ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିବୁ ବୋଲି କହିଥିଲେ।

# ପିଟିଦେଲା ପିକ୍‌ଅପ୍; ଦୁଇ ମୃତ

**ବେଲପଡା, ୫।୨(ସମିସ):** ବେଲପଡା ଥାନା କପାଣି ବସଷ୍ଟାଣ୍ଡ ନିକଟରେ ବାଇକ ଏବଂ ପିକଅପ ଭ୍ୟାନ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦୁଇ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବେଲପଡା ଥାନା ଡୁଙ୍ଗରିଗୁଡା ଗାଁର ପରମେଶ୍ୱର ଧରୁଆ ଏବଂ କ୍ଷୀରସିନ୍ଧୁ ସା। ଏମାନେ ଗୋଟେ ବାହାଘର ଭୋଜି ଖାଇ କପା ମିଲ୍‌କୁ କାମ କରିବାକୁ ଯାଉଥିଲେ। ଭ୍ୟାନଟି ଦ୍ରୁତ ଗତିରେ ଧକ୍କା ଦେଇ ଫେରାର ହୋଇଥିଲା। ପାଟଣାଗଡ଼ ଡାକ୍ତରଖାନାରେ ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଏନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

### ସୁଲେକେଲା ଦାଦନ ଶ୍ରମିକ ମୃତ୍ୟୁ ଘଟଣା

# ଉଦ୍ଧାର ହୋଇ ଗାଁ ଫେରୁଛି ନାବାଳିକା ଝିଅ

**ବେଲପଡା, ୫।୨(ସମିସ):** ବେଲପଡା ବ୍ଲକ ସୁଲେକେଲା ଗାଁର ଦାଦନ ଶ୍ରମିକ କାହ୍ନୁ ମଲିକଙ୍କ ସୋମବାର ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ନିର୍ଯାତିତ ଅବସ୍ଥାରେ ସେ ଘରକୁ ଫେରିଥିବା ବେଳେ ଅସୁସ୍ଥତା ହେତୁ ତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ, ବନ୍ଧା ପଡ଼ିଥିବା ନାବାଳିକା ଝିଅକୁ ଉଦ୍ଧାର କରିଥିବା ସୂଚନା ଦେଇଛି ପ୍ରଶାସନ। ଦାଦନ ଯାଇ ଶ୍ରମିକ ପରିବାରର ଝିଅ ବନ୍ଧକ ଥିଲେ। ବେଆଇନ ଦାଦନ ଯୋଗୁଁ ଏପରି ହୋଇଥିବା ସୂଚନା ମିଳିଛି। ଘଟଣାର ଦିନକ ପରେ ପାଟଣାଗଡ଼ ଶ୍ରମ ନିରୀକ୍ଷକ ବିନୋଦ ବିହାରୀ ନାଏକ ଏବଂ ଅଶୋକ ତୁମ୍‌ତୁମ ଗାଁରେ ପହଞ୍ଚି ପରିବାର ସହ ଆଲୋଚନା କରିଛନ୍ତି।

ଅଭିଯୋଗ ହୋଇଛି ଯେ କାହ୍ନୁ ମଲିକ ୪ ଜଣ ସଦସ୍ୟଙ୍କ ସହ ଆନ୍ଧ୍ରପ୍ରଦେଶର ସାତ ନଗର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ଓ ଅସୁସ୍ଥ ଅବସ୍ଥାରେ ସପରିବାର ଫେରିଥିଲେ। ତେବେ, ତାଙ୍କ ୧୧ ବର୍ଷର ଝିଅକୁ ସେଠାରେ ବନ୍ଧକ ରଖାଯାଇଥିଲା। ଜିଲ୍ଲା ପରିଷଦ ଅନିମା ଦାସ ପରିବାର ଲୋକଙ୍କୁ କିଛି ଆର୍ଥିକ ସହାୟତା ଦେବା ସହ ବେଲପଡା ତହସିଲଦାର ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ।।ଦେଇଛନ୍ତି।

### ଲକ୍ଷ୍ମୀ ବସ୍‌ରେ ଚାକିରି ନାଁରେ ଠକେଇ ଘଟଣା

# ଟାଉନ ପୁଲିସ ଛାଡ଼ିଲା, ଜେଲ୍‌ରେ ପୁରାଇଲା ଟିଟିଲାଗଡ଼ ପୁଲିସ

**ବଲାଙ୍ଗିର, ୫।୨(ସମିସ):** ଲକ୍ଷ୍ମୀ ବସରେ ଚାକିରି କରାଇବା ନାମରେ ବଲାଙ୍ଗିରରେ ଏକ ବଡ ରାକେଟ୍ ଚାଲିଥିବା ବେଳେ ପୁଲିସର ଖାମଖିଆଲି ମନୋଭାବ ପରିଲକ୍ଷିତ ହେଉଛି। ଆଉ କିଛି ଦିନ ପରେ ଜିଲ୍ଲାରେ ଲକ୍ଷ୍ମୀ ବସ ଆରମ୍ଭ ହେବାକୁ ଥିବା ବେଳେ ଏହି ବସରେ ଚାକିରି କରାଇବା ନାମରେ କିଛି ଠକ ଟଙ୍କା ନେଇ ବେକାର ଯୁବକଙ୍କୁ ଭକୁଆ ବନାଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଠକଙ୍କୁ ଟିଟିଲାଗଡ଼ ପୁଲିସ ଗିରଫ କରିସାରିଛି। କିଛି ଘଣ୍ଟା ପରେ ଟାଉନ ପୁଲିସ ଏହି ଅଭିଯୁକ୍ତକୁ ଛାଡି ଦେଇଥିଲା। ଏହାର କିଛି ଦିନ ପରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରିବା ପୁଲିସର ଖାମଖିଆଲି ମନୋଭାବକୁ ଏବେ ପଦାରେ ପକାଇଛି।

ଗତ ଗୁରୁବାର ବଲାଙ୍ଗିର ଜଗର୍ସ ପାର୍କରେ କିଛି ଯୁବକଙ୍କୁ ଡକାଇ ଜଣେ ବ୍ୟକ୍ତି ଲକ୍ଷ୍ମୀ ବସରେ ଚାକିରି କରାଇବା ନାମରେ ଟଙ୍କା ସଂଗ୍ରହ କରୁଥିଲା। ସୋନପୁର, ବୌଦ୍ଧ, କନ୍ଧମାଳ ଭଳି ଜିଲ୍ଲାର ଯୁବକମାନେ ଏହି ଲିଙ୍କରେ ରହିଥିବା ବେଳେ ସ୍ଥାନୀୟ ଲୋକେ କିଛି ଖାତା ଜବତ କରିଥିଲେ ଯେଉଁଥିରେ ଯୁବକଙ୍କ ସମସ୍ତ ସୂଚନା ରହିଥିଲା। ଠକେଇ କାରବାର ଅଭିଯୋଗରେ ପୁଲିସ ରାୟଗଡ଼ା ଗୁଣୁପୁର ଅଞ୍ଚଳର ସରୋଜ ଲିମାକୁ ଅଟକ ରଖି କିଛି ଘଣ୍ଟା ପରେ ଛାଡିଦେଇଥିଲା। ଏନେଇ ଥାନାଧିକାରୀ କହିଥିଲେ ଯେ ଉକ୍ତ ଠକେଇ ନେଇ କୌଣସି ଅଭିଯୋଗ ହୋଇ ନଥିବାରୁ ତାଙ୍କୁ ଛଡାଯାଇଛି। ଆବଶ୍ୟକ ହେଲେ ପୁଣି ତାଙ୍କୁ ଡକାଯିବ ବୋଲି କହିଥିଲେ। ଏହାର ଠିକ ଦୁଇ ଦିନ ପରେ ସମ୍ପୃକ୍ତ ସରୋଜ ଲିମା ଓ ଆଉ ଜଣେ ସହଯୋଗୀ ବେଣୁଗୋପାଳ ବେହେରାଙ୍କୁ ଟିଟିଲାଗଡ଼ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଓଏସଆରଟିସି ଅଧିକାରୀଙ୍କ ଅଭିଯୋଗକ୍ରମେ ଉଭୟଙ୍କୁ ଗିରଫ କରାଯାଇଥିବା ପୁଲିସ କହିଥିଲା। ଏଠି ପ୍ରଶ୍ନ ଉଠୁଛି, ଯଦି ଅଭିଯୋଗ ସତ୍ୟ ଥିଲା ତେବେ ଟାଉନ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଗିରଫ କରିପାରିଥାନ୍ତା କିନ୍ତୁ କାହିଁକି କଲା ନାହିଁ। ଏହିଭଳି ଅନେକ ପ୍ରଶ୍ନ ଭିତରେ ଟାଉନ ପୁଲିସର କାର୍ଯ୍ୟ ବିବାଦୀୟ ହୋଇଥିବା ବେଳେ ଏହି ରାକେଟ୍‌ରେ ଆହୁରି କିଛି ଯୁବକ ସାମିଲ ଥିବା ଅଭିଯୋଗ ହୋଇଛି।

# ଜିଲ୍ଲା ମୁଖ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ବଲାଙ୍ଗିର, ୫।୨(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲାପାଳଙ୍କ ପୁରୁଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମହେନ୍ଦ୍ର ମହାପାତ୍ର, ମୁଖ୍ୟ ଉନୟନ ଅଧିକାରୀ ସୁଶାନ୍ତ ସିଂ, ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ। ସମୁଦାୟ ୧୪୨ଟି ଅଭିଯୋଗ ମଧ୍ୟରୁ ୧୩୪ଟି ବ୍ୟକ୍ତିଗତ ଏବଂ ୮ଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା। ଉପ ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେରଚନ୍ଦ୍ର ମହନ୍ତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, କିଲଟାରୀର ସ୍ନିଗଧାରାଣୀ ତ୍ରିପାଠୀ, ଡିସିପିଓ ଲକ୍ଷ୍ମୀ ସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୀଳାବତୀ ନାଗ, ଏସଡିପିଓ ତୋଫାନ ବାଗ, ସିଡିଭିଓ ସୁକାରାମ ମୁଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବାସ ବେହେରା ଉପସ୍ଥିତ ଥିଲେ ।




# ଗାଁସାଥୀ ସଙ୍ଘର ଦାବିପତ୍ର

ଖପ୍ରାଖୋଲ, ୫।୨(ସମିସ) ଗାଁସାଥି ସଂଘ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ବିଜୟ ହୋତାଙ୍କୁ ପ୍ରଦାନ କରାଯାଇଛି। ଗାଁସାଥୀଙ୍କୁ ମାସିକ ୧୦ହଜାର ଟଙ୍କା ଦରମା ପ୍ରଦାନ ସହ ସରକାରୀ ମାନ୍ୟତା, ସ୍ମାର୍ଟ ଫୋନ ପ୍ରଦାନ ଆଦି ଦାବି ରହିଛି। ଏହି ଅବସରରେ ସଂଘର ବ୍ଲକ ସଭାପତି ତପିନ୍ଦ୍ର ସୁନା, ରୋହିତ ଭୋଇ, ବିନୋଦ ପ୍ରଧାନ, ସରୋଜ ସାହୁ ପ୍ରମୁଖ ଶତାଧିକ ଗାଁସାଥୀ ଉପସ୍ଥିତ ଥିଲେ।











# ଆଶା ଆଶଙ୍କାରେ ଉଜ୍ଜ୍ୱଳା ଦିଦି

# ଗ୍ୟାସ ବଟ୍‌ଲିଂ ପ୍ଲାଣ୍ଟ ସମ୍ମୁଖରେ ଧାରଣା

**ବଲାଙ୍ଗିର, ୫।୨(ସମିସ):** ଗତ ୫ ବର୍ଷ ହେଲା ଆମେ ନିଯୁକ୍ତି ପାଇଛୁ। ହେଲେ ଆମର କାମ କଣ ତାହା ଆଜିଯାଏଁ ଆମେ ଜାଣିନାହୁଁ। କେହି ଆମ କଥା ଶୁଣୁନାହାନ୍ତି। ଶେଷରେ ଆମେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛୁ। ଏହାଥିଲା ଧାରଣାରତ ଉଜ୍ଜ୍ୱଳା ଦିଦି ମାନଙ୍କ ପ୍ରତିକ୍ରିୟା। ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା କର୍ମଚାରୀ ସଂଘ ତରଫରୁ ସାରା ରାଜ୍ୟରେ ଉଜ୍ଜ୍ୱଳା ଦିଦିମାନେ ଧାରଣା ଦେଉଛନ୍ତି। ଏହି କ୍ରମରେ ବଲାଙ୍ଗିର ସଦର ବ୍ଲକ ଅଧିନସ୍ଥ ବରକାନୀ ଗ୍ରାମରେ ରହିଥିବା ଏଲପିଜି ଗ୍ୟାସ ବଟଲିଂ ପ୍ଲାଣ୍ଟରେ ବଲାଙ୍ଗିର ର ଉଜଳା ଦିଦି ମାନେ ଧାରଣା ଦେଇଛନ୍ତି। ୬ ଦଫା ଦାବି ମଧ୍ୟରେ ଉଜଳା ଦିଦିଙ୍କୁ କାମ ଯୋଗାଇଦେବା ସହ ଉପଯୁକ୍ତ ପାରିଶ୍ରମିକ ଯୋଗାଇ ଦିଆଯାଉ ବୋଲି ପ୍ରଥମ ଦାବି ରହିଥିଲା। ସେହିଭଳି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତିଟି ଉପଭୋକ୍ତାଙ୍କର ବାଧ୍ୟତାମୂଳକ ସିଲିଣ୍ଡର ଯାଞ୍ଚ ଉଜ୍ଜ୍ୱଳା ଦିଦିଙ୍କ ଦ୍ୱାରା କରାଯାଉ, ପ୍ରତି ପଞ୍ଚାୟତ ଓ ମ୍ୟୁନିସିପାଲଟିରେ ଉଜଳା ଦିଦିଙ୍କ ଦ୍ୱାରା ଗ୍ୟାସ ବିତରଣ କେନ୍ଦ୍ର ଖୋଲାଯାଉ ଆଦି ଦାବି ରହିଛି। ଜିଲ୍ଲାର ପ୍ରାୟ ୩୦ ଜଣ ଉଜ୍ଜ୍ୱଳା ଦିଦି ଧାରଣାରେ ସାମିଲ ଥିଲେ।




# ଲାଠୋରରେ ନୂତନ ଥାନାଧିକାରୀ

ଖପ୍ରାଖୋଲ, ୫।୨(ସମିସ): ଖପ୍ରାଖୋଲ ବ୍ଲକ ଲାଠୋର ଥାନାରେ ଥାନା ଅଧିକାରୀ ଭାବରେ ରାକେଶ ବେହେରା ଯୋଗଦାନ କରିଛନ୍ତି। ସେ



ପୂର୍ବରୁ ବଲାଙ୍ଗିର ସଦର ଥାନାରେ କାର୍ଯ୍ୟରତ ଥିଲେ। ଯୋଗଦାନ ପରେ ସେ ଲାଠୋର ଅଞ୍ଚଳରେ ଆଇନଶୃଙ୍ଖଳା। ପରିସ୍ଥିତି ନିୟନ୍ତ୍ରଣ, ବେଆଇନ ଦାଦନ ଚାଲାଣ ରୋକିବା ସହ ଆଇନ ଅନୁସାରେ ଲୋକଙ୍କୁ ନ୍ୟାୟ ଦେବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ଥାନାଧିକାରୀ ଝସକେତନ ଭୋଇଙ୍କୁ ସମ୍ବଲପୁର ବଦଳି ହୋଇଥିବା ଜଣାପଡିଛି।

# ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ବଦଳରେ ବିସ୍କୁଟ ଓ ମିକ୍ସଚର

**ଜୟପାଟଣା, ୫।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଅଲାଉଟା ସରକାରୀ ଉନ୍ନତି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବଦଳରେ ବିସ୍କୁଟ ମିକ୍ସଚର ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିବ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଦୁଇ ମାସ ହେବ ରହିଛନ୍ତି। ସୋମବାର କୋଣସି କାରଣବଶତଃ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ନ ଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପାଖରେ ଅଭିଯୋଗ ହେଲା ପରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ଯୋଶୀ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଡାକି ମଧ୍ୟାହ୍ନ ଭୋଜନ ନ ଦେବା କାରଣ ପଚାରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ ତାଙ୍କୁ ଦେଉଥିବା ମଧ୍ୟାହ୍ନ ଭୋଜନ ଭଲ ଲାଗୁ ନ ଥିବା ଏବଂ କମ ପରିମାଣରେ ମଧ ଦେଉଥିବା ଅଭିଯୋଗ କରିଛନ୍ତି।



ଅନ୍ୟପକ୍ଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଦନ୍ତ ରିପୋର୍ଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦେବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ସ୍କୁଲ ଖୋଲା, ହେଲେ ଶିକ୍ଷକ ଆସିଲେନି

## ବିନା ମଧ୍ୟାହ୍ନ ଭୋଜନରେ ଘରକୁ ଫେରିଲେ ଛାତ୍ରଛାତ୍ରୀ

**କୋକସରା, ୫।୨(ସମିସ)**

କୋକସରା ବ୍ଲକ ଅନ୍ତର୍ଗତ ଉପାନ୍ତ ଖଲିଗଡ଼ ପରଜାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟ ଖୋଲାଥିଲା, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ହେଲେ ବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ମଧ୍ୟରୁ କାହାରି ଦେଖା ଦର୍ଶନ ନ ଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ଦୁଇ ଜଣ ଶିକ୍ଷକ ଓ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ନିମନ୍ତେ ଦୁଇ ଜଣ ପାଚିକା ନିୟୋଜିତ ରହିଛନ୍ତି। ସୋମବାର ବିଦ୍ୟାଳୟକୁ କୌଣସି ଶିକ୍ଷକ ଆସି ନଥିଲେ। ପାଚିକା ମାନେ ତାଲା ଖୋଲିବା ପରେ ଛାତ୍ରଛାତ୍ରୀମାନେ ଶ୍ରେଣୀରେ ବସିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପୁରୁନ କନ୍ଧଙ୍କ ସମେତ ଅଭିଭାବକ ମାନେ ବିଦ୍ୟାଳୟକୁ ଆସି ଗୋଟାଏ ପର୍ଯ୍ୟନ୍ତ ଶିକ୍ଷକମାନଙ୍କୁ ଅପେକ୍ଷା କରିଥିଲେ ହେଁ ସେମାନେ ଆସି ନଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏପରିକି ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା। ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଖଗେଶ୍ୱର ଧଙ୍ଗଡାମାଝୀ ଓ ସହ ଶିକ୍ଷକ ବସନ୍ତ କୁମାର ଦାସ ରହିଛନ୍ତି। ଗତ ୨୬ ଜାନୁଆରୀରେ ସ୍କୁଲରେ କୌଣସି ଶିକ୍ଷକ ଉପସ୍ଥିତ ନ ରହିବାରୁ ସାଧାରଣତନ୍ତ୍ର ଦିବସ ମଧ ପାଳନ ହୋଇ ନ ଥିଲା। ଏ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମକୁ ଅବଗତ କରିବା ପରେ ତୁରନ୍ତ ସିଆରସିସି ସୁବାଷ ବାଗ ସ୍କୁଲରେ ପହଞ୍ଚି ବନ୍ଦ ଥିବା ଦେଖିବାକୁ ପାଇଥିଲେ। ପରେ ସ୍କୁଲର ଅଧ୍ୟକ୍ଷ ଓ ପାଚିକାଙ୍କ ଉପସ୍ଥିତରେ ଅଫିସ୍ ଖୋଲି ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମତାମତ ନେବାରୁ ବିଇଓଙ୍କୁ ଅବଗତ କରାଯିବ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି

**ଭବାନୀପାଟଣା, ୫।୨(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି



ଜନଶୁଣାଣି ଶିବିରରେ ମୋଟ ୧୫୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୧ଟି ବ୍ୟକ୍ତିଗତ ଓ ୧୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବଳିତ ଥିଲା। ୧୭ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଜଣ ଏବଂ ରେଡକ୍ରସ ପାଣ୍ଠି ରୁ ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଏହି ଶିବିରରେ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ଭବାନୀ ପାଟଣା ଉପଜିଲ୍ଲାପାଳ ଡ ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନର୍ଲାରେ ନୂତନ ବିଡିଓଙ୍କ ଯୋଗଦାନ

**ନର୍ଲା, ୫।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ସୋମବାର ରିପୁନାଥ ସୁନା ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ବିଡିଓ ଭାବରେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ନୂତନ ବିଡ଼ିଓଙ୍କୁ ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକର ସମସ୍ତ କର୍ମଚାରୀ, ସର୍ଗିଗୁଡା ସମିତି ସଭ୍ୟ ଚିରଞ୍ଜିବୀ ଗଉଡିଆ, ନର୍ଲା ପ୍ରେସ୍ କ୍ଲବ ସଦସ୍ୟ ସୁଶାନ୍ତ ଚାନ୍ଦ, ମନୋଜ ଷଡ଼ଙ୍ଗୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।



# ଫୁଟବଲ ପ୍ରଶିକ୍ଷଣ ଶିବିର

**ଧର୍ମଗଡ଼, ୫।୨ (ସମିସ):** ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ତରଫରୁ ଏକ ଫୁଟବଲ ପ୍ରଶିକ୍ଷଣ ଶିବିର ଜାନୁଆରୀ ୩୦ରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜର ଅଧ୍ୟକ୍ଷ ଏସ ଜଗନ୍ନାଥ ରାଓ ଉଦଘାଟନ କରିଥିଲେ। ଉକ୍ତ ସଭାରେ ଅତିଥି ଭାବରେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଥୁ. ରାମପୁର ପ୍ରଫେସର ସରୋଜ ପଣ୍ଡା, କ୍ରୀଡ଼ା ଉପସଭାପତି ମାଧବ ଲହଜଲ ଓ କ୍ରୀଡ଼ା ସଂସ୍ଥା ସଭ୍ୟ ଉପସ୍ଥିତ ଥିଲେ। ଶିବିରରେ ୧୮ ଜଣ ଫୁଟବଲ ଖେଳାଳି ପ୍ରଶିକ୍ଷଣ ନେଉଥିଲେ। ଉକ୍ତ ଶିବିରକୁ ଅଭୟ କୁମାର ବାଗ ଖେଳ ଶିକ୍ଷକ, କାର୍ତ୍ତିକ ଚନ୍ଦ୍ର ସାହୁ କ୍ରୀଡାବିତ୍, ସନ୍ତୋଷ ପାଣିଗ୍ରାହୀ ଖେଳ ଶିକ୍ଷକ, ଶିବା ମାଝୀ ଫୁଟବଲ ପ୍ରଶିକ୍ଷଣ ଦେଉଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଏସ ଜଗନ୍ନାଥ ରାଓ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ତତ୍ ସଙ୍ଗେସଙ୍ଗେ କଲେଜ ଇଂରାଜୀ ବିଭାଗର ଅଧ୍ୟାପକ ଲିଙ୍ଗରାଜ ପାତ୍ର, ଶିବରାମ ମିଶ୍ର, କାର୍ତ୍ତିକ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଖେଳ ସମ୍ପାଦକ ଘନଶ୍ୟାମ ବେହେରା ଏବଂ ଅଭୟ କୁମାର ବାଗ ଖେଳ ଶିକ୍ଷକ ଶିବିର ପରିଚାଳନା କରିଥିଲେ। ଉକ୍ତ ଟିମ ରାଜ୍ୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଅଭିମୁଖେ ଯାତ୍ରାରମ୍ଭ କରିବ।

# ଅଶୁରଗଡ଼ ବିକାଶ ସଙ୍ଗଠନର ସ୍ୱଚ୍ଛ ଭାରତ ଅଭିଯାନ

**ନର୍ଲା, ୫।୨(ସମିସ):** ନର୍ଲା ବ୍ଲକ ଅଶୁରଗଡ଼ ବିକାଶ ସଂଗଠନ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଭରତ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଭୂତେଶ୍ୱର ନାଏକ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଛୁରିଆ, ଉପସଭାପତି ଶଙ୍କର ବାହୁକ ଓ ବେଣୁପାଣି ତଥା ଅନ୍ୟ ୩୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ ଯୋଗ ଦେଇ ଅଶୁରଗଡ଼ ଗ୍ରାମ ସଫେଇ କାର୍ଯ୍ୟ କରିଥିଲେ।

# ରାସ୍ତା ପାଇଁ କୁମୁଟିମୁଣ୍ଡା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଫେରାଦ

**ନୂଆପଡ଼ା, ୫।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁମୁଟିମୁଣ୍ଡା ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା କାମ ଚାଲିଛି; ହେଲେ ଜଣେ ଚାଷୀଙ୍କ ଜମି ଏଥିରେ ବାଧକ ସାଜୁଥିବାରୁ କାମ ଅଧାରେ ବନ୍ଦ ହୋଇପଡ଼ିଛି। ଏହାକୁ ନେଇ ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି।

କୁମୁଟିମୁଣ୍ଡ ଏକ ଉପାନ୍ତ ଗାଁ। ଏହି ଗାଁ ପାଇଁ ଏକ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ସକାଶେ ଦାବି ହୋଇ ଆସୁଥିଲା। ଶେଷରେ ଗ୍ରାମ୍ୟ ନିର୍ମାଣ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଭେଲା ପଞ୍ଚାୟତର କ୍ରିଷ୍ଟାଠାରୁ ଠୋଙ୍ଗୋ ପର୍ଯ୍ୟନ୍ତ ୧୦/୧୧କିମି ରାସ୍ତା ତିଆରି ହେଉଛି। ଏହା ଜଡାମୁଣ୍ଡା ପଞ୍ଚାୟତର କୁମୁଟିମୁଣ୍ଡା ବରପଦର ପଡ଼ା ଦେଇ ଯାଉଛି; ହେଲେ ଏହି ପଡ଼ା ନିକଟରେ ଜଣେ ବ୍ୟକ୍ତି ତାଙ୍କର ପଟ୍ଟାଭୁକ୍ତ ଜମି ରହିଥିବା ଦର୍ଶାଇ ଅଭିଯୋଗ କରିବା ହେତୁ କାମ ବନ୍ଦ ହୋଇପଡ଼ିଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇଆସୁଥିଲେ ମଧ କୌଣସି ସମାଧାନ ହୋଇପାରୁନାହିଁ। ଏଣୁ ଶେଷରେ ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ଗୋବର୍ଦ୍ଧନ ପ୍ରଧାନ, ପଙ୍କଜ ସ୍ୱାଇଁ, କୌଶିକ ସ୍ୱାଇଁ, କମଲେଶ ଭୋଇ, ଅନ୍ତର୍ଯ୍ୟାମୀ ଭୋଇ, ମନମୋହନ ପ୍ରଧାନ, ସହଦେବ ଖମାରୀ, ନବ ସାହୁ, କମଳେଶ ସ୍ୱାଇଁ, ଉମାକାନ୍ତ ସାହୁ, ଉପ୍ରଧର ସାହୁଙ୍କ ସମେତ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାସ୍ତା ନିର୍ମାଣ ପୂର୍ବରୁ ବିଭାଗ ତରଫରୁ ପଲ୍ଲୀ ସଭା କରାଯାଇଥିଲା; ହେଲେ ସେତେବେଳେ କୌଣସି ଅଭିଯୋଗ ଆସି ନ ଥିଲା।



# ଜଗା ଦର୍ଶନରେ କୋକସରାରୁ ଗଲେ ୪୪୦ ଶ୍ରଦ୍ଧାଳୁ

**କୋକସରା, ୫।୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯାତ୍ରାରେ କୋକସରା ବ୍ଲକର ୨୨ଟି ପଞ୍ଚାୟତର ୪୪୦ ଜଣ ଶ୍ରଦ୍ଧାଳୁ ବସ୍ ଯୋଗେ ଶ୍ରୀକ୍ଷେତ୍ର ପୁରୀ ଯାଇଛନ୍ତି। କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୧୦ଟି ବସର ବ୍ୟବସ୍ଥା କରାଯାଇଥିଲା। ସୋମବାର କୋକସରା ବ୍ଲକ କାର୍ଯ୍ୟାଳୟଠାରେ ବିଡ଼ିଓ ସ୍ନେହପ୍ରଭା ମାଝୀ ସବୁଜ ପତାକା ଦେଖାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ କିର୍ତ୍ତି ବେହେରା, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଗୋତମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାମୋଦର ବେମାଲ, ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ପଙ୍କଜ ପୋଡ଼ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସେମାନେ ଆସନ୍ତା କାଲି ପୁରୀରେ ପହଞ୍ଚି ଜଗା ଦର୍ଶନ କରିବାର ସୂଚନା ମିଳିଛି।

# ବିକାଶ ଆବାସିକ ବିଦ୍ୟାଳୟରେ ଦୁଃସାହସିକ ଶିବିର

**ଭବାନୀପାଟଣା, ୫।୨(ସମିସ):** ଏକ ସୁସ୍ଥ ତଥା ନିରାପଦ ଜୀବନ ବଞ୍ଚିବାକୁ ହେଲେ ବଞ୍ଚିବାର କଳା ଜାଣିବା ଆବଶ୍ୟକ। ବିଦ୍ୟାର୍ଥୀ ମାନଙ୍କୁ ବିଭିନ୍ନ ବିପଦମୟ ପରିବେଶରୁ ଉଦ୍ଧାର ପାଇବା ନିମନ୍ତେ ବିଭିନ୍ନ କୌଶଳ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିକାଶ ଆବାସିକ ବିଦ୍ୟାଳୟରେ ଦୁଇ ଦିନ ଧରି ଦୁଃସାହସିକ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଲିଗାଲ ଫ୍ରଣ୍ଟ ସଭାପତି ଆଇନଜୀବୀ ହର୍ଜିନ୍ଦର୍ ସିଂ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ଼ ଅଜୟ ମିଶ୍ର, ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, କ୍ଲାଇମ୍ବର ଏଣ୍ଡ ଏଡଭାନଞ୍ଚର୍ସ କ୍ଲବର ସଭାପତି ଚିନ୍ମୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରା ଯାଇଥିଲା। ଏଥିରେ ବିକାଶ ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରାୟ ୨୭୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଦୁଃସାହସିକ ଶିବିର ପରିଚାଳନା କରିବା ନିମନ୍ତେ 'କ୍ଲାଇମ୍ବରସ ଏଣ୍ଡ ଏଡଭାନଞ୍ଚର୍ସ କ୍ଲବ'ର ୧୮ ଜଣ ପ୍ରଶିକ୍ଷକ ନିୟୋଜିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗ ରହିଥିଲା।

## ଜିଲ୍ଲାସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ନବମ ଦିବସ

# ବିମଳା କନଭେଣ୍ଟ ସ୍କୁଲ ବିଜୟୀ

**ଭବାନୀପାଟଣା, ୫।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଭବାନୀପାଟଣାସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ନବମ ଦିବସରେ ବିମଳା କନଭେଣ୍ଟ ସ୍କୁଲ ଭବାନୀପାଟଣା ଓ ଶ୍ରୀ ଅରବିନ୍ଦ ଇଣ୍ଟେଗ୍ରାଲ ଏଜୁକେସନ ସେଣ୍ଟର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଅରବିନ୍ଦ ଇଣ୍ଟେଗ୍ରାଲ ଏଜୁକେସନ ସେଣ୍ଟର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ୍ ସଂଗ୍ରହ କରିଥିଲା। ୬୨ ରନର ବିଜୟ ଲକ୍ଷ୍ୟ ନେଇ ବିମଳା କନଭେଣ୍ଟ ସ୍କୁଲ ପଡ଼ିଆକୁ ଓହ୍ଲାଇ ୧୨.୪ ଓଭରରେ ୨ ଉଇକେଟ ବିନିମୟରେ ମ୍ୟାଚ୍ ବିଜୟୀ ହୋଇଥିଲା। ବିମଳା କନଭେଣ୍ଟ ସ୍କୁଲର ଆରିୟନ ମହାରଣା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିପ୍ଳବ ସିଂ ଓ ମଳୟ ଦ୍ୱିବେଦୀ ଖେଳ ପରିଚାଳନା କରିଥିଲେ। ସ୍କୋରର ଅମୀୟ ସେନାପତି ରହିଥିବାବେଳେ ମାନୁଆଲ ସ୍କୋର କାର୍ଡରେ ସର୍ଦ୍ଦାର ସନ୍ଥ ସିଂ ରହିଥିଲେ। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, ବରିଷ୍ଠ ସହ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ଥ ସିଂ, ବରିଷ୍ଠ ସଭ୍ୟ ବିପିନ ମିଶ୍ର, ସର୍ଦ୍ଦାର ନିର୍ମଳ ସିଂ, ବରିଷ୍ଠ ସଭ୍ୟ ଭିକାରି ଚରଣ ମିଶ୍ର, ମହମ୍ମଦ ଅବଦୁଲ କାଦର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଭବାନୀ ଶଙ୍କର ପଟ୍ଟନାୟକ, ସୁରେଶ ଗଉଡ ପ୍ରମୁଖ ଯୋଗ ଦେଇଥିଲେ।

# ୧୯୮୩ ମାଟ୍ରିକ ଜୁନିୟର ବ୍ୟାଚ୍‌ର ବନ୍ଧୁମିଳନ

**ଭବାନୀପାଟଣା, ୫।୨(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସ୍ଥାନୀୟ ଶତାୟୁ ଅନୁଷ୍ଠାନ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚର ୨୮ତମ ବନ୍ଧୁମିଳନ ଉତ୍ସବ ଦୁର୍ଦ୍ଦୂରୀଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ସୁଶାନ୍ତ ମହାନ୍ତି, ମନୋଜ ବେହେରା, ମହମ୍ମଦ ଜାକିର, ମନୋରଞ୍ଜନ ମୁଣ୍ଡ, ଭବନାଥ ରାୟଗୁରୁ, ସନ୍ତୋଷ ବେହେରା, ଶୁଭେନ୍ଦୁ ବେହେରା, ସିଦ୍ଧାର୍ଥ ପଟ୍ଟନାୟକ, ଦିବ୍ୟଶଙ୍କର ବହିଦାର ଓ ଡଃ ତପନ ରଥ ପ୍ରମୁଖ ବିଦ୍ୟାଳୟର ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦିବଙ୍ଗତ ସହପାଠୀ ତଥା ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରିଶେଷରେ ପାୟ ୫୦ଜଣ ସହପାଠୀ ସମ୍ମିଳିତ ହୋଇଥିଲେ।

■ ବସ୍ତରେନ୍ ମାଉଳୀ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ମଣ୍ଡଲକୁ ହରାଇ ଡହଗାଁ ବିଜୟୀ

**କୋକସରା/ଆମପାଣି, ୫।୨(ସମିସ):** କୋକସରା ବ୍ଲକ ଖୁର୍ସେଲଗୁଡା ବସ୍ତରେନ୍ ମାଉଳୀ କ୍ଲବ୍ ଆନୁକୂଲ୍ୟରେ ସୋମବାର କୁଲେରଗୁଡା ସିନାପଡ଼ା ଖେଳ ପଡ଼ିଆରେ ସପ୍ତ ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏହି ଅବସରରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଉଦଘାଟନ କରିଥିଲେ। ରାଏମଲ ବେହେରା, ଡମ୍ବରୁଧର ବେହେରା, ଶ୍ୟାମସୁନ୍ଦର ପାଲି, କ୍ଷେତ୍ର ମୋହନ୍ ବାଗ, ସରସ୍ୱତୀ ପୁଝାରୀ, ସୋମନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଖେଳ ମଣ୍ଡଳ ଓ ଡହଗାଁ ଫୁଟବଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨/୧ ଗୋଲରେ ଡହଗାଁ ଦଳ ବିଜୟୀ ହୋଇଛି। ଖେଳ ଶିକ୍ଷକ ତାପସ ଦାସ ଖେଳ ପରିଚାଳନା କରିଥିବାବେଳେ ଲାଇନ୍‌ରେ ଉପେନ୍ଦ୍ର ଗୋପାଳ ଓ ଜଗମୋହନ ମାଝୀ ସହଯୋଗ କରିଥିଲେ। ରୋହିତ କୁମାର ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ଲିଙ୍ଗରାଜ ଲଦୁଆ, ସଭାପତି ଈଶ୍ୱର ବେହେରା, ସମ୍ପାଦକ ଶ୍ୟାମସୁନ୍ଦର ପାଲି, ସହ ସମ୍ପାଦକ କୈଳାସ ବେହେରା, ଉପ ସଭାପତି ସୁରେନ୍ଦ୍ର ପାଲି, କୋକିଲ ପରାଭୋଏ, ଉପେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ପୁଝାରୀ, ନିଳକଣ୍ଠ ବେହେରା, ରୁପଧର ପାଲି, ଦୀପକ୍ ପୁଝାରୀ, ଈଶ୍ୱର ପାଲି, କୁଳମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ପାଣି ପାଇଁ ହରିପୁରବାସୀ ପ୍ରଶାସନର ଦ୍ୱାରସ୍ଥ

**ନୂଆପଡ଼ା, ୫।୨(ସମିସ)**

ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତର ହରିପୁରବାସୀଙ୍କ ପାଇଁ ପାଣି ସମସ୍ୟା ଦୀର୍ଘ ଦିନ ଧରି ଅସାମାହିତ ହୋଇରହିଛି। ଗାଁରେ ସବୁ ନଳକୂଅରେ ଫ୍ଲୋରାଇଡ ସମସ୍ୟା ରହିଛି। ତେବେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି; ହେଲେ ପରିଚାଳନାଗତ ତ୍ରୁଟି ଯୋଗୁଁ ସବୁ ଫସର ଫାଟିଛି। ପ୍ରକଳ୍ପ ଆରମ୍ଭ ହେବାର ଆଜିକୁ ୩ ବର୍ଷ ବିତିଯାଇଥିଲେ ମଧ ଗ୍ରାମବାସୀଙ୍କୁ ପାଣି ମିଳିପାରୁନି। ଏହାକୁ ନେଇ ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ୩ବର୍ଷ ହେବ ବିଷାକ୍ତ ପାଣି ପିଉଛନ୍ତି

## ବ୍ୟବସ୍ଥା ଅଛି; ହେଲେ ପାଣି ଆସୁନି

ନୂଆପଡ଼ା-ବରଗଡ଼ ବିଜୁ ଏକ୍ସପ୍ରେସ ରାସ୍ତା କଡରେ ଥିବା ହରିପୁର ଗାଁରେ ୩୦ରୁ ଅଧିକ ଶ୍ରମିକ ଶ୍ରେଣୀର ପରିବାର ବସବାସ କରନ୍ତି। ଏମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କହିଲେ ଗାଁରେ ପରିମଳ ବିଭାଗ ତରଫରୁ ୬ଟି ନଳକୂଅ ଖୋଳା ଯାଇଥିଲା। ଏସବୁରେ ମାତ୍ରାଧିକ ଫ୍ଲୋରାଇଡ ବାହାରିବାରୁ ବ୍ୟବହାର ନ କରିବାକୁ ପ୍ରଶାସନ ତରଫରୁ ଲୋକଙ୍କୁ ବାରଣ କରାଯାଇଥିଲା। ସବୁ ନଳକୂଅରେ ନାଲି ଛକି ମରାଗଲା। ବିକଳ୍ପ ଭାବେ ଏହି ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଗଲା। ଗାଁଠାରୁ ଗୋଟିଏ କିମି ଦୂର ଜୁନାନୀ ଗାଁରେ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଗଲା। ସେଥିରୁ ପାଣି ପାଇଁ ପାଇପ ଖଞ୍ଜା ହୋଇଥିଲା। ଗାଁ ଲୋକଙ୍କ ଦାଣ୍ଡ ଦ୍ୱାରରେ ଷ୍ଟାଣ୍ଡପୋଷ୍ଟ ମଧ ରଖାଗଲା; ହେଲେ ନିର୍ମାଣ କାମରେ ତ୍ରୁଟି ଯୋଗୁଁ ପୋଷ୍ଟ ନିର୍ମାଣ ଦିନଠାରୁ ଆଜିଯାଏଁ ଲୋକଙ୍କୁ ବୁନ୍ଦାଏ ପାଣି ମିଳିପାରିନାହିଁ। ଗ୍ରାମବାସୀ ବାଧ ହୋଇ ବାରଣ କରାଯାଇଥିବା ନଳକୂଅର ପାଣି ପିଉଛନ୍ତି। ଏହା ଫଳରେ ଫ୍ଲୋରୋସିସି ଭଳି ରୋଗ୍ୟର ଶିକାର ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ତଥା ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ କୌଣସି ସୁଫଳ ମିଳିପାରୁନି। ଶେଷରେ ସୋମବାର ଗ୍ରାମବାସୀ ନୂଆପଡ଼ାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



# ଜଗନ୍ନାଥ ସଂସ୍କୃତି, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**କୋମନା, ୫।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଦ୍ଧିକୋମନାସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟର ଜଗନ୍ନାଥ ସଂସ୍କୃତି ଓ ଓଡିଆ ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଶିତିକଣ୍ଠ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଫୁଲ୍ଲ ଚନ୍ଦ୍ର ହୋତା ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଓଡିଆ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସଂଘମିତ୍ରା ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡିଆ ଭାଷା ସାହିତ୍ୟର ମର୍ମ ବୁଝାଇଥିଲେ। ଅଧ୍ୟାପକ ରାଜକୁମାର ସୁନାନୀ, ପରିତୋଷ ସାହୁ, ଅଭିମନ୍ୟୁ ମୁଣ୍ଡ, ଦୁର୍ଯ୍ୟୋଧନ ସାହୁ, ଅଜୟ ପଣ୍ଡା, ଖେଳ ଶିକ୍ଷକ ପ୍ରକାଶ ହୋତା, ସୁଲୟା ମଞ୍ଜରୀ ଠାକୁର, ଜ୍ୟୋତିରାଜ ସିଂଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦଣ୍ଡପାଟ ଚାମ୍ପିଅନ ଟ୍ରଫି କ୍ରିକେଟ ପ୍ରତିଯୋଗିତା

## ଟେମ୍ପୋଙ୍କ ବିସ୍ଫୋରକ ଶତକ

**ବେହେରା, ୫।୨(ସମିସ):** ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆରେ ୨୮ ତମ ଦଣ୍ଡପାଟ ଚାମ୍ପିଅନ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଦିବସରେ ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇ ଟ୍ରଫି ଉନ୍ମୋଚନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ତେଣ୍ଡାପାଳୀ ସରପଞ୍ଚ ଗୌଲଚନ ଗୋପାଲ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟନ ମ୍ୟାଚ୍‌ରେ ଛତିଶଗଡ଼ ଏକାଦଶ କ୍ରିକେଟ କ୍ଲବ୍ ସହିତ ଆୟୋଜକ ବେହେରା କ୍ରିକେଟ କ୍ଲବ୍ ମଧ୍ୟରେ ଏକ ରୋମାଞ୍ଚ ଭରା ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବେହେରା କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟେମ୍ପୋ ୩୪ ବଲରେ ଏକ ବିସ୍ଫୋରକ ପାଳି ଖେଳି ଶତକ ଅର୍ଜନ କରିଥିଲେ। ସେ ୧୦ ଛକା ଓ ୯ ଚୌକା ସହାୟତାରେ ୧୧୨ ରନ ସଂଗ୍ରହ କରିଥିଲେ। ୧୮୧ ରନ ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଛତିଶଗଡ଼ ଏକାଦଶ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୭୩ ରନ କରି ପରାଜୟ ହୋଇଥିଲେ। ଅମ୍ପାୟାର ଭାବେ ଟଙ୍କଧର ପଟେଲ, ଅଜୟ ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ନିକୁଞ୍ଜ ସାହୁ, ଭାଷ୍ୟକାର୍ ଭାବେ କ୍ଷୀର ବାଗ, ଜୟନ୍ତ ବାରିକ ଦାୟିତ୍ୱ ସମ୍ଭାଳିଥିଲେ। ଆୟୋଜକ କମିଟି ସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ପାଦକ ଭବେଶ ଗଇନ୍ତା, ସଦସ୍ୟ ପିଣ୍ଟୁ ତିୱାରୀ, ପିଚ୍ କ୍ୟୁରେଟର ରଜନୀକାନ୍ତ ନାଏକ, ଧନୁ ଗୋପାଲ, ତରେଶ୍ ବିଶି, ବାଲ ବିଶି, ହିମାଂଶୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।



କନ୍ୟାସନ୍ତାନ ଓ ମହିଳାଙ୍କ ଅଧିକାର ସପକ୍ଷରେ ଠିଆ ହେବା ହିଁ ପୁରୁଷତ୍ୱର ପ୍ରକୃତ ପରିଚୟ।
-ଡେସ୍‌ମଣ୍ଡ ଟୁଟୁ



ସକାଳ
THE SAKALA

# ପ୍ରୋଜେକ୍ଟ ଚିତା: ଆଶାର ଆଲୋକ

ଗତମାସର କୋଳାହଳମୟ ଶେଷ ସପ୍ତାହରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଦେଶବାସୀଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଗତ ଜାନୁଆରୀ ୨୩ ତାରିଖରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସୂଚନା ଅନୁସାରେ ମଧ୍ୟପ୍ରଦେଶରେ କୁନୋ ଜାତୀୟ ପାର୍କରେ ନାମ୍ବିଆରୁ ଆସିଥିବା ଚିତା 'ଜ୍ୱାଲା' ଚାରିଟି ଶାବକଙ୍କୁ ଜନ୍ମ ଦେଇଛି। ଏହାର ମାତ୍ର ତିନି ସପ୍ତାହ ପୂର୍ବରୁ ଚିତା 'ଆଶା' ତିନିଟି ଶାବକଙ୍କୁ ଜନ୍ମ ଦେଇଥିବା ବେଳେ ଏବେ ସେଠାରେ ଜୀବିତ ଚିତା ଶାବକଙ୍କ ସଂଖ୍ୟା ସାତରେ ପହଞ୍ଚିଛି। ଏହା ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ ଯେ ଏକଦା ଚିତାବାଘଙ୍କ ପ୍ରାବଲ୍ୟ ଥିବା ଭାରତରେ କ୍ରମାଗତ ଭାବେ ସେମାନଙ୍କ ସଂଖ୍ୟା ହ୍ରାସ ପାଇ ଶେଷରେ ଶୂନ ହୋଇଯାଇଥିଲା। ତେଣୁ ଭାରତରେ ସେମାନଙ୍କ ବଂଶ ବିସ୍ତାର କରିବା ପାଇଁ ପ୍ରାୟ ସତୁରୀ ବର୍ଷ ପରେ ସୁଦୂର ଦକ୍ଷିଣ ଆଫ୍ରିକୀୟ ଦେଶ ନାମ୍ବିଆରୁ ୨୦ଟି ଚିତା(ଉଭୟ ମାଈ ଓ ଅଣ୍ଡିରା) ବାଘ ଆଣି ମଧ୍ୟପ୍ରଦେଶର କୁନୋ ଜାତୀୟ ପାର୍କରେ ୨୦୨୨ ସେପ୍ଟେମ୍ବର ୨୦ ତାରିଖରେ 'ପ୍ରୋଜେକ୍ଟ ଚିତା' ଆରମ୍ଭ କରାଯାଇଥିଲା। ଭାରତରେ 'ପ୍ରୋଜେକ୍ଟ ଟାଇଗର'ର ସଫଳତା ଆଧାରରେ 'ପ୍ରୋଜେକ୍ଟ ଚିତା' ମଧ୍ୟ ସଫଳ ହେବ ବୋଲି ବନ୍ୟପ୍ରାଣୀ ପ୍ରେମୀ, ଜଙ୍ଗଲ ବିଭାଗ ଅଧିକାରୀ ଓ ସର୍ବୋପରି ଭାରତବାସୀ ଆଶା ବାନ୍ଧିଥିଲେ। କିନ୍ତୁ ଗତ ବର୍ଷ ସାତଟି ଚିତା ସମେତ ତିନୋଟି ନବଜାତକଙ୍କ ଲଗାତାର ମୃତ୍ୟୁ ପରେ ଏହି ପ୍ରକଳ୍ପର ସଫଳତାକୁ ନେଇ ଆଶଙ୍କା ଦେଖାଦେଇଥିଲା। ଏବେ ସୁଖର ବିଷୟ ସାତଟି ନବଜନ୍ମିତ ଚିତା ଶାବକ ସୁସ୍ଥ ଥିବା ବନ୍ୟଜନ୍ତୁ ବିଭାଗର ଅଧିକାରୀମାନେ ସୂଚନା ଦେଇଛନ୍ତି। ତେଣୁ ସ୍ୱାଭାବିକ ଭାବେ ମଉଳି ଯାଉଥିବା ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ପୁଣି ଆଶା ସଞ୍ଚାର ହୋଇଛି।

ଭାରତରେ 'ପ୍ରୋଜେକ୍ଟ ଚିତା'ର ପ୍ରାରମ୍ଭିକ ବିଫଳତା ପରେ ନୈରାଶ୍ୟର ପରିବେଶ ସୃଷ୍ଟି ହେବା ଅନେକ କାରଣରୁ ସ୍ୱାଭାବିକ ଥିଲା। ବିଶେଷକରି ଗଣମାଧ୍ୟମରେ ଏଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନାନା ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ଚିତା ପ୍ରଜାତିର ବାଘଙ୍କ ଏହା ବିଶ୍ୱରେ ପ୍ରଥମ ସ୍ଥାନାନ୍ତରଣ ବା ଟ୍ରାନ୍ସଲୋକେସନ ପ୍ରକଳ୍ପ ହୋଇଥିବାରୁ ଆମେରିକା, ୟୁରୋପ, ଏସିଆ ଓ ଅଷ୍ଟ୍ରେଲିଆର ଗଣମାଧ୍ୟମରେ ଏହି ଘଟଣା ସ୍ୱତନ୍ତ୍ର ଚର୍ଚ୍ଚାର ବିଷୟ ହୋଇଥିଲା। ବିବିସି ଏହା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିଥିଲା। ନାମ୍ବିଆର ମରୁ ଓ ଉଷ୍ଣମଣ୍ଡଳୀୟ ପରିବେଶରୁ ଆସି ଭାରତୀୟ ଜଳବାୟୁରେ ସୁକୁମାରିଆ ଚିତାମାନେ ତିଷ୍ଠି ପାରିବେ କି ନାହିଁ, ତାହାକୁ ନେଇ ପ୍ରାଣୀ ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କରିଥିଲେ। ତା'ଛଡ଼ା ବିଶ୍ୱର ଏହି ଦ୍ରୁତତମ ଧାବକ ବାଘ ବିସ୍ତୀର୍ଣ୍ଣ ସମତଳ ତୃଣଭୂମି ଓ ବୁଦୁବୁଦିଆ ଜଙ୍ଗଲ ଥିବା ଅଞ୍ଚଳକୁ ଭଲ ପାଏ। ଭାରତରେ ଆଫ୍ରିକୀୟ ତୃଣଭୂମି ଭଳି ପରିବେଶ ଯଥେଷ୍ଟ ନଥିବାରୁ ଆସିଥିବା ଏହି ଚିତାଙ୍କ ବଂଶ ବିସ୍ତାର ଏବଂ ସଂରକ୍ଷଣ ନେଇ ବନ୍ୟପ୍ରାଣୀ ଓ ପରିବେଶ ପ୍ରେମୀମାନେ ଆଶଙ୍କା ବ୍ୟକ୍ତ କରିବା ସ୍ୱାଭାବିକ ଥିଲା। ଟ୍ରାନ୍ସଲୋକେସନ ବା ଗୋଟିଏ ପ୍ରାକୃତିକ ବାସସ୍ଥଳୀରୁ ଜୀବଙ୍କୁ ଆଣି ଅନ୍ୟ ସ୍ଥାନରେ ଛାଡ଼ିବା ଓ ସେମାନଙ୍କ ବଂଶବିସ୍ତାର ପାଇଁ ସୁଯୋଗ ସୃଷ୍ଟି କରିବା ଏକ ସହଜ ପ୍ରକ୍ରିୟା ନୁହେଁ। ନିଜର ପ୍ରାକୃତିକ ପରିବେଶ ଛାଡ଼ି ଏକ ଭିନ୍ନ ପରିବେଶରେ ନିଜକୁ ଖାପ ଖୁଆଇ ବଞ୍ଚିବା ସବୁ ପ୍ରାଣୀଙ୍କ ପକ୍ଷେ ସହଜ ହୋଇନଥାଏ। ବିଶେଷକରି ଚିତା, ଯାହା ଆଫ୍ରିକା ମହାଦେଶର ଏକ ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ସହିତ ଅଭ୍ୟସ୍ତ, ତାହାକୁ ଆଣି ଭାରତରେ ଛାଡ଼ିବା ନିଶ୍ଚିତ ଏକ ଦୁରୁହ ବ୍ୟାପାର ଥିଲା। ଆମ ଓଡ଼ିଶାରେ ସାତକୋଶିଆ ଅଭୟାରଣ୍ୟରେ କରାଯାଇଥିବା ଏଭଳି ଏକ ପରୀକ୍ଷା ବିଫଳ ହୋଇଥିବା ପୃଷ୍ଠଭୂମିରେ 'ପ୍ରୋଜେକ୍ଟ ଚିତା'କୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଥିଲା। ଓଡ଼ିଶାରେ ମଧ୍ୟପ୍ରଦେଶର କାହ୍ନା ଜଙ୍ଗଲରୁ ଅଣାଯାଇଥିବା ଦୁଇଟି ବାଘ ମଧ୍ୟରୁ ଗୋଟିଏ ବାଘ 'ମହାବୀର' ଶିକାରୀ ଫାଶରେ ପଡ଼ି ମରିଥିବାବେଳେ ଆଉ ଏକ ବାଘୁଣୀ 'ସୁନ୍ଦରୀ' ମଣିଷ ଶିକାର କରିବାରୁ ତା'କୁ ତା'ର ମୂଳ ବାସସ୍ଥାନକୁ ଫେରାଇ ଦିଆଯାଇଥିଲା।

ଏଭଳି ଆଶଙ୍କା ଓ ସନ୍ଦେହମାନ ଆହୁରି ଦୃଢ଼ୀଭୂତ ହୋଇଥିଲା ଯେତେବେଳେ କୁନୋ ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ଚିତାଙ୍କ ମୃତ୍ୟୁ ଘଟିଥିଲା। ନାମ୍ବିଆରୁ ଆସିଥିବା ଚିତାଙ୍କ ସମେତ 'ଜ୍ୱାଲା' ଜନ୍ମ କରିଥିବା ତିନିଟି ଯାକ ଶାବକଙ୍କ ମୃତ୍ୟୁ ଘଟିବା ପରେ 'ପ୍ରୋଜେକ୍ଟ ଚିତା'ର ସଫଳତା ପ୍ରଶ୍ନଘେରକୁ ଆସିସାରିଥିଲା। ତେବେ ସେତେବେଳେ 'ପ୍ରୋଜେକ୍ଟ ଚିତା' କର୍ତ୍ତୃପକ୍ଷ ଓ ବିଶେଷଜ୍ଞ କମିଟି ସ୍ପଷ୍ଟୀକରଣ ଦେଇଥିଲେ ଯେ ଚିତା ଭଳି ଟ୍ରାନ୍ସଲୋକେସନ ପ୍ରକଳ୍ପର ସଫଳତା ଓ ବିଫଳତା କଳନା କରିବାକୁ ଗୋଟିଏ ବର୍ଷ ଯଥେଷ୍ଟ ନୁହେଁ। ଏହା ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ତେଣୁ ଭାରତର ଚିତା ପ୍ରକଳ୍ପକୁ ଓ ଚିତା ମୃତ୍ୟୁ ସଂଖ୍ୟାକୁ ନେଇ ସଂଶୟ ପ୍ରକଟ କରିବା ଠିକ୍ ନୁହେଁ। ଆହୁରି ମଧ୍ୟ ଦକ୍ଷିଣ ଆଫ୍ରିକାର ଗବେଷଣା ତଥ୍ୟ ଅନୁସାରେ ଚିତାଙ୍କ ମୃତ୍ୟୁହାର ଅଧିକ ଓ ସ୍ଥାନାନ୍ତରିତ ଚିତାଙ୍କ ମୃତ୍ୟୁହାର ତା'ଠାରୁ ଆହୁରି ବେଶୀ। ସ୍ଥାନାନ୍ତରିତ ହୋଇଥିବା ଚିତାଙ୍କ ମଧ୍ୟରୁ ଗୋଟିଏ ବର୍ଷରେ ଯଦି ଅଧେ ବଞ୍ଚିଗଲେ ତେବେ ଏହା ଏକ ବଡ଼ ସଫଳତା। ଏହାଛଡ଼ା ଚିତା ମୃତ୍ୟୁର କାରଣ ଅନେକ। ଏମାନେ ଜଙ୍ଗଲରେ ବୁଲୁଥିବାବେଳେ ସିଂହ, ହାତୀ, ଅନ୍ୟ ବାଘ, ଗଧିଆ, ସାପ, ବିଲୁଆ, କୁକୁର, ଶିଆଳ ଆଦିଙ୍କର ଶିକାର ହୋଇଥା'ନ୍ତି। ଏଥିରେ ପ୍ରାୟ ୫୩% ଚିତାଙ୍କର ମୃତ୍ୟୁ ହୋଇଥାଏ। ଆଉ ମଧ୍ୟ କେତେକ ଶିକାର ବେଳେ ଆହତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି। ଏହାଛଡ଼ା ନାନା ପ୍ରକାର ରୋଗରେ ଚିତାଙ୍କର ମୃତ୍ୟୁ ହୋଇଥାଏ। ସୁରକ୍ଷିତ ପରିବେଶରେ ମଧ୍ୟ ଚିତା ଶାବକଙ୍କ ମୃତ୍ୟୁହାର ୯୦% ଯାଏ ହୋଇଥାଏ। ସେ ଦୃଷ୍ଟିରୁ ଦେଖିଲେ ଭାରତରେ ଚିତା ପ୍ରକଳ୍ପକୁ ନେଇ ନିରାଶ ହେବାର ବିଶେଷ କିଛି କାରଣ ନାହିଁ ବୋଲି 'ପ୍ରୋଜେକ୍ଟ ଚିତା' କର୍ତ୍ତୃପକ୍ଷ ଯେଉଁ ଆଶ୍ୱାସନା ଦେଇଥିଲେ ତାହା ଏବେ କେତେକାଂଶରେ ସତ ସାବ୍ୟସ୍ତ ହୋଇଛି। ଆଉ ଏକ ଆଶ୍ୱାସନାର ବିଷୟ ହେଉଛି ଯେ 'ଜ୍ୱାଲା' ପ୍ରଥମ ଥର ମା' ହେବା ବେଳେ ଭାରତରେ ଜଳବାୟୁ ଓ ପରିବେଶର ତାପମାତ୍ରା ବର୍ତ୍ତମାନ ତୁଳନାତ୍ମକ ଭାବେ ଭିନ୍ନ ରହିଛି। ତେଣୁ ଶାବକମାନଙ୍କ ପ୍ରତି ଗ୍ରୀଷ୍ମ ତାତିର ଭୟ ନାହିଁ। ଜ୍ୱାଲା ମଧ୍ୟ ଏବେ ଦ୍ୱିତୀୟ ଥର ମା' ହୋଇ ଅଭିଜ୍ଞ ହୋଇସାରିଛି ଏବଂ ନିଜ ଛୁଆଙ୍କ ଯତ୍ନ ନେଉଥିବା ଦେଖାଯାଉଛି। ଏହାଛଡ଼ା ଜନ୍ମ ହେବାର ଦୁଇ ସପ୍ତାହ ପରେ ଶାବକମାନଙ୍କୁ ଟିକା ଦେବା ପାଇଁ ପ୍ରାଣୀଚିକିତ୍ସା ବିଶେଷଜ୍ଞମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାଦ୍ୱାରା ଶାବକମାନଙ୍କୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଆଯାଇପାରିବ ଏବଂ ସେମାନଙ୍କର ଜୀବସାର, ଖଣିଜ ଓ ପୁଷ୍ଟିସାର ଅଭାବ ମଧ୍ୟ ଦୂର କରାଯାଇ ଦୃଷ୍ଟି ଶକ୍ତି ବୃଦ୍ଧି କରାଯିବ। ଫଳରେ ସେମାନେ ଅନ୍ୟ ଶିକାରୀ ଜନ୍ତୁଙ୍କୁ ଠାବ କରି ନିଜେ ଯଥାସମ୍ଭବ ସୁରକ୍ଷିତ ରହିପାରିବେ।

ତେବେ ଏତିକିରେ ଆମେ ଆଶ୍ୱସ୍ତ ହେବା ଉଚିତ ନୁହେଁ। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତାନୁଯାୟୀ, ଚାରିରୁ ଛଅମାସ ପର୍ଯ୍ୟନ୍ତ ଚିତା ଶାବକଙ୍କ ପ୍ରତି ବିପଦ ରହିଛି। ସେମାନଙ୍କୁ ଏକବର୍ଷ ପୂରିଲେ ଯାଇ ପ୍ରାକୃତିକ ଭାବେ ସେମାନେ ସୁରକ୍ଷିତ ବୋଲି ଘୋଷଣା କରିହେବ। ତଥାପି ଆମେ ଆଶା କରିବା ଯେ ଚିତାମାନଙ୍କୁ ଭାରତୀୟ ପରିବେଶ ଅନୁକୂଳ ହେବ ଏବଂ ଭାରତ ପୁଣି ଚିତାଙ୍କୁ ନେଇ ଗୌରବ ବହନ କରିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଗଣମାଧ୍ୟମ ଓ ଲିଙ୍ଗବିଭେଦ



ପରଂବ୍ରହ୍ମ ତ୍ରିପାଠୀ
ଜଗତସିଂହପୁର, ମୋ: ୯୭୧୭୩୦୨୨୦୫

ନିକଟରେ 'ଆନିମଲ' ନାମକ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ବ୍ୟବସାୟିକ ସଫଳତା ପାଇଥିବା ଏହି ଚଳଚ୍ଚିତ୍ରରେ ନାରୀ ଚରିତ୍ର ଚିତ୍ରଣ ଓ ନାରୀ ବିଦ୍ୱେଷୀ ଚିନ୍ତାଧାରାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଓ ସମାଲୋଚନା ଆରମ୍ଭ ହୋଇଛି। ପୂର୍ବରୁ ଏହି ନିର୍ଦ୍ଦେଶକଙ୍କର 'କବିର ସିଂହ' ନାମକ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯେଉଁଥିରେ ଏକ ଜଘନ୍ୟ ଭାବେ ମହିଳା ବିଦ୍ୱେଷୀ ଚରିତ୍ରକୁ ମୁଖ୍ୟନାୟକ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠିପାରେ ଯେ ସିନେମା ଏକ ସୃଜନଶୀଳ କଳା ଓ ଅଭିବ୍ୟକ୍ତିର ସ୍ୱାଧୀନତା ଥିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ କ'ଣ ନିଜ ଇଚ୍ଛା ମୁତାବକ ଚରିତ୍ର ଚିତ୍ରଣ କରିପାରିବ ନାହିଁ? ଏହି ପ୍ରଶ୍ନର ଏକ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ପ୍ରଶ୍ନ ଏହା ମଧ୍ୟ ହୋଇପାରେ ଯେ ନିଜର ବ୍ୟକ୍ତିଗତ ଚିନ୍ତାଧାରା ଯାହା ହେଇ ଥାଉ ନା କାହିଁକି ଗଣପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ମାଧ୍ୟମ ଓ ଏଥିରେ ପ୍ରଦର୍ଶିତ ବିଷୟବସ୍ତୁ ସାମାଜିକ ଓ ଲିଙ୍ଗଗତ ସମ୍ବେଦନଶୀଳ ଭାବେ ହେବାର ଆବଶ୍ୟକତା ନାହିଁ କି? ଉଭୟ ପ୍ରଶ୍ନକୁ ଧ୍ୟାନରେ ରଖି ଭାରତ ପରିପ୍ରେକ୍ଷୀରେ ବିଭିନ୍ନ ଗଣମାଧ୍ୟମ ଓ ସେଥିରେ ମହିଳା ସମ୍ବେଦନଶୀଳତା ସମ୍ପର୍କରେ ଏ ଆଲୋଚନା।

ସୂଚନା ହେଉ କି ମନୋରଞ୍ଜନ, ଏମାନେ ଜନସଂଖ୍ୟାର ଏକ ବୃହତ୍‌ଅଂଶ ପାଖରେ ପହଞ୍ଚନ୍ତି ବିଭିନ୍ନ ମାଧ୍ୟମ ଓ ସେଥିରେ ପ୍ରଦର୍ଶିତ ବିଷୟବସ୍ତୁ ମାଧ୍ୟମରେ। ଖବର ହେଉ କି ଚଳଚ୍ଚିତ୍ର, ଗୀତ ହେଉ କି ଧାରାବାହିକ, ରେଡିଓ କାର୍ଯ୍ୟକ୍ରମ ହେଉ ଅବା ୟୁଟ୍ୟୁବ ଭିଡିଓ, ଏ ସମସ୍ତେ ହେଉଛନ୍ତି ଏକ ବିଶାଳ ଜନସଂଖ୍ୟା ଦ୍ୱାରା ବହୁଳ ବ୍ୟବହୃତ ମାଧ୍ୟମ ଓ ତା'ର ବିଷୟବସ୍ତୁ। ଏଥିରେ କ'ଣ ପ୍ରସାରିତ ହେଉଛି ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, କେମିତି ପ୍ରଦର୍ଶିତ ହେଉଛି ଓ ତା'ର ଚିତ୍ରଣ କିପରି କରାଯାଉଛି ତାହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ଖବର କଥାକୁ ବିଚାରକୁ ନିଆଯାଉ। ଭାରତୀୟ ଦଣ୍ଡବିଧି ଆଇନ ଧାରା ୨୨୮ (କ) ଅନୁସାରେ ଧର୍ଷଣ କିମ୍ବା ଅନ୍ୟ ଯୌନ ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ବେଆଇନ। ମାତ୍ର ଆପଣ ଯଦି ନିଜେ ଜଣେ ନିୟମିତ ଖବର ପାଠକ ବା ଦର୍ଶକ ହୋଇଥିବେ ତେବେ ଆପଣ ମଧ୍ୟ ସହମତ ହେବେ ଯେ ଏହି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ଉଭୟ ମୁଦ୍ରିତ ଓ ଦୃଶ୍ୟମାନ ଗଣମାଧ୍ୟମ ଅନେକ ବାର କରିଛନ୍ତି। କେତୋଟି ଚବିଶଘଣ୍ଟିଆ ଚ୍ୟାନେଲରେ ଅପରାଧ ସମ୍ପର୍କିତ ଖବରର ଚିତ୍ରାୟନ ବେଳେ ଏପରି ସୃଜନଶୀଳତା ପ୍ରୟୋଗ କରାଯାଉଛି ଯାହା ଆଗରେ କୌଣସି ଗୁଇନ୍ଦା ଉପନ୍ୟାସର ବର୍ଣ୍ଣନା ସରମି ଯିବ। ଅପରାଧୀକୁ ପ୍ରଶ୍ନ ନକରି ଅପରାଧ ଭୋଗିଥିବା ବ୍ୟକ୍ତିର ଚରିତ୍ରହନନର ଦୃଷ୍ଟାନ୍ତ ମଧ୍ୟ କମ ନୁହେଁ। ଠିକ ସେହିପରି ମହିଳାମାନେ ନିଜ ପାରମ୍ପରିକ ଭୂମିକା ଓ ପରିସୀମା ମଧ୍ୟରେ ରହିବା ଉଚିତ ଚିନ୍ତାଧାରାକୁ ସମର୍ଥନ କରି ଅନେକ ସ୍ତମ୍ଭ ଲେଖାଯାଉଛି ଓ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି। ମହିଳାଙ୍କ ଜୀବନ ଜୀବିକା ଓ ନିତିଦିନିଆ ସମସ୍ୟା ସମ୍ପର୍କିତ ଖବରର ବ୍ୟାପକ ପ୍ରସାରଣ ଓ ପ୍ରକାଶନ ଉପରେ ଭାରି ପଡୁଛି ରାଜନୀତି, ଖେଳ, ମନୋରଞ୍ଜନ ଓ ଅପରାଧ।

ବିଜ୍ଞାପନ ହେଉଛି ଆଉ ଏକ ବହୁଳ ପ୍ରସାରିତ ମାଧ୍ୟମ। ଭାରତୀୟ ବିଜ୍ଞାପନ କ୍ଷେତ୍ର ପାରମ୍ପରିକ ଭାବେ କେବେ ମହିଳାଙ୍କୁ ସାମଗ୍ରୀ ଓ ଦର୍ଶନୀୟ ବସ୍ତୁ ଭାବେ ତ ଆଉ କେତେବେଳେ ସବୁ ଅବହେଳାକୁ ସହି ପାରୁଥିବା ସହନଶୀଳ ଦେବୀ ରୂପେ ପ୍ରଦର୍ଶିତ କରିଆସିଛି। ଭାରତୀୟ ବିଜ୍ଞାପନ ଜଗତରେ ନାରୀର ବୌଦ୍ଧିକତା ନୁହେଁ ବରଂ ଶାରୀରିକ ଗଢ଼ଣ ହିଁ ତା' ବ୍ୟକ୍ତିତ୍ୱର ପରାକାଷ୍ଠା ଭାବେ ମୁଖ୍ୟତଃ ଚିତ୍ରିତ ହୋଇଛି। ଏହା ଏକ ଅଭିଯୋଗ ବା ଆରୋପ ନୁହେଁ। ଆପଣ ଟିକିଏ ସମ୍ବେଦନଶୀଳତାର ସହ ନିଜ ଆଖପାଖରେ ପ୍ରଦର୍ଶିତ ହେଉଥିବା ବିଜ୍ଞାପନଗୁଡ଼ିକୁ ନିରେଖି ଦେଖିଲେ ଜାଣି ପାରିବେ ଯେ ଏମାନେ କେତେମାତ୍ରାରେ ମହିଳା ବିଦ୍ୱେଷୀ। କାର ହେଉକି ମୃଦୁ ପାନୀୟ, ଏହାର ବିକ୍ରି ସହ ମହିଳା ଯୌନାଚାରର



ସମ୍ପର୍କ କ'ଣ? ବୋଧହୁଏ କିଛି ନାହିଁ। ମାତ୍ର ପାରମ୍ପରିକ ଭାବେ ଏହାର ବିଜ୍ଞାପନରେ ମହିଳାଙ୍କୁ କାମୋଦ୍ଦୀପକ ଭାବେ ବ୍ୟବହାର କରାଯାଉଛି। ଘରକରଣା ଯେ ସମ୍ପୂର୍ଣ୍ଣ ମହିଳାକୈନ୍ଦ୍ରିକ କାମ ଓ ପାରିବାରିକ ଝଗଡ଼ା କିଛି ବଡ଼ କଥା ନୁହେଁ- ଏ ଦୁଇଟିକୁ ପିଢ଼ି ପରେ ପିଢ଼ି ସଞ୍ଚରିତ କରେଇବାରେ ଗତ ଆଠ ଦଶନ୍ଧିରେ ଭାରତୀୟ ବିଜ୍ଞାପନ କ୍ଷେତ୍ର ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏହା ସତ୍ୟ ଯେ ବିଗତ ଦୁଇ ଦଶନ୍ଧିରେ ଭାରତୀୟ ବିଜ୍ଞାପନ ଜଗତରେ କିଛି ସକାରାତ୍ମକ ପରିବର୍ତ୍ତନ ଆସିଛି। ଲିଙ୍ଗଗତ ବୈଷମ୍ୟ, ଅବଧାରଣା ଭାଙ୍ଗିଲା ଭଳି କିଛିଟା ବିଜ୍ଞାପନ ତିଆରି ହୋଇଛି। ମାତ୍ର ଏହି ପରିବର୍ତ୍ତନକୁ ଯଦି ଆମେ ବିଜ୍ଞାପନ କ୍ଷେତ୍ରର ମୂଳ ସ୍ୱରୂପ ସହ ତୁଳନା କରିବା ତାହା ଅତି ନଗଣ୍ୟ ବା ବେଶୀରେ ବେଶୀ ଏହି ପରିବର୍ତ୍ତନକୁ ଏକ ସୀମିତ ନବାଚାର ବୋଲି କହି ହେବ।

ଏବେ କଥା ହେବା ଆଉ ଏକ ବହୁଳ ଲୋକପ୍ରିୟ ମାଧ୍ୟମ ଭାରତୀୟ ଛୋଟପରଦା ବିଷୟରେ। ୨୦୧୯ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ୫୪ ପ୍ରତିଶତ ଭାରତୀୟଙ୍କ ପାଇଁ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ହେଉଛି ଟିଭିରେ ପ୍ରଦର୍ଶିତ ହେଉଥିବା ଧାରାବାହିକ। ଏବେ ଆସିବା ଏହି ଧାରାବାହିକଗୁଡ଼ିକର କାହାଣୀକୁ। ସେଠି କେବେ ଶାଶୂ ଖଳନାୟିକା ତ କେବେ ବୋହୂ କରୁଛି ତନ୍ତ୍ରମନ୍ତ୍ର। ସତେଯେମିତି ଷଡ଼ଯନ୍ତ୍ର ଓ ପରଶ୍ରୀକାତରତାର ଅନ୍ୟନାମ ନାରୀ। ଆଉ ଗୋଟିଏ କଥା ହେଉଛି ଯେ 'ନାରୀ ହିଁ ନାରୀର ପ୍ରଧାନ ଶତ୍ରୁ' ବୋଲି ଅବଧାରଣାଟିକୁ ଦର୍ଶକ ମନରେ ଆହୁରି ସଶକ୍ତ କରାଯାଉଛି ବର୍ଷ ପରେ ବର୍ଷ ନସରୁଥିବା ଅଧିକାଂଶ ଧାରାବାହିକର କାହାଣୀ ମାଧ୍ୟମରେ। ନବେ ଦଶକରେ 'ଶାନ୍ତି', 'ସ୍ୱାଭିମାନ', 'ତାରା', 'ହସରତେ' ଭଳି ଅନେକ ଧାରାବାହିକ ତିଆରି ହୋଇଥିଲା, ଯାହା ସଶକ୍ତ ମହିଳା ଚରିତ୍ର ପ୍ରଦର୍ଶନ ଓ ମହିଳା ବିଦ୍ୱେଷୀ ପ୍ରଥା ପରମ୍ପରା ବିରୋଧରେ ସଚେତନତା ସୃଷ୍ଟି ଦିଗରେ ଉଲ୍ଲେଖନୀୟ ପ୍ରୟାସ କରିଥିଲେ। ନୂଆ ସାହସ୍ରାବ୍ଦୀରେ ଟେଲିଭିଜନ ବିପ୍ଳବ ଆସିଲା, ଶହଶହ ସଂଖ୍ୟାରେ ନୂଆ ଚ୍ୟାନେଲ ଆସିଲେ। କିନ୍ତୁ ବିଷୟବସ୍ତୁରେ ଯେଉଁ ସକାରାତ୍ମକତାର ଝଲକ ନବେ ଦଶକରେ ଦେଖା ଯାଇଥିଲା, ଗତ ଦୁଇ ଦଶନ୍ଧିରେ ଭାରତୀୟ ଟେଲିଭିଜନର ଗତି ଠିକ ତା'ର ଓଲଟା ହେଲା। ଦୈନିକ ଧାରାବାହିକଠାରୁ ନେଇ ହାସ୍ୟରସର ରିୟଲିଟି ଶୋ' ଯାଏ, ଆଜି ସବୁଠି ନାରୀର ନକାରାତ୍ମକ ଚରିତ୍ର ଚିତ୍ରଣ, ଶାରୀରିକ ଗଠନ ସମ୍ପର୍କିତ ଟୀକା ଟିପ୍ପଣୀ ଓ ଜୀବନର ଯାହା ବି ଉପଲବ୍ଧି ଥାଉ ରୋଷେଇ ଘର ରାଜନୀତି ହିଁ ନାରୀର ଏକମାତ୍ର ଧ୍ୟେୟ ବୋଲି ପ୍ରଦର୍ଶିତ କରିବାର ଏକ ବିକଳ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଯେଉଁ ଯେଉଁ କାର୍ଯ୍ୟକ୍ରମରେ ଉପରୋକ୍ତ ମସଲାଗୁଡ଼ିକର ପରିମାଣର ଯେତେ ଅଧିକ, ସେହି କାର୍ଯ୍ୟକ୍ରମ ଲୋକପ୍ରିୟତା ସୂଚୀରେ ସେତେ ଆଗୁଆ।

ନାରୀକୁ ଏକ ବସ୍ତୁ ଭାବେ ଚିତ୍ରିତ କରିବାରେ ଆମ ଲୋକପ୍ରିୟ ସଙ୍ଗୀତ ଓ ତା' ପ୍ରସାରଣର ଗୁରୁଦାୟିତ୍ୱ ନେଇଥିବା ଏଫ୍‌ଏମ୍ ରେଡିଓ କେନ୍ଦ୍ରମାନେ ମଧ୍ୟ ପଛରେ ନାହାନ୍ତି। ପ୍ରାୟ ପ୍ରତିଦିନ ଭାରତର ବିଭିନ୍ନ କୋଣରେ 'ଶ୍ରୋତାଙ୍କ ପସନ୍ଦ' ଆଳରେ ଏଭଳି ସଙ୍ଗୀତ ତିଆରି କରାଯାଉଛି ଓ ପ୍ରତିଦିନ ଘଣ୍ଟା ଘଣ୍ଟା ବିଭିନ୍ନ ଏଫ୍‌ଏମ୍ ରେଡ଼ିଓ କେନ୍ଦ୍ର ମାଧ୍ୟମରେ ଏହାର ପ୍ରସାରଣ ବି ହେଉଛି। ଆଉ ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମ ମହିଳା ବିଦ୍ୱେଷୀ ବିଷୟବସ୍ତୁର ବ୍ୟାପକ ପ୍ରଚାର ପ୍ରସାର ଓ ମୁଖ୍ୟସ୍ରୋତୀକରଣ ପାଇଁ ସୁଯୋଗର ଅମରାବତୀ ତିଆରି କରିଛି, ଏହା କହିବା ଅତିଶୟୋକ୍ତି ହେବ ନାହିଁ।

ଯେହେତୁ ବିଭିନ୍ନ ମାଧ୍ୟମରେ ପ୍ରଦର୍ଶିତ ବିଷୟବସ୍ତୁ ଏକ ବୃହତ୍ତର ସମାଜର ଚେତନ ଓ ଅବଚେତନ ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ, ସେଥିପାଇଁ ବିଭିନ୍ନ ମାଧ୍ୟମ ସହ ଜଡ଼ିତ ଲେଖକ, ସାମ୍ବାଦିକ, ନିର୍ମାତା, ନିର୍ଦ୍ଦେଶକ, ଗୀତିକାର, ଗାୟକ ଆଦିଙ୍କର ସୃଜନଶୀଳ ଅଭିବ୍ୟକ୍ତି ପ୍ରକାଶ ପ୍ରକ୍ରିୟାରେ ସାମାଜିକ ଦାୟିତ୍ୱବୋଧ ଓ ଲିଙ୍ଗଗତ ସମ୍ବେଦନଶୀଳତା ରହିବା ଏକାନ୍ତ ଆବଶ୍ୟକ। ମାଧ୍ୟମରେ ବିଷୟବସ୍ତୁ ପ୍ରଦର୍ଶନ ବେଳେ ଧୂମପାନ ମଦ୍ୟପାନ କ୍ଷତିକାରକ ବୋଲି ଲେଖା ଯାଇପାରୁଛି, କାର୍ଯ୍ୟକ୍ରମ ତିଆରି ବେଳେ କୌଣସି ପଶୁପକ୍ଷୀଙ୍କ ଅନୁଚିତ ବ୍ୟବହାର ହୋଇନାହିଁ ବୋଲି ସ୍ପଷ୍ଟୀକରଣ ଲେଖିବାକୁ ପଡୁଛି, ତା'ହାଲେ ମହିଳା ହିଂସା ସମ୍ପର୍କିତ ଦୃଶ୍ୟ ପ୍ରଦର୍ଶନ ବେଳେ ଏହା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ବୈଧାନିକ ଚେତାବନୀ ଦେବାରେ ଅସୁବିଧା କେଉଁଠି?

ନାରୀଶିକ୍ଷା ପ୍ରଚଳନ ହେଉ କି ସତୀଦାହ ପ୍ରଥା କିମ୍ବା ବାଲ୍ୟବିବାହ ବନ୍ଦ, ମହିଳା ସଶକ୍ତୀକରଣ ସମ୍ପର୍କିତ କୌଣସି ଗୋଟିଏ ବି ଉପଲବ୍ଧି ଦିନକରେ କିମ୍ବା ସହଜରେ ଆସିନାହିଁ। ଏହା ଶହ ଶହ ବର୍ଷର ନିରନ୍ତର ପ୍ରଚେଷ୍ଟା, ସଂଗ୍ରାମ ଓ ଅନେକ ବଳିଦାନର ଫଳଶ୍ରୁତି। ମାଧ୍ୟମର ପ୍ରାବଲ୍ୟ ସମୟରେ ଆମେ ଏହି ଗଠନାତ୍ମକ ପ୍ରକ୍ରିୟାର ପରିସୀମାକୁ ବ୍ୟାପକ କରିବା ନା ମାଧ୍ୟମକୁ ରୁଢ଼ିବାଦର କ୍ରୀଡ଼ନକ ସଜେଇବା, ଏହି ପ୍ରଶ୍ନ ମାଧ୍ୟମ ପାଇଁ ବିଷୟବସ୍ତୁ ତିଆରି କରିବା ପ୍ରକ୍ରିୟାରେ ଜଡ଼ିତ ପ୍ରତ୍ୟେକ ସୃଜନଶୀଳ ବ୍ୟକ୍ତି ନିଜକୁ ପଚାରିବା ଉଚିତ।

ବିଷୟବସ୍ତୁ ତିଆରି ଓ ଚିତ୍ରଣ ସମୟରେ ଆମେ ନିଜ ଜାଣତ ଓ ଅଜାଣତରେ ଯଦି ଲିଙ୍ଗ ବୈଷମ୍ୟ, ରୁଢ଼ିବାଦକୁ ଏକ ସାମାନ୍ୟ ସାମାଜିକ ପ୍ରକ୍ରିୟା ବୋଲି ଦେଖାଇବାର ପ୍ରୟାସ କରୁଛେ ବା ସେଥିରେ ସାମିଲ ହେଉଛେ, ତାହା ହେଲେ ଆମେ ଏକ ଐତିହାସିକ ଭୁଲ କରୁଛେ। ଆମର ସସୀମ ସୃଜନଶୀଳତା ଅନେକ ବଳିଦାନ ଉପରେ ଠିଆ ହୋଇଥିବା ଏକ ଅସୀମ ସମ୍ଭାବନାର ଶ୍ୱାସରୁଦ୍ଧ କରୁଛି। ନାରୀକୁ ଯୌନତାର ଚିତ୍ର ଭାବେ ପ୍ରଦର୍ଶିତ ନ କରି, ଧର୍ଷଣ ହତ୍ୟା ଆଦି ଅପରାଧର ଚିତ୍ରଣ ବେଳେ ସିଧା ପ୍ରସାରଣ ଓ ଲୋମହର୍ଷଣ ପ୍ରବୃତ୍ତିରୁ ବିରତ ରହି, ହାସ୍ୟରସ ପାଇଁ ନାରୀକୁ ଏକ ନକାରାତ୍ମକ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବା ତା' ଶାରୀରିକ ଗଠନକୁ ବ୍ୟବହାର ନକରି, ସୃଜନଶୀଳ ବ୍ୟକ୍ତିମାନେ କ'ଣ ନିଜ ବିଷୟବସ୍ତୁକୁ ଆକାଂକ୍ଷିତ ରୂପ ଦେଇ ପାରିବେ ନାହିଁ? ଯଦି ପାରିବେ ନାହିଁ ତା' ହାଲେ ଏହା ହେଉଛି ସେମାନଙ୍କ ସୃଜନଶୀଳତା, ସମସ୍ୟା ପ୍ରତ୍ୟକ୍ଷ କରିବାର ପ୍ରକ୍ରିୟା ଓ କାହାଣୀ କହିବା ଢଙ୍ଗର ସସୀମତା। ମାଧ୍ୟମର ପ୍ରାବଲ୍ୟ ସମୟରେ ଏହି ସସୀମତା ଓ ପକ୍ଷାଘାତ ଆକ୍ରାନ୍ତ ଦୃଷ୍ଟିଭଙ୍ଗୀରେ ସୁଧାର ସବୁଠାରୁ ଅଧିକ ଆବଶ୍ୟକ। ସେଥିରେ ସୁଧାର ନ ଆଣି, 'ଲୋକେ ଚାହୁଁଛନ୍ତି ବା ଦେଖୁଛନ୍ତି'କୁ ଆଳ କରି ନିମ୍ନମାନର ଓ ଓଲଟା ପାଦ ପକାଉଥିବା ବିଷୟବସ୍ତୁ ତିଆରି ଓ ପ୍ରଦର୍ଶନ ଗୋଟେ ସମାଜ ଓ ସଭ୍ୟତା ଭାବେ ଆମକୁ ଅଧିକ ମହିଳା ବିଦ୍ୱେଷୀ କରୁଛି ସିନା, ଆଉ କିଛି ନୁହେଁ।

କେବଳ ଲେଖକ, ଗୀତିକାର, ନିର୍ଦ୍ଦେଶକ, ସାମ୍ବାଦିକ, ନିର୍ମାତା ନୁହନ୍ତି, ଦେଶର ପ୍ରମାଣନ ଓ ନିୟାମକ ସଂସ୍ଥାଗୁଡ଼ିକ ମଧ୍ୟ ଏ ସମ୍ପର୍କରେ ଅଧିକ କଠୋର ଓ ଲିଙ୍ଗଗତ ଦୃଷ୍ଟିକୋଣରୁ ଅଧିକ ସମ୍ବେଦନଶୀଳ ହେବାର ସମୟ ଆସି ଯାଇଛି। ଯେଉଁ ସୃଜନଶୀଳ ଅଭିବ୍ୟକ୍ତି ଅର୍ଦ୍ଧେକ ଜନସଂଖ୍ୟାର ସଶକ୍ତୀକରଣରେ ବାଧକ, କଠିନ ଓ କଠୋର ନିୟମ ହିଁ ତା'ର ପ୍ରାପ୍ୟ।

# ଏକା ତୋ ଭକତ ଜୀବନ...



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୭୧୦

ସେ ଭାବର ଠାକୁର। ଭାବ ବିନୋଦିଆ। ସେ, ଭାବ ନିକଟରେ ନିକଟ, ଆଉ ଅଭାବ ପାଇଁ ଅନେକ ଦୂର। ସେ ଭାବ, ସମର୍ପଣର, ନିଷ୍କପଟତାର, ସରଳତାର। ଯେଉଁଠି ସେ ଭାବ ଟିକକ ଥାଏ, ସେଠି ଭାବଗ୍ରାହୀ, ସବୁକିଛି ଗ୍ରହଣ କରନ୍ତି, ଭକ୍ତର ଅଇଁଠାଠାରୁ ଭକ୍ତର ଗୋଇଠା, ଭକ୍ତର ଖୁଦଠାରୁ ଭକ୍ତର ଶାଗ। ଆଉ କରୁଣାମୟ ଅଜାଡ଼ି ଦିଅନ୍ତି, କରୁଣା, ଭକ୍ତ ଯାହା ଚାହେଁ, ଯେମିତି ଚାହେଁ ଓ ଯେଉଁଠି ଚାହେଁ। ଭକ୍ତ ପାଇଁ ପରା ପ୍ରଭୁଙ୍କର ନାନା ବେଶ, ନାନା ରୂପ! ଭକ୍ତ ପାଇଁ ହିଁ ସେ ଧରିଛନ୍ତି ଶଙ୍ଖ, ଧରିଛନ୍ତି ଚକ୍ର। କଥାରେ ଅଛି, ଯେମିତି ଦୃଷ୍ଟି ସେମିତି ସୃଷ୍ଟି। କୁହାଯାଏ ପରା, ଦୃଶ୍ୟରେ ନୁହେଁ ବରଂ ଦେଖିବା ଲୋକର ଆଖିରେ ହିଁ ସୌନ୍ଦର୍ଯ୍ୟ ଥାଏ ବୋଲି। ଶାସ୍ତ୍ର ଅନୁସାରେ, 'ଦୋଳେ ତୁ ଦୋଳଗୋବିନ୍ଦମ୍, ଚାପେ ତୁ ମଧୁସୂଦନମ୍, ରଥେ ତୁ ବାମନମ୍ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ। ବାର ମାସରେ ପ୍ରଭୁ ବାରଟି ରୂପରେ ପୂଜା ପାଆନ୍ତି। ମଧୁସୂଦନ ବୈଶାଖେ। ଜ୍ୟେଷ୍ଠେ ତ୍ରିବିକ୍ରମ ପତିଃ। ଆଷାଢ଼େ ବାମନାଧିଶଃ ଶ୍ରାବଣେ ଶ୍ରୀଧର ସ୍ମୃତଃ, ଭାଦ୍ରବେ ହୃଷିକେଷଶ୍ଚ ପଦ୍ମନାଭୋ ଆଶ୍ୱିନାଧିପଃ। ଦାମୋଦରଶ୍ଚ କାର୍ତ୍ତିକେ ମାର୍ଗଶିଷେ ଚ କେଶବଃ। ପୌଷେ ନାରାୟଣ ସ୍ୱାମୀ ମାଘଧିପଶ୍ଚ ମାଧବଃ। ଫାଲଗୁନେ ଗୋବିନ୍ଦ ଜୈୟୋ ବିଷ୍ଣୁ ଶ୍ଚୈତ୍ରେଶ୍ୱରୋ ଅପିଚ।

ତେବେ ପ୍ରଭୁଙ୍କୁ ରଥ ଉପରେ ବାମନ ରୂପରେ ଦେଖିଲେ, ସଂସାରର ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତିମିଳେ। କିନ୍ତୁ ରଥରେ ତ ଜଗନ୍ନାଥ ହୁଅନ୍ତି ଆସୀନ। ତାଙ୍କୁ ବାମନ ରୂପରେ ଦେଖିବା ସମ୍ଭବ କି? ହଁ ସମ୍ଭବ। ତେବେ ସେଥିପାଇଁ ଯେଉଁ ନିର୍ମଳ ହୃଦୟ ଦରକାର, ଯେଉଁ ସମର୍ପିତ ଚିତ୍ତ ଆବଶ୍ୟକ, ଯେଉଁ ସ୍ୱଚ୍ଛ ଅନ୍ତରାତ୍ମାର ଉପସ୍ଥିତି ଜରୁରୀ ତାହା ଆମ ନିକଟରେ ଥିଲେ କେଉଁ କଥା ଅସମ୍ଭବ ଯେ! ଯିଏ ଯେମିତି ଦେଖିବାକୁ ଚାହିଁଚି, ପ୍ରଭୁ ତା'କୁ ସେଇ ରୂପରେ ପରା ଦେଇଛନ୍ତି ଦର୍ଶନ।

ସନ୍ଥ ତୁଳସୀ ଦାସ ଶୁଣିଥିଲେ ଯେ ତାଙ୍କ ଆରାଧ୍ୟ ପ୍ରଭୁ ଶ୍ରୀରାମ ହିଁ କଳିଯୁଗରେ ଜଗନ୍ନାଥ ରୂପ ଧାରଣ କରିଛନ୍ତି। କାଳବିଳମ୍ବ ନ କରି ସେ କାଶୀରୁ ଧାଇଁ ଆସିଥିଲେ। କିନ୍ତୁ ଏ କ'ଣ...? କାହିଁ ପ୍ରଭୁ ଶ୍ରୀରାମଙ୍କ ଚିତ୍ତହରଣକାରୀ କମନୀୟ ରୂପ...? ଏ ତ ହାତ ଗୋଡ଼ ନଥିବା ମାଦଳ ଟିଏ...। କାହାନ୍ତି ଭ୍ରାତା ଲକ୍ଷ୍ମଣ... ମାତା ସୀତା...? ମନ ତାଙ୍କର ବିକଳ ହୋଇ ଉଠିଛି, ହୃଦୟ ବିଳାପ କରି ଉଠିଛି, ଅନ୍ତର କରିଛି ବିଦ୍ରୋହ...। ନା ଏ ମୋ ପ୍ରଭୁ ହୋଇ ନପାରନ୍ତି! ସେ ଫେରି ପଡ଼ିଛନ୍ତି, ସବୁ ପରିଶ୍ରମ, ପ୍ରଭୁଙ୍କୁ ଦେଖିବାର ଏତେ ସବୁ ବ୍ୟାକୁଳତା ହୋଇଛି ବ୍ୟର୍ଥ। ମୁହଁ ସଞ୍ଜ ବେଳ। ସେ ମନ୍ଦିର ଭିତରୁ ବାଇଶି ପାହାଚ ଦେଇ ବାହାରି ଗଲା ସମୟରେ କେଉଁଠି ଥିଲା ମାଙ୍କଡ଼ଟିଏ, ଆସି ତାଙ୍କ ଉତ୍ତରୀୟଟି ଟାଣି ନେଇଗଲା। ସେ ଚମକି ପଡ଼ି ଚାହିଁଲା ବେଳକୁ ବିପରୀତ ଦିଗରୁ ଆସୁଥିଲେ ସୌମ୍ୟଦର୍ଶନ ପୁରୁଷ ଜଣେ। କୌଣସି ରାଜବଂଶୀୟ ହୋଇଥିବେ ବୋଧେ। ସେ ଉକ୍ତ ମାଙ୍କଡ଼କୁ ନିର୍ଦ୍ଦେଶ ଦେଲେ ଉତ୍ତରୀୟଟି ଫେରେଇ ଦେବା ପାଇଁ। ମାଙ୍କଡ଼ଟି ଆସି ଉତ୍ତରୀୟଟି ଫେରେଇ ଚାଲିଗଲା। ତୁଳସୀ ଭାବିଛନ୍ତି ଏ ମାଙ୍କଡ଼ଟି ବୋଧେ ଉକ୍ତ ଦୀର୍ଘକାୟଙ୍କର ପୋଷା ହେଇଥିବ। ସେ କଥାକୁ ଏତେ ଗୁରୁତ୍ୱ ନଦେଇ ମନ୍ଦିରରୁ ବାହାରି ଚାଲି ଆସିଲେ। କାନ୍ଦି କାନ୍ଦି ଚାଲି ଚାଲି ସେ କେତେବାଟ ଆସିଲେଣି ଜାଣି ପାରୁ ନଥା'ନ୍ତି। ଥକି ଯାଇ ବସିଗଲେ ସେ ରାସ୍ତା କଡ଼ରେ। ଭୋକରେ ପେଟ ଜଳୁଚି, କିନ୍ତୁ ପ୍ରଭୁଙ୍କୁ ନ ଦେଖି ସେ ଜଳ ସୁଦ୍ଧା ସ୍ପର୍ଶ କରିବେ କେମିତି? କ୍ଳାନ୍ତ ଦେହ, କ୍ଳାନ୍ତ ମନ। ଆଖି ସାମାନ୍ୟ ମୁଦି ହୋଇ ଆସୁଚି, ହଠାତ୍ କେହି ତାଙ୍କୁ ଡାକିଥିବାର ସେ ଶୁଣିଲେ। ତୁଳସୀ ତୁଳସୀ... ତମେ ସାମାନ୍ୟ ଟିକେ ଧୈର୍ଯ୍ୟ ରଖି ପାରିଲ ନାହିଁ! ଯିଏ ରାମ ସେ ହିଁ କୃଷ୍ଣ ସେ ହିଁ ଜଗନ୍ନାଥ...। ଏହା ସୂଚେଇ ଦେବା ପାଇଁ ହନୁମାନ ଓ ବିଭୀଷଣଙ୍କୁ ପଠେଇବାକୁ ପଡ଼ିଲା! ତୁଳସୀ ଧଡ଼ପଡ଼ ହୋଇ ଉଠି ବସିଲେ। ଯାହା ସେ ଶୁଣିଲେ ତାହା ସତ୍ୟ ନା ସ୍ୱପ୍ନ...? ତାହା ପ୍ରକୃତ ନା ଭ୍ରମ? ପଡ଼ିଲେ ଦ୍ୱନ୍ଦ୍ୱରେ। ସଙ୍ଗେ ସଙ୍ଗେ ଉଠି ବୁଲି ପଡ଼ି ଚାଲିଲେ ମନ୍ଦିର ଅଭିମୁଖେ। ପ୍ରଭୁଙ୍କ ପହଡ଼ ପଡ଼ିଥାଏ। ଭକ୍ତ ହୃଦୟ ହୋଇ ଉଠୁଥାଏ ଆକୁଳ। କେତେବେଳେ ଦ୍ୱାର ଖୋଲିବ, ସେ ଟିକେ ମନ ଭରି ଦେଖିବେ ତାଙ୍କ ସ୍ୱାମୀଙ୍କୁ...। କାଲି ଯାହା ସେ ଶୁଣିଲେ ତାହା ସତ ତ...! ଯିଏ ଜଗନ୍ନାଥ ସେ ହିଁ ପ୍ରଭୁ ଶ୍ରୀରାମ କି! ସିଂହଦ୍ୱାର ଖୋଲିଲା। ହିତାହିତ ଜ୍ଞାନଶୂନ୍ୟ ହୋଇ, ଭାବବହ୍ୱଳ ତୁଳସୀ ଯନ୍ତ୍ରବତ୍ ଯାଇ ପହଁଚି ଗଲେ ମନ୍ଦିର ଭିତରେ। ତେବେ ଏ କ'ଣ ସେ ଦେଖୁଛନ୍ତି...! ନିଜ ଆଖିକୁ ସେ ନିଜେ ବିଶ୍ୱାସ କରି ପାରୁନାହାନ୍ତି। କାଲି ତ ରତ୍ନବେଦୀରେ ପ୍ରଭୁଙ୍କ ହାତ ପାଦ ନଥିବା ଅସମ୍ପୂର୍ଣ୍ଣ ଶରୀର ଦେଖି ମନରେ କ୍ଷୋଭ ଆସିଥିଲା। ହେଲେ ଆଜି ରତ୍ନବେଦୀରେ ସ୍ୱୟଂ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା ଓ ଭକ୍ତ ହନୁମାନଙ୍କ ସହିତ ରାଜରାଜେଶ୍ୱର ବେଶରେ ଦେଇଛନ୍ତି ଦର୍ଶନ। ତୁଳସୀ ଭକ୍ତି ଗଦଗଦ ହେଇ ଗାଇଛନ୍ତି, 'ବିନୁ ପଦ ଚଲଇ ଶୁନଇ ବିନୁ କାନା, ବିନୁ କର କରମ କରଇ ବିଧି ନାନା...'

ଠିକ୍ ସେମିତି ମହାରାଷ୍ଟ୍ରରୁ ଆସିଥିଲେ ଗଜାନନଙ୍କୁ ଆରାଧନା କରୁଥିବା ଗଣପତି ଭଟ୍ଟ। ସେତେବେଳେ ସ୍ନାନପୂର୍ଣ୍ଣିମା ସମୟ। ମନ୍ଦିର ଭିତରୁ ବାହାରି ସ୍ନାନବେଦୀରେ ପ୍ରଭୁ ଦର୍ଶନ ଦେବେ। ସେ ଶୁଣିଥିଲେ ଯେ ଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ। ଗଣପତି କିନ୍ତୁ ଗଜାନନଙ୍କ ବ୍ୟତୀତ ଅନ୍ୟ କାହାକୁ ପରଂବ୍ରହ୍ମ ବୋଲି ମାନୁ ନ ଥିଲେ। ସେ ଭାବିଥିଲେ ଜଗନ୍ନାଥ ନିଶ୍ଚିତ ଭାବେ ହାତୀ ମୁଣ୍ଡ ଧାରଣ କରି ଠିକ୍ ବିଘ୍ନ ବିନାଶନଙ୍କ ପରି ଦିଶୁଥିବେ। ହେଲେ ଜଗନ୍ନାଥଙ୍କର ତ ଗଣେଶଙ୍କ ସହିତ ଟିକିଏ ବି ସାମଞ୍ଜସ୍ୟ ନାହିଁ। ହୃଦୟ ତାଙ୍କର ଆହତ ହେଲା। ଏତେ ଦୂରରୁ ଗଜାନନଙ୍କ ଦର୍ଶନ କରିବା ପାଇଁ ଦୌଡ଼ି ଆସିଥିବାରୁ, ସମସ୍ତ ଶ୍ରମ ବ୍ୟର୍ଥ ହୋଇଛି ଭାବି ଖୁବ୍ ହତାଶ ହୋଇପଡ଼ିଲେ ଗଣପତି। ଆଖିରେ ଭରିଗଲା ଅଶ୍ରୁ...। କାନ୍ଦି କାନ୍ଦି ବିଳାପ କରି କରି ସେ ଭିଡ଼ରୁ ବାହାରି ଆସିଲା ବେଳକୁ, ସୁଦୃଶ୍ୟ ବ୍ରାହ୍ମଣ ଜଣେ ତାଙ୍କ ପଥ ଓଗାଳିଲେ। ପଚାରିଲେ ଭାଇ, କିଛି ଅସୁବିଧା ହେଲା କି? ଉତ୍ତରରେ ଗଣପତି ନିଜ ବେଦନା କହି ବିକଳ ହୋଇ କାନ୍ଦିବାରେ ଲାଗିଲେ। ତାଙ୍କ କଥା ଶୁଣି ବ୍ରାହ୍ମଣ ଜଣକ ହସି ଦେଇ କହିଲେ, ଆରେ ଦେଖ! ତୁମ ଗଜାନନ ହିଁ ତ ବସିଛନ୍ତି ସ୍ନାନମଣ୍ଡପରେ..। ଗଣପତି, ଲୁହ ସରସର ଆଖି ନେଇ ବୁଲି ପଡ଼ିଲେ। ହେଲେ ଏ କ'ଣ! ମଣ୍ଡପ ଉପରେ ନିଜେ ତାଙ୍କ ଇଷ୍ଟ ଗଣେଶ ମହାରାଜ ସ୍ୱୟଂ ବିଦ୍ୟମାନ। ସେ ଆଖି ପୋଛି ପୋଛି ଆଉ ଥରେ ଭଲ ଭାବେ ଚାହିଁଲେ...। ଟିକେ ପୂର୍ବରୁ ତ ଦେଖିଥିଲେ ହାତ ପାଦ ନଥିବା କଜ୍ଜଳକଳା ବିଶାଳ ମୂର୍ତ୍ତିଟିକୁ। ନା ଏ ତ ହାତୀ ମୁଣ୍ଡ ଥିବା ତିନୋଟି ପ୍ରତିମା ବିରାଜମାନ...। ଭକ୍ତି ଗଦଗଦ୍ ହୋଇ ଆନନ୍ଦରେ ସେ ନାଚି ଉଠିଲେ ଓ କୃତଜ୍ଞତା ପ୍ରକାଶ କରିବା ପାଇଁ ଉକ୍ତ ବ୍ରାହ୍ମଣଙ୍କୁ ଖୋଜିଲେ। ହେଲେ କାହିଁ କେଉଁଠି ତାଙ୍କୁ ଆଉ ପାଇଲେ ନାହିଁ। ଭକ୍ତର ମନ କଥା ବୁଝି ପ୍ରଭୁ ସେଇଦିନୁ ଭକ୍ତ ଗଣଙ୍କୁ ଗଣପତି ରୂପେ ଦର୍ଶନ ଦିଅନ୍ତି ସ୍ନାନପୂର୍ଣ୍ଣିମାରେ। ଯିଏ ଯେଉଁପରି ସମ୍ପର୍କ ଜଗଦୀଶଙ୍କ ସହିତ ଯୋଡ଼ିବାକୁ ଇଚ୍ଛା କରିଛି ସେଇ ସମ୍ପର୍କରେ ସେ ତା'କୁ କରିଛନ୍ତି କୃତାର୍ଥ।

ଯେମିତି ରାଇ ଚାହିଁଥିଲେ ସ୍ୱାମୀ ରୂପରେ, ଯଶୋଦା ଚାହିଁଥିଲେ ପୁତ୍ର ରୂପେ, ଅର୍ଜୁନ ସଖା ରୂପେ...। ନିଜେ ଭକ୍ତ ସାଲବେଗ କହିଛନ୍ତି, 'ଧେନୁ ପଛେ ପଛେ ବତ୍ସା ଗମେ କ୍ଷୀର ଲୋଭେ, ଭକତ ପଛରେ ତୁହି ଥାଉ ସେହି ଭାବେ।' ସେ ଅବ୍ୟକ୍ତ, ସେ ଅସୀମ, ସେ ଅନନ୍ତ, ସେ ଅକଳ୍ପନୀୟ, ସେ ଅଚିନ୍ତ୍ୟ...। ତାଙ୍କୁ ନିଜର ସୀମିତ ଜ୍ଞାନ, ସୀମିତ ସାମର୍ଥ୍ୟରେ ବର୍ଣ୍ଣନା କରିବାକୁ ଭାଷା ବି ହୋଇଉଠେ ଭାଷାହୀନ। କରୁଣାମୟଙ୍କ କରୁଣା ଆମକୁ ହେଉ ପ୍ରାପ୍ତ, ସେ ହିଁ ସାଜନ୍ତୁ ଆମ ପଥ ପ୍ରଦର୍ଶକ...। ଏତିକି ମାଗୁଣି କରିବା ବ୍ୟତୀତ ଆଉ ବା କ'ଣ ଭିକ୍ଷା କରାଯାଇପାରେ!

# ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ

**ଭୁବନେଶ୍ୱର, ୫।୨(ସମିସ):** ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ। ଏଚ୍ଆଇଭି/ଏଡସ୍ ଦୂରୀକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ୨୦୩୦ ମସିହା ସୁଦ୍ଧା ରାଜ୍ୟରୁ ଏଡ୍ସର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ସକାରାତ୍ମକ ଚିନ୍ତାଧାରା ସହ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଡାକ୍ତର ସ୍ୱାଇଁ ଏହା ପୂର୍ବରୁ ରାଉରକେଲା ସରକାରୀ ହସ୍ପିଟାଲର ନିର୍ଦ୍ଦେଶକ ଏବଂ ଆମ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିଲେ।

# ହାତୀଛୁଆର ସନ୍ଦେହଜନକ ମୃତ୍ୟୁ

**ଯୋଡ଼ା, ୫।୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ବୈତରଣୀ ବି ସଂରକ୍ଷିତ ଜଙ୍ଗଲରେ ରହୁଥିବା ଏକ ହାତୀଛୁଆର ସନ୍ଦେହଜନକ ମୃତ୍ୟୁ ଘଟିଛି। ନବଜାତ ହାତୀ ଛୁଆଟି ମା' ପେଟରୁ ମୃତ୍ୟୁ ହୋଇଛି କିମ୍ବା ଜନ୍ମ ହେଲା ପରେ ମୃତ୍ୟୁ ଘଟିଛି ତାହା ସନ୍ଦେହ ଘେରରେ ରହିଛି। ଘଟଣାରୁ ପ୍ରକାଶ ଯେ, ଏକ ୧୨ଟିକିଆ ହାତୀ ଦଳ ୩ ତାରିଖରୁ ବୈତରଣୀ-ବି ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ଉକ୍ତ ଦଳର ଏକ ମା' ହାତୀ ରବିବାର ରାତି ପ୍ରାୟ ୮ଟା ବେଳେ ଡଡୁଆଁ ଗ୍ରାମ ବିଲ ମଧ୍ୟରେ ପ୍ରସବ କରିଥିଲା। ହାତୀ ଶିଶୁଟି ଜନ୍ମସ୍ଥଳରୁ ୧୦/୧୨ମିଟର ଦୂରକୁ ଘୋଷାଡ଼ି ହୋଇ ସ୍ଥାନାନ୍ତରିତ କରାଯାଇଛି। ଫଳରେ ଏହା ସନ୍ଦେହ ସୃଷ୍ଟି କରିଛି। ଡ୍ୟୁଟିରେ ଥିବା ବନ ବିଭାଗ କର୍ମଚାରୀମାନ ଜାଣିବା ପରେ ଘଟଣାସ୍ଥଳରେ କେନ୍ଦୁଝର ଆଇଏଫ୍ଏସ୍ ଅଜିଜ୍ ଖାନ, ଏସିଏଫ୍ କେନ୍ଦୁଝର ଅଶୋକ କୁମାର ଦାସ, ଏସିଏଫ୍ ଚମ୍ପୁଆ ଅକ୍ଷୟ କୁମାର ଛତ୍ରିଆ, ଏଡିଭିଓ ଦିଗବଳୟ ମହାନ୍ତି, ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରସନ୍ନ କୁମାର ମୁଣ୍ଡା, ବଡ଼ବିଲ ରେଞ୍ଜର ରଞ୍ଜନ କାଲୋ, ଯୋଡ଼ା ଫରେଷ୍ଟର ତ୍ରିନାଥ ଯେନା, ବିରିକଳା ସରପଞ୍ଚ ମୁଖ ନାଏକ ଓ ବିଲେଇପଦା ଫାଣ୍ଡି ଅଧିକାରୀ ସରୋଜ କୁମାର ସାହୁ ପହଞ୍ଚି ତଦନ୍ତ କରୁଛନ୍ତି।

# ଡ. ଶୈଳେଶ କୁମାର ଏମ୍ସ ଭୁବନେଶ୍ୱରର ନୂଆ ସଭାପତି

**ଭୁବନେଶ୍ୱର, ୫।୨ (ସମିସ):** ହୃଦ୍‌ରୋଗ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱରର ସଭାପତି ଡ. ଅକ୍ଷୟ କୁମାର ବିଷୋୟୀଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ପୂରି ନ ଥିବା ବେଳେ ପୁଣି ସଭାପତି ବଦଳିଛନ୍ତି। ଡ. ଶୈଳେଶ କୁମାରଙ୍କୁ ନୂଆ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁସାରେ, ଡ. ଶୈଳେଶ କୁମାର ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ଡ. ରାମ ମନୋହର ଲୋହିଆ ହସ୍ପିଟାଲର ସର୍ଜରୀ ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ଏମ୍ସ ଭୁବନେଶ୍ୱରର ପରିଚାଳନା ବୋର୍ଡର ବରିଷ୍ଠ ସଦସ୍ୟ ରହିଛନ୍ତି। ଗତବର୍ଷ ମେ ମାସରେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡ. ଏ କେ ବିଷୋୟୀଙ୍କୁ ଭୁବନେଶ୍ୱର ଏମ୍ସର ସଭାପତି ଭାବେ ନିଯୁକ୍ତ କରାଯାଇଥିଲା।


## AFFIDAVIT

By virtue of an affidavit sworn before the Executive Magistrate, Rasulpur dated 02.02.2024. I, Prasanta Ku Pati, Village- Gopinathapur, Po- Madhuban Hat, Ps.- Kuakhia, Dist.- Jajpur, Odisha, declare that I have changed my surname from Prasanta Kumar Pati to Prasanta Kumar Panigrahi. Henceforth I shall be known as **Prasanta Kumar Panigrahi** for all purposes.

Sd/-
Prasanta Kumar Panigrahi

## AFFIDAVIT

I, Jayajagadish Padhi, S/o-Late Dinabandhu Padhi, resident of AT-Plot No.L-3/3, Unit-3, Kharavel Nagar, Bhubaneswar, Pin-751001, Odisha declare by this affidavit No.148, dated 23/01/2024 that now onwards I shall be known as **JAY JAGADISH PADHI** for all future purposes.

## AFFIDAVIT

I, Renuka Sinha, W/o-Abhinav Sinha Resident of House No - 6JC, Mani Tribhuban, Nandan Kanan Road, Patia, Bhubaneswar Dist-Khurda, Odisha-751024 declare by this affidavit No. 69AA 061309 dtd 05.02.2024 that now onwards I shall be known as **Renuka Singh** for all future purposes.

## AFFIDAVIT

I, Susanta Kumar Sahoo, S/o- Banamali Sahoo Resident of At/Po-Ragadipada, Ps-Badamba, Dist - Cuttack, Odisha, declare by this affidavit No. 65AA 016287 dated 05.02.2024 that now onwards I shall be known as **Susanta Sahoo** for all future purposes.

---

A-

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, NABARANGPUR**
No. 142 / Dt. 03.02.2024
GOVERNMENT OF ODISHA
e- Procurement Notice
1st Corrigendum to Bid Identification No. - SEMIDNGPUR No. 07/2023-24
Email: mingpur@yahoo.in

Due to some unavoidable circumstances the Bid document will be available From 08.02.2024, 10.00 AM to 15.02.2024, 5.00 PM in website (www.tendersorissa.gov.in) instead of From 05.02.2024, 10.00 AM to 13.02.2024, 5.00 pm and the date of Bid opening will be 16.02.2024 at 11.00 AM instead of 15.02.2024.
All other terms and conditions of the above notice remain unchanged.

OIPR-32294/11/0019/2324
Superintending Engineer
M.I. Division, Nabarangpur.

---

A-1399

**GOVERNMENT OF ODISHA
DEPARTMENT OF WATER RESOURCES**
Office of the Additional Chief Engineer,
Drainage Circle, Balasore.
Email ID: sedcbls@yahoo.com
"e" PROCUREMENT NOTICE NO.- ACEDCBLS - 18/2023-24

| | | |
|---|---|---|
| 1 | Name of the Work | Drainage Works (under D.I.P Scheme) |
| 2 | Name of Project | 1 No of individual work |
| 3 | Estimated cost of individual works | Estimate cost Varies from Rs. 1,51,04,951/- to Rs. 2,28,59,822/- ( Excluding G.S.T) |
| 4 | Period of completion | 11 (Eleven calendar month) |
| 5 | Bid Identification Number | ACEDCBLS/DDJPR-01-18-2023-24<br>ACEDCBLS/DDJPR-02-18-2023-24<br>ACEDCBLS/DDJPR-03-18-2023-24<br>ACEDCBLS/DDJPR-04-18-2023-24 |
| 6 | Date & Time of availability of Bid document in the portal | From 07.02.24 at:10 hours to 22.02.24 at:17 hours |
| 7 | Date of Opening of technical bid | Dt.23.02.2024 at: 11.30 hours. In the Office of the Additional Chief Engineer, Drainage Circle, Balasore |
| 8 | Date of Opening of Financial bid | To be uploaded in portal |
| 9 | Date of Lottery( if required) | To be notified |
| 10 | Procurement Officer/ Name & address of the officer inviting Bids. | Additional Chief Engineer, Drainage Circle, Balasore |

Further details can be seen from the Govt. Web site www.tendersorissa.gov.in

OIPR-32190/11/0024/2324
Additional Chief Engineer
Drainage Circle, Balasore

---

A-1404

GOVERNMENT OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION ANANDAPUR**
AT/P.O-SALAPADA, DIST-KEONJHAR, PIN-758020
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE(OIIPCRA)
(WORLD BANK PROJECT ID: PI63533)
REQUEST FOR BIDS(RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-AND/W2-4/2023-24 Date. 01.02.2024

| | |
|---|---|
| Name of work | Modernisation work of MIPs under M.I.Division ,Anandapur |
| No. of works | 01 Minor irrigation Tanks. |
| Estimated cost: | Rs. 385.87 Lakhs Approx (Total estimated cost of 01 tanks Rs. 385.87 ) |
| Cost of Bid Document | Free of Cost |
| Period of completion | As per DTCN |
| Availability of bid documents | From 12.02.2024 from 10.00 Hrs to 12.03.2024 up to 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | 19 Feb '2024 As per Para-7 of DTCN |
| Last date & time of receipt of bid | Up to 12.03.2024, 15.00 Hrs. through online. |
| Period of receipt of bid security | To be paid online along with the bid. Bank Guarantees also acceptable subject to verification, |
| Date of opening of technical bid | On dt: 12.03.2024 at 15.30 Hrs. |
| Date of opening of financial bid | To be intimated online after off-line evaluation of Technical Bid. |
| Digital signature certificate of Bidder | The bidder must possess compatible digital signature certificate (DSC) of Class-II or III. |
| The detail tender call notice can also be seen in the DOWR website | https://dowrodisha.gov.in<br>https://octdms.in |
| Name & Address of the OIT | Superintending Engineer, M.I. Division, Anandapur. AT/P.O-Salapada, Dist-Keonjhar, PIN-758020, E-Mail:- mianandapur@yahoo.co.in |
| Further details can be seen from the e-Procurement market place in | https://tendersodisha.gov.in |
| | Superintending Engineer, M.I. Division, Anandapur |

OIPR-32108/11/0013/2324
Superintending Engineer
M.I. Division, Anandapur

---

i-609

**OFFICE OF THE PANCHAYAT SAMITI, CHANDBALI**
At/Po- Chandbali, Dist.- Bhadrak, pin-756133
email: ori-chandbali@nic.in
INVITATION FOR BIDS (IFB)
BID IDENTIFICATION NO-1/2024-25, DT. 05.02.2024

| SL No | Name of the Project | Amount put to tender | EMD | Time for Completion | Class of Contractor | Cost of Document |
|---|---|---|---|---|---|---|
| 1 | Construction of Office Building with Market Complex for GPLF building at Dhamara GP | 25,03,355.67 | 25,033.00 | Six Calendar Months | C & B | 6000.00 |
| 2 | Construction of Office Building with Market Complex for GPLF building at Kheranga GP | 25,03,355.71 | 25,033.00 | Six Calendar Months | C & B | 6000.00 |
| 3 | Construction of Office Building with Market Complex for GPLF building at Nandapur GP | 25,03,355.67 | 25,033.00 | Six Calendar Months | C & B | 6000.00 |
| 4 | Construction of Office Building with Market Complex for GPLF building at Bhatapada GP | 25,03,355.67 | 25,033.00 | Six Calendar Months | C & B | 6000.00 |
| 5 | Construction of Office Building with Market Complex for GPLF building at Gopinathpur GP | 25,03,355.67 | 25,033.00 | Six Calendar Months | C & B | 6000.00 |
| 6 | Construction of Office Building with Market Complex for GPLF building at Orasahi GP | 25,03,355.70 | 25,033.00 | Six Calendar Months | C & B | 6000.00 |

1. Date & Time : 10AM of 05.02.2024 to 1PM of 17.02.2024
2. Last Date : Up to 1PM of 17.02.2024
3. Time of Opening : 3PM of 17.02.2024
4. Name and address : Block Development Officer, Chandbali , Bhadrak

Further details can be seen from the website potal https://bhadrak.nic.in/- . The interested bidders can contact office of the Block Development Officer, Chandbali, Dist- Bhadrak, Contact No- 6372685220

OIPR-19183/11/0004/2324
Block Development Officer
Chandbali

---

**OFFICE OF THE ASKA CO-OPERATIVE SUGAR INDUSTRIES LTD, ASKA.**
TENDER CALL NOTICE:- 1768 /2024, DATED:02.02.2024
INVITATION FOR COMPETATIVE BIDING

Bid Notice No:-02/2023-24 Dated: 02/02/2024.

The Managing Director, Aska Co-operative Sugar Industries Ltd, Nuagam, Aska Invites sealed tender in confirming with sealed tender call notice (D.T.C.N) from the Registered contractor of state PWD or equivalent class of CPWD /Railway/MES/Central Govt./State Govt. Undertaking for the following works to be eventually drawn up in the percent rate contractor from (P-1).

| Sl NO | Name of the Work | Approximate Estimate Cost in Rs | EMD in Rs | Eligibility of Contractor | Time of Completion | Cost of Tender Paper ( Non Refundable) |
|---|---|---|---|---|---|---|
| 1 | Construction of Country Liquor Storage Go-Down at Aska Co-Op. Sugar Industry. | 75,05,000/- | 75,050/- | "B" | 03 Months | 08,000/- |

1. Registered Contractor of Class "B" can obtain tender documents for the work either from Office of the Aska Co-Operative Sugar Industries Ltd, Aska or from the official web site (www.askasugar@yahoo.co.in) in all working days during office hours from 03.02.2024 to 12.02.2024 on payment of the Cost as indicated in the table in shape of A/c payee DD (Non – refundable) drawn in favour of Aska Co-Operative Sugar Industries Ltd, Aska,. The tender shall be received in a sealed cover through Registered Post/ Speed Post only. The tender will be opened before the Tender Committee on 13.02.2024 at 11.30 AM in presence of tender or their authorized representative.
2. To know the detailed advertisement please visit the Aska Co-Operative Sugar Industries Ltd, Aska on working days.

Managing Director
ACSI Ltd., Aska

---

A-1425

**OFFICE OF THE SUPERINTENDING ENGINEER
MINOR IRRIGATION DIVISION GANJAM No - I, BERHAMPUR.**
e-mail ID:-eemi_gm1@yahoo.co.in
Letter No. 430 / Dated 02.02.2024
Corrigendum to Bid Identification No online Tender/ 05 / GMID-I/2023-24

In partial modification to this office Bid I.D No Online tender/ 05 / GMID-I/2023-24 vide DTCN No.3750 Dtd. 26.12.2023, the following modifications are made.

| Sl No. | Details of Modification | As Per T.C.N | Modified as |
|---|---|---|---|
| 1) | Last Date of availability and receipt of Bid document online | 02.02.2024 upto 17.00 Hours | 12.02.2024 upto 17.00 Hours |
| 2) | Date and time of Opening of Tender | 03.02.2024 at 11.00 Hours | 13.02.2024 at 11. 00 Hours |

All Other terms & conditions of the tender will remain unaltered.

OIPR-32104/11/0030/2324
Superintending Engineer,
M.I.Divn. Ganjam-I,Berhampur.

---

A-1428

**GOVERNMENT OF ODISHA
DEPARTMENT OF WATER RESOURCES**
"e" Procurement Notice-BAID 05 OF 2023-24
BID IDENTIFICATION NO. BAID 05 OF 2023-24

| | | |
|---|---|---|
| 1 | Name of the Work | River Embankment & Canal Embankment for the year 2024-25. |
| 2 | Total No. of Package | 17 Nos. |
| 3 | Tender Cost | Rs. 8.48 Lakhs to 42.36 Lakhs as per DTCN |
| 4 | Bid Security | Rs. 8500/- to 42400/- |
| 5 | Cost of Tender Paper (Online) | Rs. 4000/- to 6000/- as per DTCN |
| 6 | Period of Completion | As per DTCN |
| 7 | Availability of Tender online for bidding | From 09.02.2024 at 12.00 Noon to 19.02.2024 up to 5.30 P.M. |
| 8 | Date and place of opening | Dt. 20.02.2024 at 11.00 AM in the office of the Superintending Engineer, Baitarani Irrigation Division, Salapada |
| 9 | Tender Inviting Authority | Superintending Engineer, Baitarani Irrigation Division, Salapada |

Further details can be seen from the website http://www.tendersorissa.gov.in / www.dowrodisha.gov.in Any addendum/ Corrigendum/ Cancellation to the above notice will be published in this web site only.

OIPR-32349/11/0006/2324
Superintending Engineer
Baitarani Irrigation Division, Salapada

---

**OFFICE OF THE PANCHAYAT SAMITI, BASUDEVPUR**
At/Po- Basudevpur, Dist.- Bhadrak, Email: ori-basudevpur@nic.in
Letter No. 432 / Date 03.02.2024
Tender Call Notice- 07/2023

1. Name of the Project :- "Construction of GPLF Building
2. Total No of Project :- 05 Nos
3. Class of Contractor :- "C & B" Class
4. Period of Completion :- 6 Calender Months
5. Other details :- As per DTCN.

| Sl No | Procurement Officer | Available Tender On-line for bidding | | Last date of receipt of Bids | Date & time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 05.02.2024 | 15.02.2024 | 15.02.2024 12.00 PM | 15.02.2024 4.00 PM |

6. Further details can be seen from the website portal "https:// www.bhadrak.nic.in
7. Any other changes/Corrigendum/Addendum may be seen only in website www.bhadrak.nic.in

OIPR-19306/11/0014/2324 i-608
Block Development Officer
Basudevpur

---

MM-439

Standard Bidding Document
Government of Odisha
Forest, Environment& Climate Change Department,
Divisional Forest Officer, Boudh (K.L) Division.
No. 363 / Dated 05.02.2024

**SHORT TENDER NOTICE FOR HIRING OF PRIVATE VEHICLES**

Sealed tenders are invited from interested Individuals / Service Providers / Registered Travel Agencies for providing 09(Nine) Nos. of A.C. Diesel driven Bolero, which shall confirm to the Terms and conditions in Annexure-I for official use in the jurisdiction of the Divisional Forest Officer, Boudh (K.L) Division on hiring basis for a period of 1 Year (Bolero) for ACF and 8(eight) months (Bolero) for Range level on monthly hire basis. The last date of submission of Tender is on Dt. 22.02.2024 up to 04 PM. The tender papers are to be opened on Dt.23.02.2024 at 11.00 AM in the office of the Divisional Forest Officer, Boudh (KL) Division in presence of applicants.

The application form for tender containing General Bid information & terms and condition etc for hiring of vehicles will also be available in the office of the undersigned on all working days.

OIPR-08032/11/0004/2324
Divisional Forest Officer,
Boudh (K.L) Division

---

O-2436

By E Mail/e-Despatch
E MailID : [illegible]
Ph-No-06782/260318
Balia,Balasore

**OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE**
"e" Procurement Notice for Road Work

Identification No.- Online Tender- Road N.C.B. No. 75 for 2023-24
Letter No. 515/WE Date 02.02.2024

1. Name of the work :- Road under MMSY-TRIP
2. Total No. of work :- 3 Nos. of Roads.
3. Estimated Cost :- From Rs. 436.81lakhs to Rs. 670.80 lakhs(Approximately)
4. Eligible Class of Contractor :- "A" & "Special" Class(of Odisha P.W.D.) or relevant Class of other Licensing authorities (as per annexure).
5. Period of Completion :- From 09 (Nine) to 11(Eleven)Calendar months for the work.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-75 | 05.02.2024 at 10.00 A.M | 13.02.2024 Up to 5.00 P.M. | 12.02.2024 Up to 5.00 P.M. | 15.02.2024 at 10.00 P.M. | Will be intimated later |

• Further details can be seen from the website: www.tendersodisha.gov.in

OIPR-25105/11/0098/2324
Sd/- N.V HariharRao
Chief ConstructionEngineer,
R.W. Circle, Balasore.

---

A-1406

**GOVERNMENT OF ODISHA
DEPARTMENT OF WATER RESOURCES**
Office of the superintending Engineer
U.K. Head Works Division, Kolabnagar (K), Pin-764011
e-Procurement Notice-SE-UKHWD-19/2023-24, Dated 01.02.2024 (ONLINE)

1. Nature of Work :: Supplying, fixing, installation of lights.
2. No. of Work :: 02 (Two) No.
3. Approximate Value of Works :: 6.62 Lakhs to 8.44 Lakhs
4. Class of Contractor :: Authorised firms/ Electrical Order Suppliers/ Govt. order suppliers/ Contractors/ Individuals dealing with similar nature of works.
5. Period of completion :: 01 (One) Calendar Months
6. Date & time of availability of bid documents on line :: 06.02.24 at 11.00 Hours to 15.02.24 upto 17.30 Hours
7. Date & Place of opening of Bid on line :: 16.02.24 (10.30 Hours) at office of the Superintending Engineer,UKHWD,Kolab Nagar
8. Name of the officer inviting Bids. :: Superintending Engineer,UKHWD , Kolab Nagar

Further details can be seen from the e-procurement portal http://tendersodisha.gov.in.
Addendum/ Corrigendum/ Cancellation, if any, required will be published in Govt. website only.

OIPR-32015/11/0017/2324
Superintending Engineer
Upper Kolab Head Works Division,
Kolabnagar

---

O-2445

**OFFICE OF THE EXECUTIVE ENGINEER
RWSS DIVISION, RAIRANGPUR**
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 71RWSS/RRPUR-2023-2024/Dated 03.02.2024

The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work: - Shifting of water supply utilities affected due to widening & strengthening of **Raruan-Fagu via Ghagarbeda & widening of Tangabilla-Sukruli to Bisoi via Hatichhad** ODR from **0.000 KM to 13.014 KM (Bisoi Block Portion)** under **Bisoi** Block.
2. No. of work : - 03(Three) nos
3. Period of Completion : 02(Two) months
4. Cost of tender : - ₹6000.00
5. Estimated cost : - ₹12.49 Lac to ₹49.57 Lac
6. Class of Contractor : - (As mentioned in Tender Call Notice)
7. Date and time of availability of bid documents in Portal: -from **9 hours of 08.02.2024 to 17.30 to hours of 19.02.2024**
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. **20.02.2024 at 11.00** hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
12. **Any addendum / Corrigendum / Cancellation of tender can also be seen in the said website.**
13. **Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her**

OIPR-25010/11/0026/2324
Executive Engineer
RWSS Division, Rairangpur

---

A-1400

**GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MALKANGIRI**
Email id: midivmalkangiri@gmail.com
NOTICE INVITING TENDER
e-procurement Notice
Bid Identification No. SEMIDMKG-05/2023-24
Letter No. 194 / Dt. 02.02.2024

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to MIPs in Different Blocks of Malkangiri District.
2. Total Number of works : 04 (Four) Nos.
3. Estimated cost : Approximately varies From Rs. 12.60 lakhs to Rs. 25.20 lakhs.
4. Period of completion : 03( Three) Calender Months
5. Class of Contractor : "D" "C"&"B" Class Contractor
6. Date and time of availability of bid documents in the portal : From 10.00 A.M of 09.02.24 to 5.00 PM of 22.02.2024
7. Last date /time for receipt of bids in the portal : 5.00 pm on 22.02.2024
8. Date of opening of bid : At 11.00 am on 23.02.2024 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer. Minor Irrigation Division,Malkangiri
11. Further details can be seen from the Government of Odisha Web-site:www.tendersorissa.gov.in

OIPR-32364/11/0006/2324
Superintending Engineer
M.I. Division, Malkangiri

---

A-1411

**GOVERNMENT OF ORISSA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER,
BARIPADA, MINOR IRRIGATION CIRCLE, BARIPADA**
e-Mail ID:acemicircleb@gmail.com
"e" Procurement Notice
No 291 Dated 01.02.2024
BID IDENTIFICATION NO- Addl. C.E BMIC No.- 04/BMIC/2023-24

The Additional Chief Engineer, Baripada Minor Irrigation Circle, Baripada on behalf of Governor of Odisha invites **percentage rate bids in Double cover only in ONLINE mode** for the Construction of works detailed in the table from **"B" & "A"** Class & **above class** Contractors registered with the State Government and contractors of equivalent Grade/ Class registered with Central Government/M.E.S./Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works :- Repair & Improvement of MIPs under Mukhya Mantri Canal Lining Yojana Scheme
2. Total No. of works :- 1 (One) no
3. Estimated Cost :- Rs 249.26 Lakh Approximately (Detail list of work Annexed)
4. Class of Contractor :- Class "B" & "A"
5. Period of completion :- As Mentioned against Work.
6. Date & time of Availability of Bid Document in the portal for online bidding. :- 13.02.2024 at 10.00 AM to 22.02.2024 up to 5.00 P.M.
7. Last date/Time for receipt of Bid only in ONLINE. :- 22.02.2024 up to 5.00 P.M.
8. Date/Time of Opening of Technical Bid. :- 23.02.2024, at 11.00 A.M. at Office of the Addl. C.E Baripada M.I Circle, Baripada through Web site
9. Date/Time of Opening of Financial Bid :- To be intimated online after offline evaluation of Technical Bids.
10. Date of Transparent Lottery (If cases arises) At 11.00 A.M onwards of dated 06.03.2024
10. Name & Address of the Officer Inviting the Bid. :- Additional Chief Engineer, Baripada M.I. Circle, Baripada At/Po-Baripada Dist: Mayurbhanj PIN-757001 E-Mail:- acemicircleb@gmail.com
11. Mode of Payment of Bid Cost :- Online
12. Further details can be seen from the "e" Procurement Portal https://tendersodisha.gov.in.

OIPR-32490/11/0012/2324

# ‘ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଗର୍ବ ଓ ଗୌରବର ବିଷୟ’










ବୌଦ୍ଧ, ୫ ।୨(ସମିସ)

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବେଳେ ବୌଦ୍ଧ ଏନଏସି ତରଫରୁ ସ୍ଥାନୀୟ ମାଉସୀ ମା’ ମନ୍ଦିର ପରିସରରେ ଏହାର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ. ସୋନାଲ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସୋନାଲ ନିଜ ବକ୍ତବ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ନିଶ୍ଚିତ ଭାବେ ସାଢେ ୪କୋଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହିତ ଛାତ୍ରଛାତ୍ରୀ ଓଡିଆ ଭାଷାକୁ ସମ୍ମାନ ଦେବାକୁ ଗୁରୁତ୍ୱ ଦେଇଥିଲେ ।

ସମ୍ମାନୀତ ଅତିଥି ଭାବେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ପୂର୍ବତନ ଏନଏସି ନିର୍ବାହୀ ଅଧିକାରୀ ଅଶୋକ ବେହେରା, ନୂତନ ଭାବେ ଯୋଗ ଦେଇଥିବା ଏନଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଅବସରରେ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଆରସିଏସ୍ ହାଡିବନ୍ଧୁ ମହାକୁଡ ମଞ୍ଚ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ପରିକ୍ରମା ରଥକୁ ଜିଲ୍ଲାପାଳ ଶ୍ରୀ ସୋନାଲ ପୂଜାର୍ଚ୍ଚନା କରି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସଭା ଗୃହରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ସୁବାସଚନ୍ଦ୍ର ପାତ୍ର ଯୋଗ ଦେଇ ଓଡିଆ ଭାଷାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପାରମ୍ଭରୁ ‘ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ଡ. ପାତ୍ର, କବି ଭିକାରୀ ଚରଣପଧାନ, କବୟତ୍ରୀ ମଞ୍ଜୁଲତା ମିଶ୍ର ଓ ସାମ୍ବାଦିକ ତଥା କବି ବିପ୍ରଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ ।

**ସୁବଳୟା:** ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସସ୍ମିତା ଦୀପ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ଅସ୍ମିତା ଓ ବରପୁତ୍ରମାନଙ୍କ ଓଡ଼ିଆ ପ୍ରୀତି ବିଷୟରେ ଆଲୋକପାତ କରିଥିଲେ । ସ୍ଥାନୀୟ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ୍ ଗଣିତ ଶିକ୍ଷକ ଦିନବନ୍ଧୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ବଞ୍ଚିଲେ ଜାତିର ଉନ୍ନିତ ଅତୁଟ ରହେ ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜୀବର୍ଦ୍ଧନ ରଣା, ନନ୍ଦ ବିଶି, କ୍ଷୀରସିନ୍ଧୁ ପ୍ରଧାନ ଓଡ଼ିଆ ଭାଷାର ଗୌରବ ବର୍ଣ୍ଣନା କରିଥିଲେ । କାଯ୍ୟକ୍ରମକୁ ଜିଆରଏସ ପ୍ରଶାନ୍ତ ପଣ୍ଡା ପରିଚାଳନା କରିଥିଲେ । ପ୍ରଦୀପ ବାଦୀ, ଲଲାଜୀ ବେହେରା କାର୍ଯ୍ୟକ୍ରମ ତୁଲାଇଥିଲେ । ଏମ୍‌ବିକେ ଗୀତାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିଭଳି ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟରେ ମଧ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି । ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସାମୂହିକ ଗାନ କରାଯାଇ ଓଡ଼ିଆ ଭାଷାର ଅସ୍ମିତା ରକ୍ଷା ପାଇଁ ଉତ୍ସର୍ଗୀକୃତ ମହାମନିଷୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ‘ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ’ ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇ ଯୁବ ସାହିତ୍ୟିକ ତ୍ରିପୁରାରୀ ମହାକୁର, ଲକ୍ଷ୍ମୀନାରାୟଣ ସାହୁ, ସନ୍ତୋଷ ଅଦାବର, ଲକ୍ଷ୍ମଣ ଖମାରୀ, ଯୁଧିଷ୍ଠିର ଖମାରୀ ଭାଷା ସାହିତ୍ୟର ସୁରକ୍ଷାରେ ବିଭିନ୍ନ କବି, ଗାଳ୍ପିକ, ନାଟ୍ୟକାର, ସାହିତ୍ୟିକଙ୍କ ଯୋଗଦାନର ସ୍ମୃତିଚାରଣ ସହ ଭାଷା ସାହିତ୍ୟ ଋଦ୍ଧିମନ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି ମତ ପ୍ରକାଶ କରିଥିଲେ । ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା । ସେହିପରି ବାଗବର ପ୍ରାଥମିକ ବିଦ୍ୟାଳୟ, ସୁବଳୟା, ସଂଗ୍ରାମପୁର, ପିତାମହୁଲ, କମିରା, କେନଝରିଆପାଲି, ଖଣ୍ଡହତା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

**ତରଭା:** ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ରଥ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ସାହିତ୍ୟ ସାଧକ ହିରଣ୍ମୟ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ନିଜର ଅନୁଭୂତି ଏବଂ ଗଳ୍ପ ମାଧ୍ୟମରେ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଭାଷାର ଉପାଦେୟତା ଓ ଜୀବନରେ ଭାଷାର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଏସ୍‌ଏମସିର ସଭାପତି ଅନିତା ଅଧିକାରୀ ଯୋଗଦେଇ ଭାଷାର ସ୍ଥାନ ସର୍ବଦା ଉଚ୍ଚରେ ରହିଲେ ହିଁ ଦେଶ ବା ଜାତିର ସ୍ଥାନ ଉଚ୍ଚ ହୋଇଥାଏ ବୋଲି କହିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରଜ୍ ସେଠୀ ମଞ୍ଚ ପରିଚାଳନା କରିଥିଲେ । ଓଡ଼ିଆ ଭାଷା ସାହିତ୍ୟକୁ ପ୍ରାଥମିକ ସ୍ତରରୁ ସୁଦୃଢ କରିବା ପାଇଁ କେତେକ ପ୍ରତିଯୋଗିତା କରାଯାଇଥିଲା । ସେଥିରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୫ ଅଭିଯୋଗର ତତ୍କାଳ ସମାଧାନ



**ବୌଦ୍ଧ, ୫ ।୨(ସମିସ):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲ, ସହକାରୀ ଆରକ୍ଷୀ ଅଧୀକ୍ଷକ ମାରିଆନୋସ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ବୌଦ୍ଧ ବିଡିଓ ଅକ୍ଷୟ ପାଣି ଓ ତହସିଲଦାର ଅନୀତା ସାହୁ ସଂଯୋଜନା କରିଥିଲେ । ୯୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୮୦ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୩୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ୨୪ ହଜାର ଟଙ୍କା ଲେଖାଏ ସହାୟତା ଏବଂ ୨ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

## ରେଳ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କୁ ସମ୍ବର୍ଦ୍ଧନା



**ସୋନପୁର, ୫ ।୨(ସମିସ):** ସୋନପୁରରୁ ରେଳ ଚଳାଚଳ ଆରମ୍ଭ ହୋଇଥିବାରୁ ସହରବାସୀ ଖୁବ୍ ଆନନ୍ଦିତ ହୋଇଛନ୍ତି । ଏହି ଅବସରରେ ସୁବର୍ଣ୍ଣପୁର ସିଭିଲ୍ ସୋସାଇଟି ପକ୍ଷରୁ ରେଳ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ରେଳ ଲାଇନ୍ ପାଇଁ ଏଠାରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତି ବିଶେଷଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଆନ୍ଦୋଳନ ସଂପର୍କରେ ସିଭିଲ୍ ସୋସାଇଟି ଅଧ୍ୟକ୍ଷ ଶ୍ୟାମାଓଁ ପ୍ରସାଦ ମିଶ୍ର ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରମିକ ନେତା ଗୋବିନ୍ଦ ମହାରଣା, ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ଅଭିମନ୍ୟୁ କୁଶଳ, ଜିତେନ୍ଦ୍ର ପଟ୍ଟନାୟକ, ଲଡ୍ଡୁ କିଶୋର ମଲ୍ଲିକ, ସଚିଦାନନ୍ଦ ଦାଶ, ଚକ୍ରାୟୁଧ ନାଏକ, ସୁଧୀର ପଣ୍ଡା, ପ୍ରଦୀପ ବକ୍ସି, ପ୍ରିୟବ୍ରତ ସାହୁ, ଶେଷଦେବ ମେହେର ଏବଂ ସୁମନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର ଉପସ୍ଥିତ ଥିଲେ । ନାଟ୍ୟ ନିର୍ଦ୍ଦେଶକ ମନୋଜ ବାରିକ ସଂଯୋଜନା କରିଥିଲେ ।

## ସୂଚନା ଅଧିକାର ଆଇନ ସଚେତନତା କର୍ମଶାଳା



**ବୌଦ୍ଧ, ୫ ।୨(ସମିସ):** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଗୃହରେ ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଉପ-ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ଯୋଗଦେଇ ଉଦ୍‌ଘାଟନ କରିଥିଲେ । କର୍ମଶାଳା ଆରମ୍ଭରେ ଫେବୃଆରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ପରିପ୍ରେକ୍ଷୀରେ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରାଯାଇଥିଲା । କର୍ମଶାଳାରେ ଜିଲ୍ଲାର ସମସ୍ତ ଲୋକ ସୂଚନା ଅଧିକାରୀ, ସହକାରୀ ଲୋକ ସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏଥିରେ ସୂଚନାର ଅଧିକାର ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଅଧିକାର ବିଶେଷଜ୍ଞ ହର୍ଷ ପରିଚ୍ଛା ଆଲୋକପାତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସହାୟତା ପାଇଲେ ୪ ଭିନ୍ନକ୍ଷମ ଦମ୍ପତ୍ତି

**ସୋନପୁର, ୫ ।୨(ସମିସ):** ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ସୋନପୁର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ଶିବିରରେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୨ଟି ଓ ସାମୁହିକ ଦରଖାସ୍ତ ୬ଟି ରହିଥିଲା । ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ମଧ ୨ଟି ଦରଖାସ୍ତ ଗ୍ରହଣ କରାଯାଇଛି । ୪ ଯୋଡ଼ି ଭିନ୍ନକ୍ଷମ ଦମ୍ପତ୍ତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଁଏ ଆର୍ଥିକ ସହାୟତା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା । ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପାଢ଼ୀ, ସିଏସଓ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ହୃଷିକେଶ ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।




## ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ମନମୁଣ୍ଡା, ୫ ।୨(ସମିସ):** ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ପଦ ଭୁକ୍ତାଙ୍କ ତତ୍ତ୍ୱାବଧାନ ଏବଂ ଖେଳ ଶିକ୍ଷକ ବସ୍ତିଆଙ୍କ ପରିଚାଳନାରେ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା । ଅଧ୍ୟାପକ ସଞ୍ଜୟ ଭବସାଗର, ଦେବେନ୍ଦ୍ର ଥନାପତି, ବ୍ରଜେନ୍ଦ୍ର ତ୍ରିପାଠୀ, ପ୍ରମୋଦ ସାହୁ, ଗୋପାଳ କୃଷ୍ଣ ଦାସ, ଅଧ୍ୟାପିକା ଗୌରିମୟୀ ଦାସ ଏବଂ କପିଳେଶ୍ୱର ପ୍ରଧାନ, ରିନା ରାଣୀ ପାତ୍ର, ଦଣ୍ଡଧାରି ଭୋଇ, ବସନ୍ତ କୁଦେଇ, ଜୟ କୁମାରୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀରାମ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ



**ଡୁଙ୍ଗୁରିପାଲି, ୫ ।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟରେ ୨୦ରୁ ୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ତରଣୀ ସେନ ବେହେରା ଯୋଗଦାନ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା କେତେ ଉପଯୋଗୀ ତାହା କହିଥିଲେ । ସମ୍ମାନିତ ଅତିଥି ନୀଳାମ୍ବର ସାହୁ, ସଂଯୋଜିକା ବିଜୟଲକ୍ଷ୍ମୀ ମହାନନ୍ଦ, ସହ ସଂଯୋଜକ ଡ ଦିଲ୍ଲୀପ ସାହୁ, ସମେତ ପ୍ରଶିକ୍ଷିକା ସାବିତ୍ରୀ ସାହୁ ଓ ନିକିତା ମାହାନା ଯୋଗ ଦେଇଥିଲେ ।

## ଖଇରଭାଡ଼ି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ତରଭା, ୫ ।୨(ସମିସ):** ତରଭା ବ୍ଲକ ଖଇରଭାଡ଼ି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ଜୟଗୋପାଳ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ, ତରଭା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଲଖାନା ମାଝୀ, ଚାରଭଟ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଗୌଡ଼, କୁମ୍ଭାରମୁଣ୍ଡା କ୍ଲଷ୍ଟର ସିଆରସିସି ସାରଙ୍ଗ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଧର୍ମେନ୍ଦ୍ର ଭୁଏ, ହୋମିଶ ସାହୁ, ଶିକ୍ଷୟତ୍ରୀ ଉପାସନା ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଶିକ୍ଷକ ମିତ୍ରଭାନୁ ଭୁଏ ଧନ୍ୟବାଦ ଦେଇଥିଲେ ।

## ସାଧୁ ମେହେରଙ୍କ ସ୍ମୃତିଚାରଣ




**ବୌଦ୍ଧ, ୫ ।୨(ସମିସ):** ବୌଦ୍ଧ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅପରାହ୍ନରେ ପଦ୍ମଶ୍ରୀ ସାଧୁ ମେହେରଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ମିଶ୍ର, ସଞ୍ଜୟ ପଣ୍ଡା, ଦେବାଶିଷ ପୁରୋହିତ, ସୁଶାନ୍ତ ପ୍ରସାଦ ମିଶ୍ର, ବିଶ୍ୱେଶ୍ୱର ପୃଷ୍ଟି, ହୀରାଞ୍ଚଳ ସମ୍ପାଦକ ଯୁଗଳ ସାମଲ, ଚିତ୍ତରଞ୍ଜନ ଦାସ, ରଘୁନାଥ ଷଡ଼ଙ୍ଗୀ, ସତ୍ୟନାରାୟଣ ପାଣି ପ୍ରମୁଖ ସ୍ୱର୍ଗତଃ ମେହେରଙ୍କ ସହିତ ସେମାନଙ୍କର ସମ୍ପର୍କ ଏବଂ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ ।

## ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଜହ୍ନାପଙ୍କ, ୫ ।୨(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି । ସକାଳୁ ଛାତ୍ରମାନେ ଐତିହାସିକ ଗନ୍ଧରାଡ଼ି ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଆଣି ପଡ଼ିଆରେ ସ୍ଥାପନ କରିଥିଲେ । ଏହା ପରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍ୟୋଗପତି ସହସ୍ରାଂଶୁ ମିଶ୍ର, ସ୍ୱାଧୀନ ପ୍ରଧାନ, ବୌଦ୍ଧ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ବେହେରା, ମୋହନ ସାହୁ ଯୋଗ ଦେଇଥିଲେ । ବରିଷ୍ଠ ବାଳକ ବିଭାଗରେ ଓ ବାଳିକା ବିଭାଗରେ ଚାମ୍ପିଅନ ହୋଇ ଥିବା ଚିନ୍ମୟ ମେହେର, ଦିୱାନି ବେହେରା ଏବଂ କନିଷ୍ଠ ବାଳକ ଓ ବାଳିକା ବିଭାଗରେ ଚାମ୍ପିଅନ ହୋଇଥିବା ଶ୍ରୀତମ ପ୍ରଧାନ ଓ ଅଙ୍କିତା ଭୋଇଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଆଦିତ୍ୟ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଡ଼କଟା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତରଭା, ୫ ।୨(ସମିସ)



ତରଭା ବ୍ଲକ ଆଡକଟା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ପୂର୍ବତନ ତରଭା ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି, ସ୍ୱତନ୍ତ୍ର ଅତିଥି ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ସମ୍ମାନୀତ ଅତିଥିରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ନମ୍ରତା ସାହୁ, ଅବସରପ୍ରାପ୍ତ ଅତିରିକ୍ତ ବିଇଓ ଶାନ୍ତାନୁ ଆଚାର୍ଯ୍ୟ, ଶିବତୁଲା ସରପଞ୍ଚ ମୁକ୍ତା ନାଗ, ସିଆରସିସି ମନୋରଞ୍ଜନ ଚୌହାନ, ପୂର୍ବତନ ସରପଞ୍ଚ ଡୋଳାମଣି ପଧାନ, ରାଜେନ୍ଦ୍ର ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସୁଶାନ୍ତ ମେହେର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ କବିତା ମିଶ୍ର ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶାନ୍ତାନୁ ଆଚାର୍ଯ୍ୟ, ବାସୁଦେବ ଭୋଇ, ରମେଶ ଭୋଇ, ଶିକ୍ଷୟିତ୍ରୀ ସନ୍ତୋଷୀ ମିଶ୍ର, ମହେନ୍ଦ୍ର ନାଏକ, ହୃଷିକେଷ ଦାଶ, ସତ୍ୟନାରାୟଣ ଝାଙ୍କର ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା । ଶିକ୍ଷକ ନୀଳକଣ୍ଠ ବଗର୍ତ୍ତୀ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ କୃଷ୍ଣା ବରାଡ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତାରୂପେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ସମ୍ମାନୀତ ଅତିଥି ରୂପେ ସୁରେଶ ପାଣ୍ଡେ ଓ ଡାହିମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ଦାଣ୍ଡିଆ, ଶିକ୍ଷୟିତ୍ରୀ ଉର୍ବଶୀ ମେହେର, ରଶ୍ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ କୃଷ୍ଣା ବରାଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୁଶାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାକ୍ଟର ଚାପାରେ ଶ୍ରମିକ ମୃତ

**ଶଗଡ଼ା, ୫।୨ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ରାବିଡି ଗ୍ରାମରେ ଟ୍ରାକ୍ଟର ଚାପାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ବାର୍ଡୋଲ ଗ୍ରାମର ରଞ୍ଜିତ ଜାଲ (୨୨)। ରାବିଡି ଗ୍ରାମର ଶରତ ବଗର୍ତ୍ତି ଟ୍ରାକ୍ଟରରେ ବିଲରେ ହଳ କରୁଥିବା ବେଳେ ତଳି ପକାଉଥିବା ରଞ୍ଜିତଙ୍କ ଉପରେ ଟ୍ରାକ୍ଟର ମାଡି ଯାଇଥିଲା। ଘଟଣା ସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିବା ବେଳେଶରତ ଫେରାର ମାରିଥିବା ତଦନ୍ତକାରୀ ଅଧିକାରୀ ଉଦୟନାଥ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କୁ ଅଟକାଇ ସମସ୍ୟା ଜଣାଇଲେ ଆନ୍ଦୋଳନକାରୀ

**ବୌଦ୍ଧ, ୫।୨(ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ କେତେକ ମହିଳା ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଆଗରେ ୨ ମାସ ହେଲା ଧାରଣା ଦେଇଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନି। ସୋମବାର ଜିଲ୍ଲାପାଳ ଜେ ସୋନାଲଙ୍କୁ ମହିଳାମାନେ ଅଟକାଇ ଅଭିଯୋଗ କରିଥିଲେ। ସେହିପରି ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ହେତୁ ଏମାନେ ତାଙ୍କ ବଦଳି ଦାବି କରିଥିଲେ। ତେବେ ଜିଲ୍ଲାପାଳ ଶ୍ରୀ ସୋନାଲ ଆନ୍ଦୋଳନକାରୀଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଆସି ଆଲୋଚନା କରିବାକୁ କହିଛନ୍ତି।

## ଗୋଟିଏ ରାତିରେ ଦୁଇ ମନ୍ଦିରରୁ ଚୋରି

**ବୌଦ୍ଧ/ଚାରିଛକ, ୫।୨(ସମିସ):** ହରଭଙ୍ଗା ବ୍ଲକ ଚାରିଛକସ୍ଥିତ ଠିଡିକାଜୋର ଜଗନ୍ନାଥ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ମନ୍ଦିର ହୁଣ୍ଡି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିର ଗେଟ୍ ତାଲା ଭାଙ୍ଗି ଭିତରେ ଥିବା ଜଗନ୍ନାଥଙ୍କ ହୁଣ୍ଡି ବାକ୍ସ ନେଇଯାଇଥିଲେ। ସୋମବାର ସକାଳୁ ତାଲା ଭଙ୍ଗା ହୋଇଥିବା ଦେଖି ମନ୍ଦିର ପୂଜାରୀ ଅନ୍ୟମାନଙ୍କୁ ଖବର ଦେଇଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି। ସେହିଭଳି ରବିବାର ରାତିରେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ମନ୍ଦିର ତାଲା ଭାଙ୍ଗି ଦାନ ବାକ୍ସରୁ ଚୋରି ହୋଇଛି। ସୋମବାର ସକାଳୁ ମନ୍ଦିର ପୂଜାରୀ ପୂଜା କରିବାକୁ ଯାଇଥିବା ବେଳେ ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ହୁଣ୍ଡି ଭଙ୍ଗା ଯାଇଥିବା ମଧ୍ୟ ଦେଖିବାକୁ ପାଇଥିଲେ। ତେବେ ହୁଣ୍ଡିରେ ଭକ୍ତ ଦାନ ଦେଇଥିବା ଟଙ୍କା, ସୁନା, ରୂପା ଏବଂ ଅନ୍ୟାନ୍ୟ ଜିନିଷ ଦୁର୍ବୃତ୍ତ ଚୋରି କରି ଫେରାର ମାରିଛନ୍ତି। ତେବେ ମନ୍ଦିର କମିଟି ପକ୍ଷରୁ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ଲାଞ୍ଚ ନେଇ ଧରାପଡ଼ିଲେ ରାଜସ୍ୱ ସୁପରଭାଇଜର

**ନୂଆପଡ଼ା/କୋମନା, ୫।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ସୁପରଭାଇଜର ଅକ୍ଷୟ ନାଏକ ଜଣେ ଚାଷୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଛନ୍ତି। ସ୍ଥାନୀୟ କୁମଟିମୁଣ୍ଡା ଗାଁର ଚାଷୀଙ୍କ ଜବଦଖଲଭୁକ୍ତ ଜମିର ଜରିମାନା ନୋଟିସ୍ କରାଇଦେବା ସହ ପଟ୍ଟା କରିଦେବା ନାଁରେ ୧୫ହଜାର



ଟଙ୍କାର ଲାଞ୍ଚ ନେଉଥିବା ସମୟରେ ସେ ଧରା ପଡ଼ିଛନ୍ତି। ତାଙ୍କ ଭଡ଼ା ଘର ସମେତ ଅଫିସରେ ଭିଜିଲାନ୍ସ ଚଢଉ କରି ଲାଞ୍ଚ ନେଇଥିବା ଟଙ୍କା ଜବତ କରିଛି। କୁମୁଟିମୁଣ୍ଡା ଗାଁର ୩୦ରୁ ଊର୍ଦ୍ଧ୍ୱ ଚାଷୀ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସରକାରୀ ଜମି ଜବରଦଖଲ କରି ଚାଷ କରି ଆସୁଥିଲେ। ସେମାନଙ୍କୁ ପଟ୍ଟା କରି ଦେବାକୁ ସୁପରଭାଇଜର ଚାଷୀ ପିଛା ୫ଶହ ଟଙ୍କା କରି ମୋଟ ୧୫ହଜାର ଟଙ୍କା ନେବାକୁ ଦାବି କରିଥିଲେ। ଏହି ଅନୁଯାୟୀ ସୋମବାର ସନ୍ଧ୍ୟା ୭ଟାବେଳେ ଅକ୍ଷୟ ତାଙ୍କର ଉଦ୍ୟାନବନ୍ଧସ୍ଥିତ ଭଡାଘରେ ଚାଷୀଙ୍କଠାରୁ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବ ଯୋଜନାମୁତାବକ ଜଗି ରହିଥିବା ଭିଜିଲାନ୍ସ ଟିମ ଅକ୍ଷୟଙ୍କୁ କାବୁ କରିଥିଲା। ଏହାକୁ ନେଇ କୋରାପୁଟ ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କୃଷି ଋଣ ଛାଡ଼ ପାଇଁ ଯୁବ ବିଜେଡି ନେତାଙ୍କ ନିବେଦନ

**ବଲାଙ୍ଗିର, ୫।୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଅଜିତ ଯୋଶୀ ସୋମବାର ପଶ୍ଚିମ ଓଡ଼ିଶାରେ ଚାଷୀଙ୍କ କୃଷିଋଣ ଛାଡ଼ କରିବାକୁ ରାଜ୍ୟ ସରକାରଙ୍କୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ନିବେଦନ ଜଣାଇଛନ୍ତି। ଯୁବନେତା ଅଜିତ କହିଛନ୍ତି ଯେ ଚାଷୀଙ୍କ ପାଇଁ ରାଜ୍ୟ ସରକାର ସବୁ ବେଳେ ଅନେକ ଯୋଜନା କରୁଛନ୍ତି କିନ୍ତୁ ପଶ୍ଚିମ ଓଡିଶା ହେଉଛି ଆଦିବାସୀ ବହୁଳ ଅଞ୍ଚଳ। ଏହି ଅଞ୍ଚଳ ଚାଷୀଙ୍କୁ ଅନେକ ଅସୁବିଧା ହେଉଥିବା ବେଳେ ଏବେ ଜଳସେଚନ ସୁବିଧା ଯୋଗାଇ ତାଙ୍କ ଦୁଃଖ ଦୂର କରୁଛନ୍ତି ରାଜ୍ୟ ସରକାର। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ପାଇଁ ରାଜ୍ୟ ସରକାର ଜଳସେଚନର ସୁବିଧା କରିଥିବା ବେଳେ ଆଜିବି କଣ୍ଟାବାଞ୍ଜି ଅଞ୍ଚଳ କିଛି ଜାଗାକୁ ପାଣି ପହଞ୍ଚିବାରେ ବିଳମ୍ବ ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶା ଚାଷୀଙ୍କ ଋଣ ଛାଡ କରିବା ସେ ନିବେଦନ କରିଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶ୍ରୀ ଯୋଶୀ ଅନୁରୋଧ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ

**ବଙ୍ଗୋମୁଣ୍ଡା, ୫।୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକର ଶିକ୍ଷକ ସଂଘର ବାର୍ଷିକ ଉତ୍ସବ ପାଳନ ବାବାମଠର ସଭାଗୃହରେ ବ୍ଲକ ଶିକ୍ଷକସଂଘ ସଭାପତି କୋସରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷକ ସମ୍ମିଳନୀ ଏବଂ ଅବସର ଶିକ୍ଷକ-ଶିକ୍ଷୟତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ମଧ୍ୟ ଆୟୋଜନ କରାଯାଇଛି। ବାବା କପିଳେନ୍ଦ୍ର ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ମୁରିବାହାଲ ବ୍ଲକ ଏବିଇଓ କୈଳାସ ଭୋଇ ଯୋଗ ଦେଇଥିଲେ। ପ୍ରବିର ଚନ୍ଦ୍ର ପାଣିଗ୍ରାହୀ, ବିଭୂତି ଭୂଷଣ ପ୍ରଦାନୀ, ଭଗବାନ ନାଏକ, ବସନ୍ତ ମାଧୁରୀ ଛତ୍ରିଆ, ଅନନ୍ଦିନୀ ପାଣିଗ୍ରାହୀ, ସୁଚିତ୍ରା ସ୍ୱାଇଁ, ନରେଶ ସୋନାର, ସୁନନ୍ଦା ଦାସ, ଚନ୍ଦ୍ରଶେଖର ବେହେରା, ରବିକୁମାର ପାଲୋ, ଯୁଧିଷ୍ଠିର ବିହାରୀ, ସୁରେନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସଂଘ ପକ୍ଷରୁ କରାଯାଇଥିଲା। ଦେବରାଜ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମିୟ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବ କଳାକାରଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ପର୍ଦ୍ଦାଫାସ

# ସୁପାରୀ ଦେଇ ଯୁବକଙ୍କୁ ପ୍ରେମିକାର ହତ୍ୟା

**ସୋନପୁର/ସୁବଳୟା, ୫।୨(ସମିସ)**

ସୁବଳୟା ଧିବରପଡ଼ାର ଯୁବ କଳାକାର ତଥା ପ୍ୟାଡ୍ ବାଦକ ଡମ୍ବରୁ ଅଧିକାରୀ(୨୪)ଙ୍କ ମୃତ୍ୟୁ ଘଟଣାରେ ପୁଲିସ ପର୍ଦ୍ଦାଫାସ କରିଛି। ପ୍ରେମରେ ପ୍ରତାରଣା ହେତୁ ସୁପାରିକିଲର ଦେଇ ତାଙ୍କୁ ତାଙ୍କ ପ୍ରେମିକା ହତ୍ୟା କରିଥିବା ପୁଲିସ ପ୍ରମାଣ ପାଇଛି। ପ୍ରେମିକା ସହ ୨ ସୁପାରିକିଲର ଗିରଫ ହୋଇଛନ୍ତି। ୨ ଅଭିଯୁକ୍ତ ଯୁବକ ହେଲେ ବାଗବର ଗାଁର ଯୁବକ ରୀତା ନାଏକ(୨୯), ବଡଖମାରର ରାଜୀବ କୁମ୍ଭାର (୪୦)। ହତ୍ୟାରେ ବ୍ୟବହୃତ କୁରାଢ଼ୀ ଏବଂ ଘଟଣାସ୍ଥଳରୁ ମଦ ବୋତଲ, ପ୍ଲାଷ୍ଟିକ୍ ଗ୍ଲାସ, ପାଣି ବୋତଲ, ଦନା ଆଦି ଜବତ ହୋଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଯଶପ୍ରତାପ ଶ୍ରୀମାଳ ଏହି ସୂଚନା ଦେଇଛନ୍ତି।

ସାଲେପଦର ରୁଗୁଡିବନ୍ଧ ନିକଟରୁ ଡମ୍ବରୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଥିଲା। ଯୋଜନାବଦ୍ଧ ଭାବେ ଡମ୍ବରୁଙ୍କୁ ମଦ ପିଆଇ ପଥରରେ ଛେଚି ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ସୁବଳୟା ଥାନାରେ ଅଭିଯୋଗ କରିଥିଲେ। ଏହି ପୁଲିସ୍ ଗୁରୁତର ସହ ନେ ତଦନ୍ତ ଆରମ୍ଭ କରିଥିଲା। ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ ଏବଂ ଆଇଆଇସି ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା।





ପୁଲିସ କହିଛି ଯେ, ମେଲୋଡିରେ ନୃତ୍ୟ କରୁଥିବା ଦେବଗଡ଼ ଜିଲ୍ଲା ବାରକୋଟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ୫ ବର୍ଷ ହେଲା ଡମ୍ବରୁଙ୍କ ସମ୍ପର୍କ ଗଢି ଉଠିଥିଲା। ତେବେ ରାଉରକେଲା ଅଞ୍ଚଳର ଆଉ ଜଣେ ଯୁବତୀଙ୍କ ସହ ସମ୍ପର୍କ ହେବାରୁ ପ୍ରେମିକା ଡମ୍ବରୁକୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା। ଦୁଇ ଯୁବକ ରୀତା ଏବଂ ରାଜୀବକୁ ୪୦ ହଜାର ଟଙ୍କା ଦେଇ ହତ୍ୟା ଲାଗି ପ୍ରବର୍ତ୍ତାଇ ଥିଲା। ଫୋନ୍ ପେରେ ରାଜୀବ ନିକଟକୁ ୧୦ ହଜାର ଟଙ୍କା ଅଗ୍ରୀମ ପଠାଇଥିଲା। ଗତ ୨୫ ତାରିଖ ସନ୍ଧ୍ୟାରେ ଭୋଜି କରିବାକୁ ଦୁଇ ଅଭିଯୁକ୍ତ ଯୁବକ ଡମ୍ବରୁକୁ ଡାକିଥିଲେ। ୩ ଜଣ ଏକା ସଙ୍ଗରେ ମଦ୍ୟପାନ କରିଥିଲେ। ଏହାପରେ ରୀତା ଏକ କୁରାଢୀରେ ଡମ୍ବରୁର ମୁଣ୍ଡକୁ ଶକ୍ତ ପ୍ରହାର କରିବା ପରେ ଘଟଣାସ୍ଥଳରେ ଡମ୍ବରୁର ପ୍ରାଣବାୟୁ ଉଡି ଯାଇଥିଲା। ତେବେ ରାସ୍ତାରେ ଡମ୍ବରୁର ସ୍କୁଟି ପକାଇ ଦୁର୍ଘଟଣାର ରୂପ ଦେବା ପାଇଁ ସେମାନେ ଚେଷ୍ଟା କରିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ହେମନ୍ତ ପାଢ଼ୀ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ ଏବଂ ସୁବଳୟା ଥାନାଧିକାରୀ ସୁଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

### ପଲ୍ଲିଶ୍ରୀ ମେଳା ଆୟୋଜନ ବିଜ୍ଞପ୍ତି ପରେ କଳାକାରଙ୍କ ମନରେ ଶଙ୍କା

# କେଉଁ ହେବା ଲୋକ୍‌ଉତ୍ସବ ?

**ବଲାଙ୍ଗିର, ୫।୨(ସମିସ):** କଳା ଓ କଳାକାରଙ୍କ ଅନ୍ତୁଡିଶାଳ ବଲାଙ୍ଗିର ମାଟି। ଲୋକ ଗୀତନୃତ୍ୟର ବାସ୍ନା ଏ ମାଟିରେ ଭରି ରହିଛି। ଆଉ ତାରି ମହକରେ ଜନ୍ମ ନେଇଛନ୍ତି ଜଗଦାନନ୍ଦ ଛୁରିଆ, ଘାଷିରାମ ମିଶ୍ର, ଶାସ୍ୱତ ଯୋଷୀ, ରତନ ମେହେର, ପଙ୍କଜ ଜାଲ ଓ ଆହୁରି ଅନେକ ପ୍ରଖ୍ୟାତ କଳାକାର। କଳାକାରଙ୍କ ପାଇଁ ସିଦ୍ଧି ସାଧନାର ପ୍ରାଣକେନ୍ଦ୍ର କୋଶଳ କଳାମଣ୍ଡଳ ଓ ନୂଆ କଳାକାରଙ୍କୁ ସୁଯୋଗ ଦେଉଥିବା ମଞ୍ଚ ଲୋକ ଉତ୍ସବ। ହେଲେ ଦୀର୍ଘବର୍ଷ ଧରି ଚାଲିଆସିଥିବା ଏ ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଶାସନିକ ଅବହେଳା ଓ ଲୋକ ଉତ୍ସବ କମିଟିର ଖାମଖିଆଲି ନୀତି ଯୋଗୁଁ ଚଳିତବର୍ଷ ଲୋକଉତ୍ସବର ଆୟୋଜନ ଆଶା ଆଶଙ୍କାରେ ରହିଛି। ଆସନ୍ତା ୭ତାରିଖରେ କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜନ ହେବ ପଲ୍ଲିଶ୍ରୀ ମେଳା। ଏନେଇ ଜିଲ୍ଲା ପ୍ରଶାସନ ତରଫରୁ ବିଜ୍ଞପ୍ତି ଜାରୀ କରାଯାଇଛି। ଏହାପରେ ଲୋକଉତ୍ସବ କାର୍ଯ୍ୟକ୍ରମକୁ ନେଇ ସମସ୍ତଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। କାରଣ ପ୍ରତିବର୍ଷ ଲୋକଉତ୍ସବ ଓ ପଲ୍ଲିଶ୍ରୀମେଳାକୁ ଏକା ସାଙ୍ଗରେ ଆୟୋଜନ କରାଯାଇଥାଏ। ଦର୍ଶକ ନୃତ୍ୟଗୀତର ମଜାନେବା ସହିତ ପଲ୍ଲିଶ୍ରୀ ମେଳାରେ କିଣାକିଣି କରନ୍ତି। ଚଳିତଥର ଲୋକ ଉତ୍ସବ ଆୟୋଜନକୁ ନେଇ କୌଣସି ସ୍ୱଷ୍ଟ ସୂଚନା ନଥିବାରୁ ପଲ୍ଲିଶ୍ରୀ ମେଳାରେ ଭଲ ରୋଜଗାର ହେବା ଆଶା ମଧ୍ୟ ଆରମ୍ଭରୁ ମଉଳି ଯାଇଛି।


ଫାଇଲ ଫଟୋ

### ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଜଣାନାହିଁ

ଚଳିତବର୍ଷ ଲୋକ ଉତ୍ସବ କମିଟିର କର୍ମକର୍ତ୍ତା ଚୟନ ସମୟରୁ ହିଁ ବିବାଦ ଆରମ୍ଭ ହୋଇଥିଲା। ପ୍ରଶାସନ ଏଥିରେ ମୁଣ୍ଡ ପୁରାଇ ନଥିଲା। ପୁରୁଣା କମିଟିକୁ ଲୋକ ଉତ୍ସବ ଆୟୋଜନର ଦାୟିତ୍ୱ ହସ୍ତାନ୍ତର କରିଥିବାରୁ ସେମାନେ ସଦସ୍ୟ ବାଛିଥିଲେ। ଫେବୃଆରୀ ୭ ତାରିଖ ଲୋକଉତ୍ସବ ଆରମ୍ଭ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ପ୍ରକାଶ ପାଇଥିଲା। ହେଲେ କିଛି ମୁଷ୍ଟିମେୟ ଏହି କାର୍ଯ୍ୟକ୍ରମକୁ ନିଜର ଭାବି ନିଜ ଇଚ୍ଛାରେ କମିଟି ଗଠନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ ଅନ୍ୟାନ୍ୟ ଯୁବ ସଂଗଠନ। ସେହିଦିନ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଶାନ୍ତ ଯୁବକଙ୍କୁ ବୁଝାଇବାକୁ ପୁରୁଣା କର୍ମକର୍ତ୍ତାମାନେ ଦୁଇଥର ବୈଠକ କରିଥିଲେ। ହେଲେ ବୈଠକରେ ଏମିତି କଣ ନିଷ୍ପତ୍ତି ହେଲା ଯେ ବର୍ତ୍ତମାନ ସୁଦ୍ଧା ଲୋକ ଉତ୍ସବ ଆୟୋଜନକୁ ନେଇ କୌଣସି ସ୍ୱଷ୍ଟ ସୂଚନା ଆସିପାରିଲା ନାହିଁ। ଇତିମଧ୍ୟରେ ନୂଆ ଜିଲ୍ଲାପାଳ ଯୋଗ ଦେଇଥିବା ବେଳେ ଲୋକ ଉତ୍ସବ କେମିତି ହେବ ତାକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଲୋକଉତ୍ସବ ଆୟୋଜନ ନହୁଏ ଏହା ବଲାଙ୍ଗିର ଜିଲ୍ଲାର କଳା ଓ କଳାକାରଙ୍କୁ ଚାପୁଡା ସଦୃଶ ହେବ ବୋଲି ବରିଷ୍ଠ କଳାକାରମାନେ କହିଛନ୍ତି। ଅପରପକ୍ଷେ, ଲୋକ ଉତ୍ସବ କମିଟିର ସମ୍ପାଦକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିବା ସହ ସାଧାରଣ ସମ୍ପାଦକଙ୍କୁ ପଚାରିଦିଅନ୍ତୁ ବୋଲି କହିଥିଲେ।

## ଖପ୍ରାଖୋଲ ବ୍ଲକ୍‌ରେ ନୂଆ ବିଡିଓ

ଖପ୍ରାଖୋଲ, ୫।୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ନୂତନ ବିଡିଓ ଭାବରେ ବିବେକାନନ୍ଦ ଷଡ଼ଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ନିଜ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ଖୋର୍ଦ୍ଧାରେ ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟରତ ଥିଲେ। ଖପ୍ରାଖୋଲ ବ୍ଲକରେ ଏହା ପୂର୍ବରୁ ଆକାଶ ରଞ୍ଜନ ସାହୁ ବିଡ଼ିଓ ଭାବରେ କାର୍ଯ୍ୟ ତୁଲଇଥିଲେ। ତାଙ୍କ ପରେ ଅତିରିକ୍ତ ବିଡ଼ିଓ ବିଜୟ ହୋତା କାର୍ଯ୍ୟ ଭାର ତୁଲାଉଥିଲେ। ଷଡ଼ଙ୍ଗୀଙ୍କ ଯୋଗଦାନ ସମୟରେ ଖପ୍ରାଖୋଲର ବରିଷ୍ଠ କିରାଣି ବ୍ରଜବନ୍ଧୁ ଠାକୁର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ରାମାନନ୍ଦ ବେହେରା ପ୍ରମୁଖ ସ୍ୱାଗତ କରିଥଲେ।



## ପୁଷ୍‌ପୁନି ଭେଟ୍‌ଘାଟ ଓ କବିତା ପାଠୋତ୍ସବ

**ଖପ୍ରାଖୋଲ, ୫।୨(ସମିସ):** ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ମହରାପଦର ପଞ୍ଚାୟତ ଚାଉଳବାଞ୍ଜି ବିଦ୍ୟାଳୟ ନିକଟରେ ସେଲାପଥର ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ପୁଷପୁନି ଭେଟଘାଟ ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଭୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କବି ପ୍ରଦୀପ ଦାଶ, ମୁଖ୍ୟବକ୍ତା ରୂପେ କବି ତଥା ଅନୁବାଦକ କାର୍ତ୍ତିକେଶ୍ୱର ବେହେରା, ସମ୍ମାନିତ ଅତିଥି ରୂପେ କବି ଭକ୍ତବନ୍ଧୁ ବିଶ୍ୱାଳ, ଶାନ୍ତନୁ ବୁଢିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ସତ୍ୟାନନ୍ଦ ଭୋଇ, ସାବିତ୍ରୀ ସାହୁ, କ୍ଷୀରୋଦ୍ର କୁମାର ସାହୁ, ଗୋଲାପ ବିଶୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଧରମସିଂ ଧରୁଆ, ଲାଲଚନ ବଗର୍ତ୍ତି ପରିଚାଳନା କରିଥିବା ବେଳେ କବି ଶଙ୍ଖଧର ମାଝୀ, ରିଙ୍କୁ ମେହେର, ଅଭିଳାଷ ଭୋଇ, ଅମୂଲ୍ୟ ଭୋଇ, ଶଶିକାନ୍ତ ଧରୁଆ, ସୁବାସ ପଟେଲ, ଶଶିରେଖା ଧରୁଆ, ବିମଳା ବାଗ, ଜନକ ବିହାରୀ ମେହେର, ହିମାଂଶୁ ବାଗ ବରଗଡ଼ ଜିଲ୍ଲାର କବି ଜଟାଧାରୀ ସାହୁ ସାହୁ କବିତା ପାଠ କରିଥିଲେ। କୁନି କଳାକରମାନେ ନାଚ ପରିବେଷଣ କରିଥିବା ବେଳେ କବିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଟିକେଶ୍ୱର୍ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



## ବଲାଙ୍ଗିର ପୌର ପରିଷଦର ସାରସ୍ୱତ ପ୍ରତିଭା ସମ୍ମାନ ସମାରୋହ



**ବଲାଙ୍ଗିର, ୫।୨(ସମିସ):** ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ ପରିପ୍ରେକ୍ଷୀରେ ବଲାଙ୍ଗିର ପୌର ପରିଷଦ ତରଫରୁ ଓଡିଆ ଭାଷା ସାହିତ୍ୟର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ଲିକା ସାହୁଙ୍କ ସଭାପତିତ୍ୱରେ ରାଜେନ୍ଦ୍ର ପାର୍କ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଇଂ ବିଶ୍ୱମ୍ଭର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗାଳ୍ପିକା ଡାକ୍ତର ମଂଜୁବାଳା ପଣ୍ଡା, କବୟିତ୍ରୀ ଡାକ୍ତର ଜ୍ୟୋତିର୍ମୟୀ ସାହୁ, କବି ଡକ୍ଟର ସଂଜୟ ମିଶ୍ର, କବି ସନ୍ଦୀପ କୁଅଁର,କବି ଆନନ୍ଦଚନ୍ଦ୍ର ସାହୁ, କବି ବିଜୟ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜୟିନୀ ଆୟେଶା ଖାନମ୍ ତଥା ଓଡିଆରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ପଦକ ବିଜୟିନୀ ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହକୁ କବି ବିଜୟ ତ୍ରିପାଠୀ ସଂଯୋଜନା କରିଥିଲେ।

## ଶ୍ରୀରାମ କ୍ଲବ୍ କ୍ରିକେଟ ଉଦ୍‌ଯାପିତ

**ସଇଁତଲା, ୫।୨(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ କୁଇକେଡା ପଞ୍ଚାୟତ ପତ୍ରାପାଲି ଖେଳପଡିଆରେ ୨୦ତମ ଶ୍ରୀରାମ କ୍ଲବ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୬ ଦିନ ଧରି ହୋଇଥିବା ବେଳେ ବ୍ଲକ ତଥା ବ୍ଲକ ବାହାରୁ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚଟି ମାଲିଝର ଓ ମହୁଲପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଲିଝର ବିଜୟୀ ହେଇଥିଲା। ଉଦଯାପନୀ ଉତ୍ସବରେ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଯୁଗଲାଲ ମାଝୀ ଓ ମନିଷ ସୁନା, ତୁଳେଶ୍ୱର ସାହୁ, ପୁଷ୍ପାଞ୍ଜଳି ବାଗ ଓ ରମେଶ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟିଟୁ ବାଗ, ବିମ୍ବାଧର ନାଗ ଖେଳ ପରିଚାଳନା କରିଥିବା ବେଳେ ସୁନୀଲ ଭୋଇ, ରାଧାକାନ୍ତ ବାଗ, ରାମଚନ୍ଦ୍ର ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ମନୋରଞ୍ଜନ ବାଗ ସ୍କୋରର୍, ଟିମ ମ୍ୟାନେଜର ଭାବେ ବିନୋଦ ନାଗ, ସଭାପତି ଶ୍ରୀକାନ୍ତ ବାଗ, ଯୁଗଲା ନାଗ, ସୀତାରାମ ବାଗ, ସୌରଭ ଗହିର, ପ୍ରେମା ବାଗ, ଦେବେନ୍ଦ୍ର ଭୋଇ ସହଯୋଗ କରିଥିଲେ।

## ଇଣ୍ଟର୍‌ସ୍କୁଲ କ୍ରିକେଟ୍: ବଲାଙ୍ଗିର ଗ୍ରୀନ୍ ବିଜୟୀ

**ବଲାଙ୍ଗିର, ୫।୨(ସମିସ):** ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ବଲାଙ୍ଗିର ଗ୍ରୀନ ଦଳ ଟସ୍ ଜିଣି ପ୍ରଥମେ ବଲାଙ୍ଗିର ବ୍ଲୁ ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲେ। ବଲାଙ୍ଗିର ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୯ ୱିକେଟ ବିନିମୟରେ ୧୩୬ ରନ୍ ସଂଗ୍ରହ କରିଥିଲେ। ବଲାଙ୍ଗିର ବ୍ଲୁ ଦଳ ତରଫରୁ ଅଖିଳ ଦାଶ ୨୭ ରନ୍, ଶ୍ରୀୟାଂଶ ଠାକୁର ୨୧ ରନ୍ ଓ ଓମ୍ ମାଝି ୨୧ ରନ୍ ସଂଗ୍ରହ କରିଥିଲେ। ବଲାଙ୍ଗିର ଗ୍ରୀନ ଦଳ ତରଫରୁ ସୋହନ ସୁନା ଓ ଅଭିଷେକ ନାଏକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩୭ ରନର ବିଜୟ ଲକ୍ଷ୍ୟକୁ ନେଇ ପଡ଼ିଆକୁ ଓହ୍ଲାଇଥିବା ବଲାଙ୍ଗିର ଗ୍ରୀନ ଦଳ ୨୦.୪ ଓଭରରେ ୫ ୱିକେଟ ବିନିମୟରେ ଆବଶ୍ୟକ ୧୩୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ବଲାଙ୍ଗିର ଗ୍ରୀନ ଦଳ ତରଫରୁ ସୋହନ ସୁନା ୨୩ ରନ୍, ଅଂଶୁମାନ ସାହୁ ଅପରାଜିତ ୩୨ ରନ୍ ଓ ଟିଜେ ରାଓ ଅପରାଜିତ ୧୩ ରନ୍ ସଂଗ୍ରହ କରିଥିଲେ। ରାଜେନ୍ଦ୍ର ସେଠ ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରି ନାରାୟଣ ପୁଜାରୀ, ସହସମ୍ପାଦକ ଶତୃଘନ ସିଂହ ଓ କାର୍ଯ୍ୟକାରୀ ସଦସ୍ୟ ଜୟରାମ ମିଶ୍ର, କୋଚ ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





# ବ୍ୟାପକ ହେଉଛି ବିଜେଡିର ପରିବାର ଜନସମ୍ପର୍କ ଯାତ୍ରା

**ସଇଁତଲା/ତୁରେକେଲା/ତୁଷୁରା, ୫।୨(ସମିସ)**

ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରାକୁ ତ୍ୱରାନ୍ୱିତ କରାଯାଇଛି। ଏହିକ୍ରମରେ ସଇଁତଲା ବ୍ଲକ ଅନ୍ତର୍ଗତ କରମତଲା ଗାଁରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀମତୀ ସାହୁ କର୍ମୀଙ୍କୁ ଉତ୍ସାହିତ କରିଥିବା ବେଳେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ମହିଳା ପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତି, ସଇଁତଲା ବ୍ଲକ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ବ୍ଲକ ସଭାପତି ଟୁନୁ ରାଜପଲିଆ, ଜିଲ୍ଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଢ଼େକ, ରିତା ହାତୀ, ଗୀତା ବିଶି, ସରପଞ୍ଚ ତିଲୋତ୍ତମା ବାଗ, ସମିତି ଦହି ଭୋଇ, ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ରାଜେଶ ବେହେରା, ଆଲୋକ ବୁଢ଼େକ, ପୂର୍ବତନ ସମିତିସଭ୍ୟ ସୁବାସ ବୁଢ଼େକ, ରାଜକିଶୋର ବୁଢ଼େକ, ଦିଲୀପ ରାଜପଲିଆ, ବାମନ ବୁଢ଼େକ, ଟିକେଶ୍ୱର ବାଗ, ରୂପାଧର ବାଗ, ଡୋଲାମଣି ଥପା, ହେମନ୍ତ ବୁଢ଼େକ ଓ ମହିଳା ସଭାନେତ୍ରୀ ଯାଜ୍ଞସେନୀ ରାଜପଲିଆ ଉପସ୍ଥିତ ଥିଲେ।







### ଘରେ ଘରେ 'ଶଙ୍ଖ' କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝିଙ୍କ ନେତୃତ୍ୱରେ ତୁରେକେଲା ବ୍ଲକ ଦାବ୍ରୀ, ଖୁଟୁଲୁମଣ୍ଡା, ଡୁମେରଚୁଆ ଗାଁରେ ପହଞ୍ଚି ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, କୁଇବାହାଲ ସମିତି ସଭ୍ୟା ପଦ୍ମା ସମ୍ରତ, କମେଇମୁଣ୍ଡା ଅନ୍ତର୍ଗତ କମେଇମୁଣ୍ଡା ପଞ୍ଚାୟତର ପାଖନମୁଣ୍ଡା, ମନ୍ଦଲା, ରହେନଭାଟା, କମେଇମୁଣ୍ଡା, କୁଇବାହାଲ ପଞ୍ଚାୟତର ସମରସିଂହ, ବାଞ୍ଜିପାଲି, ସେମଲା, ଧୁସାମୁଣ୍ଡା ଏବଂ ହିଆଁଲ ପଞ୍ଚାୟତର ସମିତିସଭ୍ୟା ରଜନୀ ତାଣ୍ଡି, କମେଇମୁଣ୍ଡା ସରପଞ୍ଚ ପ୍ରତିନିଧି ଭରତ ନାଗ, କମେଇମୁଣ୍ଡା ପୂର୍ବତନ ସମିତିସଭ୍ୟ ଦୁର୍ଜେ ନାଗ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାଁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ଶେଲ, କଣ୍ଟାବାଞ୍ଜି ନଗର ଯୁବ ସଭାପତି ବିଷ୍ଣୁପ୍ରସାଦ ଜୁଏଡ଼, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ବିଶ୍ୱନାଥ ସାହୁ, ନରୋତ୍ତମ ମାଝୀ, ତିଳ ଭୋଇ, ମୋହନ ଭୋଇ, ଅଜିତ ପୁଟେଲ, ହଲଧର ଚିନାଗୁନ ଉପସ୍ଥିତ ଥିଲେ।

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅଷ୍ଟମ ଦିନରେ ସୋମବାର ସମରା ଓ ଲୁର୍କୀ ଗ୍ରାମରେ ପହଞ୍ଚିଛି। ସମରା ସରପଞ୍ଚ ଗୁଲାବ ସେଠ ଏବଂ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲଙ୍କ ନେତୃତ୍ୱରେ ସହପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତି, ସ୍ଥାନୀୟ ନେତା ମନ୍ମଥ ପୁରୋହିତ, ଯୁବନେତା ବିକାଶ ଶର୍ମା, ରାମଶଙ୍କର ବାଗ, ରାଜା ବଗର୍ତ୍ତୀ, ପପିନ ପ୍ରଧାନ ଉପସ୍ଥିତ ସଚେତନତା ସୃଷ୍ଟି କରିଥିଲେ।

## ଆଜିର ଦିନରେ

- ୧୫୭୧-ଲଣ୍ଡନରେ ରୟାଲ ଏକ୍ସଚେଞ୍ଜ୍‌ର ଶୁଭାରମ୍ଭ।
- ୧୭୯୩-ପୋଲାଣ୍ଡର ବିଭାଜନ।
- ୧୯୮୯- ତାଜିକିସ୍ତାନରେ ଭୂମିକମ୍ପ ଯୋଗୁ ଶତାଧିକ ମୃତ।
- ୨୦୦୨- ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କୁ କରାଚୀରୁ ଅପହରଣ କରାଗଲା।
- ୨୦୨୦- ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ବ୍ରେକ୍‌ଜିଟ୍ ଆଇନକୁ ମଞ୍ଜୁରି ଦେଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଦିନଟି ମିଶ୍ରିତ ଫଳ ଦେବ। ପରୋପକାରରେ ନିଜକୁ ସାମିଲ କରିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ନିଜଲୋକଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଆର୍ଥିକ ମାମଲାରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସମ୍ପର୍କୀୟଙ୍କୁ ଉଧାର ଦେଇ ପାରନ୍ତି।

**କର୍କଟ:** ବନ୍ଧୁଙ୍କ ସହଯୋଗ ମିଳିବ। ଜମି କ୍ରୟ କରିପାରନ୍ତି। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଘରକୁ ଅତିଥି ଆଗମନ କରିବେ। କାର୍ଯ୍ୟଭାର ବଢ଼ିବ। ଆୟଠୁ ବ୍ୟୟ ଅଧିକ ହେବେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ପେଟଜନିତ ସମସ୍ୟା ଦେଖାଦେଇପାରେ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ। ନୂତନ ବ୍ୟବସାୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମକର:** ଦିନଟି ଶୁଭଫଳ ପ୍ରଦାନ କରିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। କ୍ରୀଡ଼ାବିତ୍ ସଫଳ ହେବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ପ୍ରେମ ବ୍ୟାପାରରେ ସଫଳତା ମିଳିବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ।



## ଚଳନ୍ତା ଘର

ନ୍ୟୁଜିଲାଣ୍ଡର ଏକ ଚଳନ୍ତା ଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। 'ରୋମୋଟୋ ଟି୮' ନାମକ ଏହି ଘର ଏକ କ୍ଷୁଦ୍ରକାୟ ଘର ଭଳି। ଏଭଳି ଏକ ନିଆରା ଘରକୁ ଏଠାକାର ଡିଜାଇନ୍ ଓ ଆର୍କିଟେକ୍ କମ୍ପାନି ଡବ୍ଲୁ୨ ନିର୍ମାଣ କରିଛି। ଏହା ଏମିତି ଏକ ଘର, ଯାହାର ସ୍ୱିଚ୍‌କୁ ଦବାଇବା ମାତ୍ରେ ଏହାର ସ୍ଥାନ ଦ୍ୱିଗୁଣା ବଢ଼ିଯାଏ। ତା'ସହ ଏଥିରେ ଥିବା ନିବୁଜ ଘର ସଙ୍ଗେ ସଙ୍ଗେ ଲାଉଞ୍ଜରେ ରୂପାନ୍ତରିତ ହୋଇଥାଏ। ତେବେ ଏହି ଟ୍ରେଲର ହାଉସ୍‌ର ବିଶେଷତ୍ୱ ହେଉଛି ଏହାର ଡିଜାଇନ୍। ଏଥିରେ ଏକ ନିବୁଜ ଘୂର୍ଣ୍ଣାୟମାନ ସ୍ଥାନ ଅଛି, ଯାହାକି ୯୦ ଡିଗ୍ରୀ ବୁଲିବାକୁ ସକ୍ଷମ। ଅବଶ୍ୟ ଏହାକୁ ଚାହିଁଲେ ଲୋକେ ନିଜ ଆବଶ୍ୟକତା ଅନୁସାରେ ଛୋଟ ବଡ଼ କରିପାରିବେ। ଏହାକୁ ଛୋଟ କରିବାକୁ ଚାହିଁଲେ ଜଣେ ବନ୍ଦ କୋଠରି ଭାବେ ବ୍ୟବହାର କରିବେ। ସେହିପରି ବାହାରେ ବସିବା ପାଇଁ ଏହାକୁ ବଡ଼ କରିପାରିବେ। ଯଦିଓ ଏହି ଚଳନ୍ତା ଟ୍ରେଲର ହାଉସ୍ ଏବେ ଲୋକଙ୍କୁ ନୂଆ ଲାଗୁଥିବ, ତଥାପି ଏହାକୁ ୨୦୨୧ରେ ପ୍ରଥମଥର ପାଇଁ ପରିଚିତ କରାଯାଇଥିଲା। ଏହାକୁ ନିର୍ମାଣ କରିବାକୁ ୧୦ ବର୍ଷ ଲାଗିଥିଲା। ଏବେ କିନ୍ତୁ ଏହାର ଉନ୍ନତିକରଣ କରାଯାଇ ଏହାର ଟି୮ ମଡେଲ୍‌କୁ ବଜାରରେ ପରିଚିତ କରାଯାଇଛି। ତା'ସହ ଏହି ନୂତନ ଡିଜାଇନ୍ ତା'ର ପୂର୍ବ ଡିଜାଇନ୍ ସହିତ ସମାନ ରହିଛି। ତେବେ ଏହାର ଗୋଟିଏ ସ୍ୱିଚ୍‌କୁ ଦବାଇବା ମାତ୍ରେ ହାଇଡ୍ରୋଲିକ୍ସ ମାଧ୍ୟମରେ ଏହା ମିନିଟକ୍‌ରେ ଖୋଲିଥାଏ ଓ ବନ୍ଦ ହୋଇଥାଏ। ସେହିପରି ଏହି ଟ୍ରେଲରରେ ବୁଲିବା ସମୟରେ ଏହା ବନ୍ଦ ରହିଥାଏ। ତେବେ ରାତିରେ କେଉଁଠି ରହିବାକୁ ହେଲେ, ଏହାକୁ ଖୋଲି ସେଥିରେ ଲୋକେ ଆରାମରେ ରହିପାରିବେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

## ମେକ୍ଅପ୍ ପାଇଁ ଛାଡ଼ପତ୍ର

ବିଭିନ୍ନ ସମୟରେ ଛାଡ଼ପତ୍ର ପଛରେ ବି ଅଜବ କାରଣ ସାମ୍ନାକୁ ଆସିଥାଏ। ଏହି ପରିପ୍ରେକ୍ଷୀରେ ଏବେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ମେକ୍ଅପ୍ ପାଇଁ ଛାଡ଼ପତ୍ର ଦେବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏଭଳି ଏକ ବିଚିତ୍ର ମାମଲା ହେଉଛି ଆଗ୍ରାର। ଘଟଣାଟି ହେଉଛି, ଏଠାକାର ଜଣେ ମହିଳାଙ୍କ ମେକ୍ଅପ୍ ସାମଗ୍ରୀକୁ ତାଙ୍କ ଶାଶୂ ବିନା ଅନୁମତିରେ ବ୍ୟବହାର କରିଥିବାରୁ ସେ ରାଗିଯାଇ ନିଜ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ଆଗେଇ ଆସିଛନ୍ତି। ଅନ୍ୟପଟେ ଏହି ମାମଲାକୁ ନେଇ ବିବାଦ ଅଧିକ ବଢ଼ିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ତାଙ୍କୁ ଓ ତାଙ୍କ ଭଉଣୀକୁ ଘରୁ ବାହାର କରି ଦେଇଛନ୍ତି। ମାଲପୁରାରେ ଏହି ଦୁଇ ମହିଳା ରହନ୍ତି ଏବଂ ଏବେ ସେମାନେ ଦୁଇ ମାସ ହେବ ନିଜ ବାପ ଘରେ ରହୁଛନ୍ତି। ଆଠ ମାସ ତଳେ ଦୁଇ ଭଉଣୀ ଗୋଟିଏ ପରିବାରର ଦୁଇ ଭାଇଙ୍କୁ ବିବାହ କରିଥିଲେ। ସବୁକିଛି ଠିକ୍ ଚାଲିଥିବା ବେଳେ ମହିଳାଙ୍କ ଶାଶୂ ତାଙ୍କ ବିନା ଅନୁମତିରେ ତାଙ୍କ ପୋଷାକ ପିନ୍ଧିବା ସହ ମେକ୍ଅପ୍ ସାମଗ୍ରୀ ବାରମ୍ବାର ବ୍ୟବହାର କରିବାରୁ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ମହିଳା ଜଣକ ପଛାଇ ନାହାନ୍ତି। ଏହାବାଦ୍ ସମ୍ପୃକ୍ତ ମହିଳା ଜଣକ ଏହି ସମସ୍ୟା ଆଗ୍ରା ପୁଲିସ୍‌ର ପରିବାର ପରାମର୍ଶ କେନ୍ଦ୍ରରେ ଜଣାଇଛନ୍ତି। ତା'ସହ ତାଙ୍କ ସ୍ୱାମୀ ତାଙ୍କ ଅପେକ୍ଷା ତାଙ୍କ ମା'ଙ୍କୁ ଜୀବନରେ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି।





## 'ନୋ ଏଣ୍ଟ୍ରି' ସିକ୍ୱେଲରେ ଦେଖାଯିବେନି ସଲମାନ୍

ଅନୀସ୍ ବଜ୍‌ମୀଙ୍କ ଫିଲ୍ମ 'ନୋ ଏଣ୍ଟ୍ରି' ୨୦୦୫ରେ ରିଲିଜ୍ ହୋଇଥିଲା। ଫିଲ୍ମରେ ସଲମାନ୍ ଖାନ୍, ଫରଦିନ୍ ଖାନ୍ ଓ ଅନୀଲ କପୁର ଲିଡ୍ ରୋଲରେ ଦେଖାଯାଇଥିଲେ। ଏହାର ପ୍ରଯୋଜନା ଦାୟିତ୍ୱରେ ବୋନି କପୁର ଥିଲେ। ହାସ୍ୟରସ ଉପରେ ଆଧାରିତ ଏହି ଚଳଚ୍ଚିତ୍ରକୁ ଦର୍ଶକେ ସେତେବେଳେ ବେଶ୍ ପସନ୍ଦ କରିଥିଲେ। ବହୁତ ଜଲ୍‌ଦି ବୋନି କପୁର ଜୀ ଷ୍ଟୁଡିଓ ସହ ମିଶି ଏହାର ସିକ୍ୱେଲ ନିର୍ମାଣ କରିବେ। ଅନୀସ୍ ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେବେ। ଏଥିରେ ଲିଡ୍ ରୋଲରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ ଓ ଅର୍ଜୁନ୍ କପୁର ଦେଖାଯିବେ ବୋଲି ଜଣାପଡ଼ିଛି। ଏହି ତିନି ଜଣ ଅଭିନେତା ଏଥିରେ କାମ କରିବା ପାଇଁ ରାଜି ଥିବା ଜଣାପଡ଼ିଛି। ଏହି ଫିଲ୍ମ ୨୦୨୫ରେ ଆସିବ। ତେବେ ଏହାର ସିକ୍ୱେଲରେ ଏହି ତିନି କଳାକାରଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଚୟନ କରାଯାଇ ନାହିଁ। 'ନୋ ଏଣ୍ଟ୍ରି' ସିକ୍ୱେଲରେ ଏହାର ମୂଳ କଳାକାରମାନେ ବାଦ୍ ପଡ଼ିବାର କାରଣ ଏଯାବତ୍ ଜଣାପଡ଼ିନାହିଁ।

## ସର୍ପିଳ ସଡ଼କ

ଚୀନ୍‌ର ଝେଜିୟାଙ୍ଗ୍ ଅଞ୍ଚଳରେ ରହିଛି ଏକ ବିଚିତ୍ର ତଥା ବିପଦସଂକୁଳ ରାସ୍ତା। ଯାହାକି ସାଧାରଣ ରାସ୍ତାଠାରୁ ସମ୍ପୂର୍ଣ୍ଣ ଅଲଗା। ଏହାକୁ 'ପାନଲଙ୍ଗ ମାଉଣ୍ଟେନ୍ ରୋଡ୍' କୁହାଯାଏ। ୭୫ କିଲୋମିଟର ଲମ୍ବର ଏହି ରାସ୍ତା ତା'ର ଆଙ୍କବାଙ୍କ ଆକାର ଯୋଗୁଁ ବିଶ୍ୱ ପ୍ରସିଦ୍ଧ। କହିବାକୁ ଗଲେ ଏହି ରାସ୍ତା ସାପ ଭଳି ମୋଡ଼ି ହୋଇ ଆଗକୁ ଆଗକୁ ଯାଇଛି। ଏହି ରାସ୍ତାରେ ୬୦୦ରୁ ଅଧିକ ବୁଲାଣି ଏଭଳି ରହିଛି, ଯାହାକୁ ଦେଖିଲେ ଲାଗେ, ଯେଭଳି କୌଣସି ସାପର ଲାଞ୍ଜ ଦୂର ଦୂରକୁ ଲମ୍ବିଛି। ପାଞ୍ଚ ବର୍ଷ ତଳେ ଏହି ରାସ୍ତାକୁ ନିର୍ମାଣ କରାଯାଇଥିଲା। ପ୍ରାରମ୍ଭିକ ସମୟରେ ଏହି ରାସ୍ତାକୁ ପାହାଡ଼ରେ ରହୁଥିବା ଚାଷୀ ଓ ଗୋପାଳକ ତିଆରି କରିଥିଲେ। ଏହି ରାସ୍ତା ସମୁଦ୍ରପତ୍ତନରୁ ୪, ୨୦୦ ମିଟର ଉଚ୍ଚରେ ଅବସ୍ଥିତ। ରାସ୍ତାର ମୋଡ଼ ଏଭଳି ବଙ୍କେଇ ହୋଇ ରହିଛି ଯେ,ଏଠାରେ ଗାଡ଼ି ଚଳାଇବା ଆଦୌ ସହଜ ହୋଇ ନ ଥାଏ। ସେଥିପାଇଁ ଏହି ସ୍ଥାନରେ ଅତିସାବଧାନତାର ସହ ଲୋକେ ଗାଡ଼ି ଚଳାଉଥିବା ବେଳେ ଏହାର ଚାରିପାର୍ଶ୍ୱର ଦୃଶ୍ୟକୁ ଉପଭୋଗ କରନ୍ତି। ଅନ୍ୟପଟେ ଉପରୁ ଛିଡ଼ା ହୋଇ ରାସ୍ତାକୁ ଦେଖିଲେ ଏହା ଖୁବ୍ ଭୟାନକ ଲାଗେ। ତେବେ ସାମାଜିକ ଗଣମାଧ୍ୟମରେ ରାସ୍ତାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।





## ଉତ୍ପାଦନ ବୃଦ୍ଧି ପାଇଁ ଫସଲ ଅନୁଯାୟୀ ଜଳ ପରିଚାଳନା

**ଫସଲରେ ଜଳପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଫସଲର ପ୍ରକାର ଭେଦ ଓ ଜଳବାୟୁ ସମୟ ଆଦିକୁ ଲକ୍ଷ୍ୟ କରି ଜଳପରିଚାଳନା କରାଯାଇଥାଏ। ପ୍ରତ୍ୟେକ ଫସଲ ପାଇଁ ନିର୍ଦ୍ଦିଷ୍ଟ ଜଳ ପରିଚାଳନା କରାଯାଏ। ତେଣୁ ଚାଷୀ ଚାଷକାର୍ଯ୍ୟରେ ଅଧିକ ଉତ୍ପାଦନ ବୃଦ୍ଧି ପାଇଁ ସଠିକ୍ ଜଳପରିଚାଳନା କରିବାର ଅଧିକ ଆବଶ୍ୟକତା ରହିଛି। ଏପରି କରିବା ଦ୍ୱାରା ଉତ୍ପାଦନ ଅଧିକ ହେବା ସହ ଜଳ ସଞ୍ଚୟ ହୋଇ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ।**



ସାଧାରଣତଃ ବର୍ଷା ସମୟରେ ଗଛରେ ଅଧିକ ଜଳ ଦେବା ଦ୍ୱାରା ମୂଳଶଢ଼ା ରୋଗ ଦେଖାଯାଏ। ତେଣୁ ମୃତ୍ତିକାର ପ୍ରକାର, ଆର୍ଦ୍ରତା ଅନୁଯାୟୀ ଉନ୍ନତ ପ୍ରଣାଳୀରେ ଜଳ ପରିଚାଳନା କରିବା ଜରୁରି। ଫସଲରେ ଅଧିକ ଜଳ ଦେବା ଦ୍ୱାରା ଏହା ଜଳମଗ୍ନ ଜମି, ଲବଣୀୟ ମୃତ୍ତିକା ବିସ୍ତାର କରେ, ଏହାଦ୍ୱାରା ଉତ୍ପାଦନ ହ୍ରାସ ପାଏ। ତେଣୁ ଆବଶ୍ୟକତା ଅନୁସାରେ ଜଳ ସିଞ୍ଚନ କରିବା ଜଳ ପରିଚାଳନାର ମୁଖ୍ୟ ଉଦ୍ଦେଶ୍ୟ।

ଧାନଜମିରେ ଜଳର ସର୍ବାଧିକ ଆବଶ୍ୟକତା ଥିବାରୁ ଉଚିତ ଜଳ ପରିଚାଳନା ଓ ସିଞ୍ଚନ ବିଷୟରେ ଜ୍ଞାନ ରହିବା ଜରୁରି। ଏହାଦ୍ୱାରା ଚାଷୀ ଜଳ ସଞ୍ଚୟ କରି ଅଧିକ କ୍ଷେତ୍ରରେ ସିଞ୍ଚନ କରି ଧାନ ଉତ୍ପାଦନକୁ ବୃଦ୍ଧି କରିପାରିବେ।

**ମକାରେ ଜଳ ପରିଚାଳନା:** ମକା ଅଧିକ ଶୁଖିଲା କିମ୍ବା ଅଧିକ ଜଳ ସହନଶୀଳ ନୁହେଁ। ଏହି ଫସଲ ପାଣିପାଗ ଅନୁସାରେ ଜଳ ଆବଶ୍ୟକତା କରେ। ବୁଣାବୁଣି ସମୟରେ ନାଳୀ କାଟିବା ଦ୍ୱାରା ପ୍ରତ୍ୟେକ ଗଛକୁ ଜଳ ପହଞ୍ଚିପାରେ।

ଜମିରୁ ଜଳ ନିଷ୍କାସନ କରିବାରେ ସମସ୍ୟା ହୁଏନି। ଫସଲର ଫୁଲ ବୃଦ୍ଧି ସମୟରେ ଥରରୁ ଦୁଇଥର ସିଞ୍ଚନ କରିବା ଆବଶ୍ୟକ। ସେହିପରି ମକା ଫସଲରେ ବୁନ୍ଦା ଜଳ ସିଞ୍ଚନ ବିଧି ଆପଣାଇ ଜଳ ଉପଯୋଗ କରାଯାଇପାରିବ। ଫସଲରେ ଅଧିକ ଲାଭ ମିଳିଥାଏ।

**ନର୍ସରୀରେ ଜଳ ପରିଚାଳନା:** ସାଧାରଣତଃ ନର୍ସରୀରେ ଚାରା କୋମଳ ଅବସ୍ଥାରେ ଥାଆନ୍ତି। ଏଥିପାଇଁ ପଟାଳି ମଧ୍ୟରେ କରାଯାଇଥିବା ନାଳୀରେ ହାଲୁକା ଜଳ ସିଞ୍ଚନ କରିପାରିବେ। ଫବାରା ବା ସ୍ପ୍ରିଙ୍କଲର ବିଧି ବେଶ୍ ଲାଭଦାୟକ। ଅଧିକ ଜଳ ନଷ୍ଟ ନ କରିବାକୁ ସର୍ବଦା ସନ୍ଧ୍ୟା ସମୟରେ ଜଳ ପରିଚାଳନା କରିବା ଜରୁରି।

**ଡାଲି ଏବଂ ତୈଳବୀଜ ଜାତୀୟ ଫସଲରେ ଜଳ ପ୍ରବନ୍ଧନ**

ଡାଲି ଏବଂ ତୈଳବୀଜ ଫସଲ ବର୍ଷା ଉପରେ ନିର୍ଭରଶୀଳ। ଜଳ ଅଭାବରୁ ଏହି ଫସଲରେ ଶାଖା ଏବଂ ଦାନା ବିକଶିତ ଉପରେ କୁ-ପ୍ରଭାବ ପଡ଼ିଥାଏ। ଏଥିପାଇଁ ଚଉଡ଼ା ଶଯ୍ୟାରେ ଫସଲ କରିବା ଲାଭପ୍ରଦ।

ସବୁଜ ପନିପରିବା ପାଇଁ ସମସ୍ତ ପ୍ରକାର ସିଞ୍ଚନ ପଦ୍ଧତି ଆପଣାଯାଇପାରିବ। ବୁନ୍ଦା ସିଞ୍ଚନ ବିଧିରେ ସବୁଜ ପନିପରିବା ଯଥା- ଟମାଟୋ, ଲଙ୍କା, ସିମ୍‌ଲା ଲଙ୍କା, ପତ୍ରକୋବି, ଫୁଲକୋବି, କଲରା, ଭେଣ୍ଡି, ବାଇଗଣ, କଖାରୁ, ମଟର, ପିଆଜ, ଫୁଲ ଜାତୀୟ ଯଥା ଗୋଲାପ, ଗେଣ୍ଡୁ ଆଦି ଚାଷ କରିପାରିବେ।

ବିଭିନ୍ନ ମୃତ୍ତିକାରେ ଆଖୁ ଚାଷ ହେଉଥିବାରୁ ହାଲୁକା ମୃତ୍ତିକାଯୁକ୍ତ ଜମିରେ ୫ରୁ ୭ ଦିନ ଥଣ୍ଡାଋତୁରେ ୧୦ ଦିନ ଅନ୍ତରରେ ଜଳ ସିଞ୍ଚନ କରିବା ଜରୁରି।

ଶୀତଦିନେ ଯଦି ଜମି ଅତ୍ୟନ୍ତ ଶୁଖିଲା ଥାଏ, ତେବେ ଫସଲ ଉତ୍ପାଦନରେ ନକାରାତ୍ମକ ପ୍ରଭାବକୁ ଦୃଷ୍ଟି ଦେଇ ଦୁଇଥର ଜଳ ସିଞ୍ଚନ କରିପାରିବେ। ଜଳ ପରିଚାଳନାକୁ କମ୍ କରିବା ପାଇଁ କଚରା ଏବଂ ଶୁଖିଲା ପତ୍ରକୁ ବିଛାଇ ଜଳ ସିଞ୍ଚନ କରିବା ଦ୍ୱାରା ମାଟିର ଆର୍ଦ୍ରତା ଦୀର୍ଘ ସମୟ ପର୍ଯ୍ୟନ୍ତ ରୁହେ। ଟପକ ବିଧିରେ ଜଳ ସିଞ୍ଚନ କରିବା ଦ୍ୱାରା ପାରମ୍ପରିକ ବିଧି ତୁଳନାରେ ୬୦ ପ୍ରତିଶତ ଜଳ ସଞ୍ଚୟ ହୋଇଥାଏ।

ଜମିକୁ ସମତଳ କରି ଜଳ ସିଞ୍ଚନ କଲେ ଗଛକୁ ସଠିକ୍ ପରିମାଣର ଜଳ ମିଳିଥାଏ। ମୃତ୍ତିକା ଅନୁସାରେ ପଟାଳି କରି ଜଳ ସିଞ୍ଚନ କରନ୍ତୁ। ଆଧୁନିକ ସିଞ୍ଚନ ବିଧି ଦ୍ୱାରା ୮୫-୯୫ ପ୍ରତିଶତ ଜଳ ଉପଯୋଗ କରାଯାଇପାରିବ। ଏଥିପାଇଁ ସ୍ପ୍ରିଙ୍କଲର ତଥା ଡ୍ରିପ୍ ସିଞ୍ଚନ ବିଧି ସର୍ବୋତ୍ତମ। ସୂକ୍ଷ୍ମ ସିଞ୍ଚନ ବିଧି ଦ୍ୱାରା ଫସଲର ସମସ୍ତ ଗଛକୁ ଠିକ୍ ଭାବେ ପାଣି ମିଳିଥାଏ। ଜଳସିଞ୍ଚନରେ ଶ୍ରମ ହ୍ରାସ ହେବା ସହ ସମୟ ନଷ୍ଟ ହୁଏନି।




## ମିଠା ବାଉଁଶ

ସମ୍ପ୍ରତି କେତେଜଣ ବିଦେଶରେ ଚାଷ ହେଉଥିବା ଫଳ ତଥା ପନିପରିବାକୁ ଆମ ମାଟିରେ ଫଳାଇ ସଫଳତା ପାଇଛନ୍ତି। ସେମିତି ଏକ ଚାଷ ହେଉଛି ମିଠା ବାଉଁଶ। ମିଠା ବାଉଁଶକୁ ଗ୍ରୀନ୍ ଗୋଲ୍ଡ କୁହାଯାଉଥିବା ବେଳେ ଏହାକୁ ବିଶେଷଜ୍ଞ ସ୍ୱତନ୍ତ୍ର ପ୍ରଣାଳୀରେ ବିକଶିତ କରିଛନ୍ତି। ତେବେ ଏହାର ସଫଳ ପରୀକ୍ଷଣ ବିହାର, ତିଲ୍‌କା ମାଞ୍ଝି ବିଶ୍ୱବିଦ୍ୟାଳୟ ଭାଗଲପୁର ଅନ୍ତର୍ଗତ ଟିଏନ୍‌ବି କଲେଜ୍ ସ୍ଥିତ ପ୍ଲାଣ୍ଟ ଟିସୁ କଲ୍‌ଚର୍ ଲ୍ୟାବ୍‌ରେ କରାଯାଇଛି। ଭାରତର ଏହା ପ୍ରଥମ ଲ୍ୟାବ୍ ଯେଉଁଠି ଥରକରେ ଦୁଇ ଲକ୍ଷରୁ ଅଧିକ ବାଉଁଶ ଚାରା ସୃଷ୍ଟି କରାଯାଇଛି। ଏହି ବାଉଁଶ ଗଛକୁ ବ୍ୟାବସାୟିକ ଦୃଷ୍ଟିରୁ ବୃହତ୍ ସ୍ତରରେ ପ୍ରସ୍ତୁତ କରାଯାଉଛି। ଏହା ଏମିତି ଏକ ଚାଷ,ଯେଉଁଥିରୁ ଥରକର ପରିଶ୍ରମରେ ଶହେ ବର୍ଷ ଯାଏ ଲାଭ ମିଳିଥାଏ। ଏଥିରୁ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରାଯିବା ସହିତ ବିଭିନ୍ନ ଔଷଧ ପ୍ରସ୍ତୁତିରେ ମଧ୍ୟ ଉପଯୋଗ କରାଯାଏ। ମିଠା ବାଉଁଶ ପରିବେଶ ଅନୁକୂଳ। ଏହା ଅଧିକ ଅମ୍ଳଜାନ ପ୍ରଦାନ କରୁଥିବା ଗଛ। ଏହି ପ୍ରଜାତିର ବାଉଁଶ ଚାରା ବ୍ୟବହାର କରି ଯେକୌଣସି ଋତୁରେ ପଡ଼ିଆ ଜମିରେ ଚାଷ କରାଯାଇପାରିବ। ମିଠା ବାଉଁଶରୁ ବିଭିନ୍ନ ପ୍ରକାର ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଚୀନ, ତାଇୱାନ୍, ସିଙ୍ଗାପୁର, ଫିଲିପାଇନ୍‌ସରେ ବ୍ୟାବସାୟିକ ଦୃଷ୍ଟିରୁ ଏହାକୁ ବ୍ୟବହାର କରାଯାଉଛି। ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ମିଠା ବାଉଁଶକୁ କର୍କଟ ରୋଗକୁ ପ୍ରତିହତ କରିବା ଭଳି ଔଷଧ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଉଛି। ତେଣୁ ଏହି ମିଠା ବାଉଁଶ ଚାଷ ଦ୍ୱାରା ଚାଷୀ ନିଜର ଆୟକୁ ଦ୍ୱିଗୁଣିତ କରିପାରିବେ।



## ମହୁ ମହମ କାଢ଼ିବ ସ୍ୱତନ୍ତ୍ର ବାକ୍ସ

ମହୁ ଏକ ଅନନ୍ୟ ପ୍ରାକୃତିକ ଉପାଦାନ। ସର୍ବଦା ମହୁର ଚାହିଦା ଥିବାରୁ ସମ୍ପ୍ରତି ଅନେକ ଲୋକ ମହୁଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ ଏହି ଚାଷରେ ମହୁ ପରି ଏହାର ମହମର ଅଧିକ ଚାହିଦା ଥାଏ। ପାରମ୍ପରିକ ତରିକାରେ ମହୁଫେଣାରୁ ମହୁ ମହମ ବାହାର କରିବାକୁ ମହୁପାଳକଙ୍କ ପାଇଁ ସମସ୍ୟା ହେଉଥିବାରୁ କର୍ଣ୍ଣାଟକର ୧୪ ବର୍ଷୀୟ ମାଷ୍ଟର ପି ଜବାହର ରାଜା ଦେଶୀ ଯୋଗାଡ଼ିଆ ବ୍ୟବସ୍ଥାରେ ମହୁ ମହମ କାଢ଼ିବାକୁ ଏକ ଉପକରଣ ବିକଶିତ କରିଛନ୍ତି। ଏହି ମେସିନ୍ ଜରିଆରେ ବେଶ୍ ସହଜରେ ମହୁ ମହମ ବାହାର କରାଯାଇପାରିବ। ଏହାର ଦାମ୍ ମଧ୍ୟ ବହୁତ କମ୍। ଜବାହର ରାଜା ଦଶମ ଶ୍ରେଣୀର ଛାତ୍ର। ପାରମ୍ପରିକ ତରିକାରେ ମହୁଫେଣାରୁ ମହୁ କାଢ଼ିବାକୁ ମହୁପାଳକଙ୍କୁ ସମସ୍ୟା ହେଉଥିବା ଅନୁମାନ କରି ଜବାହର ଷ୍ଟିଲ୍ ନିର୍ମିତ ଏକ ସ୍ୱତନ୍ତ୍ର ବାକ୍ସ ବିକଶିତ କରିଛନ୍ତି। ଏହାର ଦୁଇପାଖରେ ଲେନ୍ସ ଲାଗିଥିବାବେଳେ ଏହା ଭିତରେ କଳା ରଙ୍ଗ ବୋଳାଯାଇ ଏହାକୁ ଥାର୍ମୋକୁଲ୍‌ରେ ଘୋଡ଼ାଇ ଦିଆଯାଇଛି।

କେବଳ ସେତିକି ନୁହେଁ; ଷ୍ଟିଲ୍ ଡବା ତଳେ ଏକ ଛୋଟା କଣା ମଧ୍ୟ ରହିଛି। ଯେଉଁଥିରେ ମହୁପାଳକଙ୍କୁ ମହୁ ବାହାର କରିବାରେ ସହଜ ହୁଏ। ଏହି ସ୍ୱତନ୍ତ୍ର ବାକ୍ସରେ ୧୦ କିଗ୍ରା ମହୁଫେଣାରୁ ୭ କିଗ୍ରା ମହମ ବାହାରି ପାରିବ। ଦଶମ ଶ୍ରେଣୀର ଛାତ୍ରଙ୍କ ଦ୍ୱାରା ବିକଶିତ କରାଯାଇଥିବା ଏହି ମେସିନ୍‌କୁ କୃଷି ବିଜ୍ଞାନ କେନ୍ଦ୍ର ଫାର୍ମ ଦ୍ୱାରା ପ୍ରଦର୍ଶିତ କରାଯାଇଥିବାବେଳେ ଛାତ୍ରଙ୍କୁ ବିଭିନ୍ନ ସ୍ଥାନରୁ ସମ୍ମାନିତ କରାଯାଇଛି। ଏମିତିକି ସେ କିଡ୍‌ସ ଇଣ୍ଡିଆ ଦ୍ୱାରା ଆୟୋଜିତ ଯୁବା ବୈଜ୍ଞାନିକ ପୁରସ୍କାର ମଧ୍ୟ ପାଇଛନ୍ତି।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ତଳିଘେରା ପ୍ରସ୍ତୁତ କରନ୍ତୁ। ବିହନ ବିଶୋଧନ କରିବା ପାଇଁ ପ୍ରତି କିଗ୍ରା ଧାନ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ତିନି ଗ୍ରାମ୍ କାର୍ବୋକ୍ସିନ ଏବଂ ଥିରାମ୍‌ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ।
- ପନିପରିବା ତଳିଘେରାକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖନ୍ତୁ।
- ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠାଯୁକ୍ତ ରଖନ୍ତୁ।
- ଟମାଟୋ ଗଛରେ ଧଳାମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ରୁ ୧୦ ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ। ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗୋଲାପ ଗଛରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫେନପାଇରୋକ୍ସିମେକ୍ସ ୫%ଇସି @ ୨ ମିଲି କିମ୍ବା ଆବାମେକ୍ଟିନ @ ୧ ମିଲି ମିଶାଇ ସିଞ୍ଚନ କରନ୍ତୁ।

# ଅବଶିଷ୍ଟାଂଶ...

## ଶଙ୍କର ମହାଦେବନ...

ମ୍ୟୁଜିକ ଆଲ୍‌ବମ୍ ଏବଂ 'ଏଜ୍ ଭି ସ୍ୱିକ୍' ପାଇଁ କନଟେମ୍ପୋରାରୀ ଇନଷ୍ଟ୍ରୁମେଣ୍ଟ ଆଲ୍‌ବମ କାଟାଗୋରୀରେ ଗ୍ରାମି ହାତେଇଛନ୍ତି। ସେହିପରି ଆମେରିକାନ ଗୀତିକାର ଟେଲର ସ୍ୱିଫ୍ଟ ନିଜ ଆଲ୍‌ବମ 'ମିଡନାଇଟ୍ସ' ପାଇଁ 'ଆଲ୍‌ବମ ଅଫ୍ ଦ ଇୟର' ପୁରସ୍କାର ଜିତିଛନ୍ତି। ସେ ଚତୁର୍ଥ ଥର ପାଇଁ ଗ୍ରାମି ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଅନ୍ୟପକ୍ଷରେ ତିନୋଟି ଗ୍ରାମି ପୁରସ୍କାର ଜିତିଥିବା ଗୀତିକାର କିଲର ମାଇକଙ୍କୁ ପୁଲିସ କାର୍ଯ୍ୟକ୍ରମ ମଧ୍ୟରୁ ଗିରଫ କରିଛି। ତେବେ ଏ ପର୍ଯ୍ୟନ୍ତ ଗିରଫର କାରଣ ଜଣାପଡ଼ି ନାହିଁ।

## ଅଭୂତପୂର୍ବ...

ସମ୍ପର୍କରେ ନିଆଯାଇ ଥିବା ସମସ୍ତ ନିଷ୍ପତ୍ତିକୁ ବିଧାନସଭାରେ ଘୋଷଣା କରାଯିବ। ଭାଷା ହେଉଛି ଆମର ପରିଚୟ। ତେଣୁ ଓଡ଼ିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଆମ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବା ଲାଗି ଆଜିର ମହାର୍ଘ ଅବସରରେ ସମସ୍ତେ ସଂକଳ୍ପ ନେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଭାଷା ଉପରେ ବୈଷୟିକ ଜ୍ଞାନକୌଶଳର ପ୍ରଭାବ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୈଜ୍ଞାନିକ ଉନ୍ମେଷ, ବୈଷୟିକ ଜ୍ଞାନର ଅଗ୍ରଗତି ଓ କମ୍ପ୍ୟୁଟର ଭାଷା ହେଉଛି ବର୍ତ୍ତମାନ ଯୁଗରେ ଭାଷା ପାଇଁ ଏକ ବଡ଼ ଆହ୍ୱାନ। ତେଣୁ, ଓଡ଼ିଆ ଭାଷାକୁ ଏହା ସହିତ ସମନ୍ୱିତ କରିବାକୁ ହେବ। ଯୁବ ସମାଜକୁ ଆହ୍ୱାନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଁ ଆଶା କରୁଛି ଓଡ଼ିଆ ଭାଷା ଆମ ଯୁବ ପିଢ଼ିର ଭାଷା ହେବ। ଆମେ ଆମ ଭାଷାର ଗୌରବକୁ ଅନୁଭବ କଲେ, ଏହା ନିଶ୍ଚୟ ଆଗକୁ ଯିବ। ସମ୍ମିଳନୀ ଅବସରରେ ଆୟୋଜିତ ମ୍ୟୁଜିୟମ୍ ସମସ୍ତଙ୍କ ମନକୁ ଛୁଇଁଛି। ତେଣୁ ସମସ୍ତଙ୍କ ଅନୁରୋଧରେ ଏହାର ସମୟ ସୀମାକୁ ଆଉ ତିନି ଦିନ ବୃଦ୍ଧି କରାଗଲା ବୋଲି ସେ ଘୋଷଣା କରିଛନ୍ତି ଏବଂ ପୁରସ୍କାର ପାଇଥିବା ସବୁ ପ୍ରତିଭା ମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ପୁସ୍ତକର ଉନ୍ମୋଚନ କରିଛନ୍ତି। ହିନ୍ଦୁ ଗ୍ରୁପ୍ ଦ୍ୱାରା ପ୍ରକାଶିତ 'ଶ୍ରୀ ଜଗନ୍ନାଥ-ଲର୍ଡ ଅଫ୍ ଦ ୟୁନିଭର୍ସ', ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା (ସ୍ପେଶିଆଲ ଇନିସିଏଟିଭ୍‌ସ୍) ଆର ବାଲକ୍ରିଷ୍ଣନ୍‌ଙ୍କ ପରିକଳ୍ପନା ଏବଂ ଶୁଭ୍ରାଂଶୁ ପଣ୍ଡା ଓ ପ୍ରତୀକ ପଟ୍ଟନାୟକଙ୍କ ରଚିତ 'ଓଡ଼ିଆ: ଜର୍ଣ୍ଣି ଅଫ୍ ଏ ଲାଙ୍ଗୁଏଜ' ଏବଂ 'ମ୍ୟାଜିକାଲ ଟେଲସ୍ ଫ୍ରମ୍ ଓଡ଼ିଶା'। ଶେଷ ପୁସ୍ତକଟି ଏହି ପୁସ୍ତକଟି ଜର୍ମାନୀ ଓ ଜାପାନୀ ଭାଷାରେ ଅନୁବାଦିତ ହୋଇଛି। କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରେଭେନ୍ସା କଲେଜିଏଟ୍ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ବିକାଶକୁ...

ଅତ୍ୟାଧୁନିକ ମାନର ସାମୂହିକ ସୁବିଧା ଯୋଗାଇଦେବା ସହ ସେମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବ। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଲକ୍ଷ୍ୟରେ ମୋ ସରକାରଙ୍କ ନୂତନ ଦୃଷ୍ଟିଭଙ୍ଗୀ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଏକ ଅନନ୍ୟ ବିକାଶମୂଳକ ପଦକ୍ଷେପ। ସେହିଭଳି 'ନୂଆ-ଓ' ପାଇଁ ମୋ ସରକାରଙ୍କ ଉଦ୍ୟମ ଅଭିନନ୍ଦନୀୟ ବୋଲି ରାଜ୍ୟପାଳ କହିଛନ୍ତି। ନିଜ ଅଭିଭାଷଣରେ ରାଜ୍ୟପାଳ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ଉଚ୍ଚ ପ୍ରଶଂସା କରିବା ସହ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର, ସମୃଦ୍ଧି ଏବଂ ସଂରକ୍ଷଣ ଦିଗରେ ଏହା ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ କରିଛନ୍ତି। ଅଭିଭାଷଣରେ କହିଛନ୍ତି ୨୦୨୨-୨୩ ବର୍ଷରେ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ୧୪୧.୩୬ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି ଯାହା ୨୦୦୦-୦୧ ବର୍ଷର ୫୫.୩୫ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟର ଉତ୍ପାଦନର ପ୍ରାୟ ଅଢ଼େଇ ଗୁଣ। ଅନ୍ୟପକ୍ଷରେ ୨୦୨୨-୨୩ ଖରିଫ୍ ଋତୁରେ ପ୍ରାୟ ୬.୦୩ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିବା ବେଳେ ୨୦୨୩-୨୪ ବର୍ଷରେ ଏହାକୁ ୮ ଲକ୍ଷ କୁଇଣ୍ଟାଲକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। କାଳିଆ ଯୋଜନାରେ ଅଦ୍ୟାବଧି ୪୩.୮୮ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮.୯୩ ଲକ୍ଷ ଭୂମିହୀନ କୃଷି ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ଜଳସେଚନ କ୍ଷେତ୍ରରେ ଲୋୟର ସୁକତେଲ, ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ, ହଳଦିଆ ଡ୍ୟାମ୍, ଆନନ୍ଦପୁର ବ୍ୟାରେଜର ବୈତରଣୀ ବାମ ପାର୍ଶ୍ୱ କେନାଲ ୨୦୨୩ ମସିହାରେ ସମ୍ପୂର୍ଣ୍ଣ ହୋଇଛି। ସେହିପରି ରାଜ୍ୟରେ ୨୮ଟି ଅନ୍ତଃନଦୀ ଜଳାଶୟ ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୧୮ଟି ଟେଣ୍ଡର ପର୍ଯ୍ୟାୟରେ ରହିଛି। ନିଜ ଅଭିଭାଷଣରେ ରାଜ୍ୟପାଳ କହିଛନ୍ତି ଯେ 'ମୋ ସରକାର' ୧୭୬୮ କୋଟି ଟଙ୍କା ଖର୍ଚ୍ଚ ଅଟକଳର ୧୫ଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସମନ୍ୱିତ ମାଷ୍ଟର ପ୍ଲାନ ହାତକୁ ନେଇଛନ୍ତି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଏସ୍‌କେୱାଇରେ ରାଜ୍ୟ ବାହାରର ୧୫୬ଟି ଘରୋଇ ହସ୍ପିଟାଲ ସହ ସମୁଦାୟ ୭୯୬ ଘରୋଇ ହସ୍ପିଟାଲ ଅନୁବନ୍ଧିତ ହୋଇଛନ୍ତି। ୨୦୨୧ ମସିହା ସେପ୍ଟେମ୍ବର ପହିଲାରୁ ବିଏସ୍‌କେୱାଇ ସ୍ମାର୍ଟ କାର୍ଡର ଶୁଭାରମ୍ଭ ପରଠାରୁ ୧୭.୬୪ ଲକ୍ଷରୁ ଅଧିକ ହିତାଧିକାରୀ ୩୯୫୮ କୋଟି ଟଙ୍କାର ଚିକିତ୍ସା ସହାୟତା ପାଇସାରିଛନ୍ତି। ସେହିପରି ୭୫୦ କୋଟି ଟଙ୍କା ବ୍ୟୟରେ ୧୪୯ଟି ସ୍ୱାସ୍ଥ୍ୟ ଅନୁଷ୍ଠାନର ଭିତ୍ତିଭୂମି ରୂପାନ୍ତରଣ ପାଇଁ ରାଜ୍ୟ ସରକାର ଆମ ହସ୍ପିଟାଲ ଯୋଜନା କରିଥିବା ରାଜ୍ୟପାଳ କହିଛନ୍ତି।

ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୨-୨୩ ଖରିଫ୍ ଋତୁରେ ରାଜ୍ୟ ସରକାର ୧୭.୧୧ ଲକ୍ଷ ଚାଷୀଙ୍କଠାରୁ ୭୯.୧୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରି ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ଧାନ ସଂଗ୍ରହଣ ରାଜ୍ୟରେ ପରିଣତ କରିପାରିଛନ୍ତି। ରାଜ୍ୟ ସରକାର ବିଜୁ ପକ୍କା ଘର, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଓ ମୋ ଘର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୪-୧୫ରୁ ଏଯାଏଁ ୩୪.୨୫ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି। ଏଯାବତ୍ ୨.୪୦ ଲକ୍ଷ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ନ୍ୟୁୟର୍କ, ଟୋକିଓ, ସିଙ୍ଗାପୁର ଭଳି ଓଡ଼ିଶାରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଚାଲିଛି। ଏଯାବତ୍ ୨୪ ସହରାଞ୍ଚଳର ୨୩ ଲକ୍ଷ ବାସିନ୍ଦା ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାରେ ଗୁଣାତ୍ମକ ମାନର ଜଳ ସୁବିଧା ପାଉଛନ୍ତି। ସେହିପରି ରାଜ୍ୟ ସରକାର ୩୪୧୧ କୋଟି ଖର୍ଚ୍ଚରେ ୬୮୭୨ଟି ହାଇସ୍କୁଲର ରୂପାନ୍ତରଣ ସରିଥିବା ବେଳେ ଚତୁର୍ଥ ପର୍ଯ୍ୟାୟରେ ୧୭୯୮ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ସେହିପରି ମିଶନ ଶକ୍ତି ଅଧିନରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ମୋଟ ୧୫ ହଜାର କୋଟି ଟଙ୍କାର ଋଣ ସଂଯୋଗୀକରଣ ସୁବିଧା ଯୋଜନା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜ୍ୟରେ ୫୩.୦୯ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଉଛି।

ଅନ୍ୟପକ୍ଷରେ ଆଞ୍ଚଳିକ ବିମାନସେବା ସଂଯୋଗୀକରଣରେ ଓଡ଼ିଶାକୁ ଦେଶରେ ସର୍ବୋତ୍ତମ ରାଜ୍ୟରେ ପରିଣତ କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ 'ମୋ ସରକାର'ଙ୍କ ପ୍ରମୁଖ ନିବେଶକ ଆକୃଷ୍ଟକାରୀ ସମ୍ମିଳନୀ ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ୧୦.୩୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା ବେଳେ ୨୨ଟି କ୍ଷେତ୍ରରେ ମୋଟ ୧୦.୪୮ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିପାରିଛି। ସେହିପରି ୨୦୧୮-୧୯ରେ ଆଇଟି କ୍ଷେତ୍ରରେ ନିୟୋଜିତ ଲୋକଙ୍କ ସଂଖ୍ୟା ୨୦ ହଜାର ଥିବାବେଳେ ୨୦୨୨-୨୩ରେ ଏହା ୪୦ ହଜାରକୁ ବୃଦ୍ଧି ପାଇଛି।

ରାଜ୍ୟପାଳ ରଘୁବର ଦାସ କହିଛନ୍ତି ଯେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ କମିଛି। ପୁଲିସ କାର୍ଯ୍ୟାନୁଷ୍ଠାନରେ ୪୨ ନିହତ, ୧୪୫ ଜଣ ଗିରଫ ହୋଇଥିବା ବେଳେ ୬୩ ଜଣ ଆତ୍ମସମର୍ପଣ କରିଛନ୍ତି। ରାଜ୍ୟରେ ମାଓ ପ୍ରଭାବିତ ଜିଲ୍ଲାସଂଖ୍ୟା ୨୧ରୁ ୧୦କୁ ହ୍ରାସ ପାଇଥିବା ବେଳେ ମାଲକାନଗିରିର ୩୨୦୦ରୁ ଅଧିକ ସକ୍ରିୟ ମାଓବାଦୀ ଓ ମଆଓ ସମର୍ଥକ ମୁଖ୍ୟସ୍ରୋତକୁ ଫେରିଛନ୍ତି। ସେହିପରି ୨୦୨୧-୨୨ ବର୍ଷ ରାଜ୍ୟରେ ମୁଣ୍ଡପିଛା ଆୟ ୧.୨୯ ଲକ୍ଷ ରହିଥିବା ବେଳେ ୨୦୨୨-୨୩ରେ ରାଜ୍ୟରେ ମୁଣ୍ଡପିଛା ଆୟ ୧.୫୧ ଲକ୍ଷ ରହିଛି। ରାଜ୍ୟରେ ବେକାରୀ ଅଭିବୃଦ୍ଧି ହାର କମିଛି। ସେହିପରି ମୋ ସରକାରଙ୍କ ଶୂନ୍ୟ ମୃତ୍ୟୁହାର ମଡେଲ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ଏବଂ ଓଡ଼ିଶା ମଡେଲ ଭାବରେ ଅନୁସୃତ ହେଉଛି ବୋଲି ରାଜ୍ୟପାଳ କହିଛନ୍ତି।

## ପ୍ରଚାରରେ ନିୟୋଜିତ...

ଉପାୟରେ ରାଜନୈତିକ ପ୍ରଚାର ପାଇଁ ପିଲାଙ୍କ ବ୍ୟବହାର ଉପରେ ମଧ୍ୟ ଏହି କଟକଣା ଲାଗୁ ହେବ ବୋଲି ନିର୍ବାଚନ ଆୟୋଗ ସୋମବାର ପ୍ରକାଶ କରିଥିବା ଏକ ବିବୃତିରେ କହିଛନ୍ତି। ନିର୍ବାଚନ ପ୍ରଚାର ବେଳେ କୌଣସି ସଙ୍ଗୀତ କିମ୍ବା ଭିଡିଓରେ ଶିଶୁ କଳାକାରମାନଙ୍କୁ ନିୟୋଜିତ କରାଯାଇପାରିବ ନାହିଁ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି।

## ଏବେ ବିଶ୍ୱ ସହ...

ବିଦ୍ୟାଳୟଗୁଡ଼ିକ ମଧ୍ୟ ରୂପାନ୍ତରଣ ହେବ। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିବାରେ ସକ୍ଷମ ହୋଇଛି। କୋଭିଡ ସମୟରେ ସାରା ଦେଶ ତୁଳନାରେ ଓଡ଼ିଶାରେ ମୃତ୍ୟୁହାର କମ ରହିଥିଲା। ଓଡ଼ିଶା୨୨ ରାଜ୍ୟକୁ ଅକ୍ସିଜେନ୍ ଯୋଗାଇ ଦୈନିକ ପ୍ରାୟ ୪୦ ହଜାର ଲୋକଙ୍କ ଜୀବନ ରକ୍ଷା କରିବାକୁ ସକ୍ଷମ ହୋଇଥିଲା। ଏବେ ଓଡ଼ିଶାବାସୀଙ୍କୁ ମାଗଣାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ମିଳିପାରୁଛି। ଭବିଷ୍ୟତରେ ଓଡ଼ିଶା ସ୍ୱାସ୍ଥ୍ୟ ପର୍ଯ୍ୟଟନ ଭୂମିରେ ପରିଣତ ହେବ। ଆମ ଲୋକ ଅନ୍ୟ ରାଜ୍ୟକୁ ଚିକିତ୍ସା ପାଇଁ ଯିବେ ନାହିଁ, ବରଂ ଅନ୍ୟ ରାଜ୍ୟରୁ ଚିକିତ୍ସା ପାଇଁ ଲୋକେ ଓଡ଼ିଶା ଆସିବେ। ଓଡ଼ିଶା ଆଉ ଗୋଟିଏ ବର୍ଷ ମଧ୍ୟରେ ଡାକ୍ତର ବଳକା ରାଜ୍ୟରେ ପରିଣତ ହେବ। ଏସ୍‌ସିବି ମେଡିକାଲ କଲେଜ ଦେଶର ପ୍ରମୁଖ ବିଶ୍ୱସ୍ତରୀୟ ଡାକ୍ତରଖାନାରେ ପରିଣତ ହେବ।

୧୯୯୯ ମହାବତ୍ୟାରେ ଓଡ଼ିଶାରେ ମହାବାତ୍ୟା ଯୋଗୁଁ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ଓଡ଼ିଶାକୁ ଏ କ୍ଷେତ୍ରରେ ପ୍ରବୀଣ କରିଛି। ୨୦୧୨ର ପ୍ରଳୟଙ୍କରୀ ବାତ୍ୟା କାଳରେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାକୁ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି। ନ୍ୟୁୟର୍କ ଟାଇମ୍ସରେ ପ୍ରଥମ ପୃଷ୍ଠାରେ 'ଓଡ଼ିଶାଠାରୁ ବାତ୍ୟା ମୁକାବିଲା ଶିଖିବା' ନେଇ ଖବର ପ୍ରକାଶିତ ହୋଇଛି।

୨୦୦୦ ମସିହାରେ ନିବେଶ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଥିଲା। ଆଜି ନିବେଶକମାନଙ୍କୁ ଆକୃଷ୍ଟ କରିବାରେ ମହାରାଷ୍ଟ୍ର ପରେ ଓଡ଼ିଶା ଦେଶର ୨ ନମ୍ବର ରାଜ୍ୟ ଭାବେ ପରିଚିତ ହେଉଛି। ଓଡ଼ିଶାରେ ବହୁ ବିଶାଳ ଏବଂ ଅତ୍ୟାଧୁନିକ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି, ଯାହା ଆଗରୁ କେବେ ପରିକଳ୍ପନା କରିବା ସମ୍ଭବ ନଥିଲା। ନିପ୍ପନ ଷ୍ଟିଲ, ଜେଏସ୍‌ଡବ୍ଲୁ, ୱେଲସ୍‌ପନ୍ ଭଳି ବହୁ ବଡ଼ ବଡ଼ କମ୍ପାନୀ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆଇଟି ସେକ୍ଟରର ବଡ଼ ବଡ଼ କମ୍ପାନୀ ଏବେ ଓଡ଼ିଶାରେ ଡେରା ପକାଇଛନ୍ତି। ବର୍ତ୍ତମାନ ଆମେ ଗ୍ରୀନ୍ ଆଇଟି କ୍ୟାପିଟାଲ୍‌ରେ ପରିଚୟ ପାଇଛନ୍ତି। ଭାରତ ସରକାରଙ୍କ ତଥ୍ୟ ଅନୁଯାୟୀ ବେକାରୀ ତାଲିକାରେ ଓଡ଼ିଶା ସବୁଠାରୁ ତଳେ ରହିଛି। ବ୍ୟାପକ ବିକାଶ କରିବା ବେଳେ ଏହାର ପ୍ରଭାବ ଜଙ୍ଗଲ ଓ ପରିବେଶ ଉପରେ ପଡ଼ିଥାଏ। କିନ୍ତୁ ରାଜ୍ୟ ସରକାର ଏସବୁ କଥାରେ କୌଣସି ସାଲିସ୍ କରିବାକୁ ଦେଇ ନାହାନ୍ତି। ସ୍ୱଚ୍ଛତା କ୍ଷେତ୍ର ଯୋଗୁଁ ଓଡ଼ିଶା ଆଜି ଶିଳ୍ପ ଏବଂ ନିବେଶ ପାଇଁ ଏକ ସୁଗମ କ୍ଷେତ୍ର ହୋଇପାରିଛି। ବିଭିନ୍ନ କ୍ଷେତ୍ରର ବିକାଶ ସହିତ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକଙ୍କୁ ସମ୍ମାନ ଦେବା ଉପରେ ସରକାର ସବୁବେଳେ ଜୋର୍ ଦେଇ ଆସିଛନ୍ତି। ମୋ' ସରକାର କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ସିଧସଳଖ ଜନତାଙ୍କ ପାଖରୁ ପ୍ରଶାସନକୁ ଫିଡବ୍ୟାକ୍ ମିଳିପାରୁଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶାର ସଫଳତାର କାହାଣୀ ଆଉ ବର୍ଣ୍ଣନା କରି କହିବାର ଆବଶ୍ୟକତା ନାହିଁ। ଗତବର୍ଷ ମିଶନ ଶକ୍ତିର ମା'ମାନେ ୧୨ ହଜାର କୋଟି ଟଙ୍କାର ଋଣ ନେଇଛନ୍ତି। ଚଳିତବର୍ଷ ଏହି ପରିମାଣ ୧୫ ହଜାର କୋଟି ଟଙ୍କାରେ ପହଞ୍ଚିବ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କ ପାଇଁ ରାଜନୀତି କ୍ଷେତ୍ରରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛନ୍ତି। ରାଜ୍ୟରେ ଜଳସେଚନ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ରାଜ୍ୟର ଚାଷଜମିକୁ ଜଳସେଚନ ପରିମାଣ ଦ୍ୱିଗୁଣରୁ ଅଧିକ ହୋଇଛି। ୨୦୨୪-୨୦୨୯ ମଧ୍ୟରେ ଓଡ଼ିଶା ପାଇଁ ଗେମ୍ ଚେଞ୍ଜିଂ ସମୟ ହେବାକୁ ଯାଉଛି। ୨୦୧୯-୨୦୨୪ ମଧ୍ୟରେ ବିକାଶର ଗତି ଯାହା ଥିଲା ତାହା ବହୁଗୁଣିତ ହେବାକୁ ଯାଉଛି। ଓଡ଼ିଶା ଏବେ ଅନ୍ୟ ରାଜ୍ୟ ସହ ପ୍ରତିଯୋଗିତା କରୁ ନାହିଁ ଓଡ଼ିଶା ଏବେ ବିଶ୍ୱ ସହ ପ୍ରତିଯୋଗିତା କରୁଛି ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ ଦକ୍ଷତା ଏବଂ ସ୍ୱଚ୍ଛତା ସହିତ ସୁପ୍ରଶାସନ ରାଜ୍ୟ ସରକାରଙ୍କ ସଫଳତାର ମନ୍ତ୍ର ବୋଲି କହିଛନ୍ତି। ସେ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆଧ୍ୟାତ୍ମିକ ପ୍ରଶାସନ (ସ୍ପିରିଚୁଆଲ ପ୍ରଶାସନ) ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା କେବଳ ଧର୍ମନିରପେକ୍ଷତା ନୁହେଁ, ଏହା ହେଉଛି ସ୍ୱଚ୍ଛତା, ନମ୍ରତା ଏବଂ ମହାପ୍ରଭୁଙ୍କ ନିକଟରେ ସମର୍ପଣ ଭାବ ରଖି ରାଜ୍ୟକୁ ଆଗେଇ ନେବା ଲକ୍ଷ୍ୟ। ଏଥିପାଇଁ ଛାତ୍ରଛାତ୍ରୀ ଓ ଯୁବପିଢ଼ି '୨୦୩୬ରେ ଓଡ଼ିଶା' ଲାଗି ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହି ଅଧିବେଶନରେ ରାଜ୍ୟ ସରକାରଙ୍କ ପରାମର୍ଶଦାତା (ଆନୁଷ୍ଠାନିକ ଦକ୍ଷତା ବିକାଶ) ସୁବ୍ରତ ବାଗଚୀ ଅଧ୍ୟକ୍ଷତା କରିଥିଲେ। ଏକାମ୍ର ପ୍ରକଳ୍ପ ପରାମର୍ଶ କମିଟିର ଅଧ୍ୟକ୍ଷ ଡ. ସଂତୃପ୍ତ ମିଶ୍ର, ମନିଟାରୀ ଅଥରିଟି ଅଫ୍ ସିଙ୍ଗାପୁରର ଚିଫ୍ ଫିନଟେକ୍ ଅଫିସର ସ୍ୱପ୍ନେନ୍ଦୁ ମହାନ୍ତି, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶିକ୍ଷାବିତ୍ ପ୍ରଫେସର ସଚ୍ଚିଦାନନ୍ଦ ପଣ୍ଡା ବକ୍ତା ଭାବେ ଯୋଗ ଦେଇଥିଲେ।

## କଣ୍ଟେନର ଧକ୍କାରେ ୨ ମୃତ

ଲାଞ୍ଜିଗଡ଼, ୫।୨ (ସମିସ): ଭବାନୀପାଟଣାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଗ୍ରାମର ଅରୁଣ ଧଙ୍ଗଡାମାଝୀ (୩୭) ଏବଂ ପଦ୍ମଲୋଚନ ପାତ୍ର (୩୫) ଦୁଇ ଜଣ ନର୍ଲା ଥାନା ଅଧିନସ୍ଥ ଗୋରକୋଲ ଗାଁକୁ ରାଜମିସ୍ତ୍ରୀ କାମ କରିବାକୁ ବାଇକ ଯୋଗେ ଯିବା ସମୟରେ ଲାଞ୍ଜିଗଡ଼ ବ୍ଲକର ପୋଖରୀବନ୍ଧ ଗ୍ରାମପଞ୍ଚାୟତ ଅଧିନସ୍ଥ ଢ଼େପଗୁଡା ଜଙ୍ଗଲ ନିକଟରେ ରାୟଗଡ଼ା ପଟୁ ପଛରୁ ଆସୁଥିବା ଏକ କଣ୍ଟେନର ଦ୍ରୁତଗତିରେ ଆସି ଧକ୍କା ଦେବାରୁ ଘଟଣାସ୍ଥଳରେ ଦୁଇ ଜଣ ପ୍ରାଣ ହରାଇଥିଲେ। ଦୁର୍ଘଟଣା ଘଟାଇ କଣ୍ଟେନରଟି ମଧ୍ୟ ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ତେବେ ଘଟଣାସ୍ଥଳରେ ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ ପୁଲିସ ପହଞ୍ଚି ତଦନ୍ତ କରୁଥିବାବେଳେ ଭବାନୀପାଟଣା ବିଶାଖାପାଟଣାକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ରହିଥିବା ଯୋଗୁଁ ଶହ ଶହ ଗାଡି ଅଟକି ରହିଛି।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

### ବିଭାଗ-କ

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ଛାତ୍ରର ଇଚ୍ଛାଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଛାତ୍ରର ସ୍ୱାଧୀନତା ଦରକାର, ସଂଯମ ଦରକାର । ଯାହାର ସ୍ୱାଧୀନତା ନାହିଁ ତାହାର କୌଣସି ଇଚ୍ଛା ହିଁ ନାହିଁ ସ୍ୱାଧୀନତା ଅର୍ଥାତ୍ ଆପେ ବାଛି ନେଇଥିବା ବାଟରେ ବିକାଶ ଆଡକୁ ଯିବାର ପ୍ରଚେଷ୍ଟା । ଆପଣା ବାଟରେ ଚାଲିବାର ସମ୍ଭାବନାଗୁଡିକୁ ଅଧିକ ସହଜ କରିପାରିବା ଲାଗି ପ୍ରତ୍ୟେକ ମଣିଷର ଜୀବନରେ ସଂଯମ ଲାଗି ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିବା ଆବଶ୍ୟକ, କାରଣ ସ୍ୱାଧୀନତା ବନ୍ଧନହୀନତା ନୁହେଁ । ସଂଯମ ନ ଥିଲେ ଆମର ସ୍ୱାଧୀନତା କେବଳ ଏକ ନାସ୍ତିକବାଚକ ଅନଧୀନତା ବା ଶୃଙ୍ଖଳାହୀନତାରେ ହିଁ ସୀମାବଦ୍ଧ ହୋଇ ରହିଥାଏ । ସଂଯମ ବା ଅନୁଶାସନର ମଧ୍ୟ ସୀମା ରହିବା ଦରକାର । ସୀମାତିରିକ୍ତ ହୋଇଗଲେ ଅନୁଶାସନ ମଧ୍ୟ ବିକାଶର ବାଧକ ପରି କାର୍ଯ୍ୟ କରେ । ଆମ ଅନୁଶାସନ ବ୍ୟବସ୍ଥାରେ ଛାତ୍ରକୁ ଦବେଇ ରଖିବାର ଭାବନା ଯେତେ କମ୍ ରହିବ, ତାହା ସେତେ ଭଲ ହେବ । ଅନୁଶାସନର ଗତି ଅଧିକ ଶାସନ ଆଡକୁ ନୁହେଁ ଆତ୍ମଶାସନ ଆଡକୁ ହେବା ଉଚିତ । କେବଳ ରୋକିରଖିବା, କେବଳ ଶାସନ କରିବା ବା କେବଳ ଦବାଇ ରଖିବା ଦ୍ୱାରା କଦାପି କାମ ଚଳିବ ନାହିଁ । ଶ୍ରଦ୍ଧାହୀନ ଅନୁଶାସନ ଦ୍ୱାରା ଛାତ୍ର ମନରେ ରହିଥିବା ଭୟ ହୁଏତ ଦବି ରହିଯାଏ ମାତ୍ର ଏହା ଛାତ୍ରକୁ କଦାପି ନିର୍ଭୟ କରିପାରେ ନାହିଁ ।

କ) ଛାତ୍ରର ଇଚ୍ଛାଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ପାଇଁ କଣ କଣ ଦରକାର ?
ଖ) ସ୍ୱାଧୀନତା ସହ ସଂଯମ କିପରି ଭାବରେ ସମ୍ପର୍କିତ ?
ଗ) ସୀମାତିରିକ୍ତ ଅନୁଶାସନ ଛାତ୍ରର କି କ୍ଷତି ଘଟାଇଥାଏ ?
ଘ) ଶ୍ରଦ୍ଧାହୀନ ଅନୁଶାସନ ଦ୍ୱାରା କଣ ହୁଏ ?
ଙ) ମନୁଷ୍ୟ ଜୀବନରେ ସଂଯମ ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ କାହିଁକି ଆବଶ୍ୟକ?

### ବିଭାଗ-ଖ

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ପର୍ଯ୍ୟଟନ ଶିଳ୍ପର ବିକାଶ ଖ) ବିଜ୍ଞାନର ଉପଯୋଗିତା ଗ) ଭାରତର ଖାଦ୍ୟ ସମସ୍ୟା

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ଖାଦ୍ୟ ସମସ୍ୟା ଓ ତାର ପ୍ରତିକାର" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ସ୍ୱାଧୀନ ଭାରତର ଶିକ୍ଷା ବ୍ୟବସ୍ଥା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
(ବି.ଦ୍ର.: ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ। )

### ବିଭାଗ-ଗ

୪. **ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (୪)
ରାମକେରୀ କିମ୍ବା ନଟବାଣୀ

୫. **ସୂଚନା ଅନୁସାରେ ବାକ୍ୟଗୁଡିକୁ ପରିବର୍ତ୍ତନ କର ।(ଯେକୌଣସି ୨ଟିର)** (୧×୨=୨)
i) ବର୍ଷା ଋତୁ ଆସିବାରୁ କଦମ୍ବ ଫୁଲ ଫୁଟିଲା । ( ଯୌଗିକ ବାକ୍ୟ କର )
ii) ଚତୁର ଲୋକମାନେ ସବୁଠାରେ ଜିତନ୍ତି । ( ଜଟିଳ ବାକ୍ୟ କର )
iii) ଯେଉଁ ଛାତ୍ର ଜାଣିବାକୁ ଇଚ୍ଛା କରିବ, ସେ ବିଦ୍ୟାଲାଭ କରିବ । (ସରଳ ବାକ୍ୟ କର )

୬. **ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେକୌଣସି ୨ଟିର)** (୧×୨=୨)
i) ଅଲଣା କଥା ii) ନାକ ଟେକିବା iii) ଗୁଜୁରାଣ ମେଣ୍ଟାଇବା

୭. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି ୨ଟିର)** (୧×୨=୨)
i) ସାଣ୍ଟାସିକ ii) ଦାଶରଥୀ iii) ଦିବାରାତ୍ରି

### ବିଭାଗ-ଘ

୮. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ଗୋଟିଏର)** (୫×୧=୫)
କ) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।
ଖ) ଏହାର ଶେଷ ଫଳ କଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ; ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?
ଖ) ଆମେ ସଭ୍ୟତାର ଆଖ୍ୟା କାହାକୁ ଦେଇଥାଉ ?
ଗ) ସମାଧିରେ ବୁଡି ନ ଯିବା ପାଇଁ ଶ୍ରୀରାମକୃଷ୍ଣ ନରେନଙ୍କୁ କାହିଁକି କହିଥିଲେ?
ଘ) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା?

୧୦. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଗ୍ରହ, ତାରା ଓ ଉପଗ୍ରହଙ୍କ ବିଷୟରେ ଅଧ୍ୟୟନ କେଉଁ ବିଜ୍ଞାନର ଅନ୍ତର୍ଗତ ?
୧)ଜୀବ ବିଜ୍ଞାନ ୨)ଜଡ ବିଜ୍ଞାନ ୩) ଉଦ୍ଭିଦ ବିଜ୍ଞାନ ୪)ରସାୟନ ବିଜ୍ଞାନ
ଖ) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ସାହିତ୍ୟ ପସରା ୨) ଉତ୍କଳ ସାହିତ୍ୟ ୩)ଶ୍ରୀକୃଷ୍ଣ ରହସ୍ୟ ୪) ଗପ ପସରା
ଗ) "କେବେ ଆସିଲୁ ବାପା ?" – ଏ କଥା କିଏ ପଚାରିଥିଲେ ?
୧) ସାର ମାଉସୀ ୨) ସର ମାଉସୀ ୩) ହାର ମାଉସୀ ୪) ପାର ମାଉସୀ
ଘ) ବଂଶୀଧର ସାମନ୍ତରାୟ କଣ ଥିଲେ ?
୧) ଶିକ୍ଷାବିତ୍ ୨) କଳାକାର ୩) ଚାଳକ ୪) ନିର୍ଦ୍ଦେଶକ
ଙ) କିଏ ଶାସକକୁ ଶାସିତଠାରୁ ଅଲଗା କରିଛି ?
୧) ଇଂରେଜୀ ଭାଷା ୨) ଆଫ୍ରିକା ଭାଷା ୩) ପୋଲିସ ଭାଷା ୪) ବଙ୍ଗଳା ଭାଷା
ଚ) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ ?
୧) ଗଙ୍ଗାରୁ ଗୋଦାବରୀ ୨)ଓଡ଼ିଆ କେବେ ୩)ଲଣ୍ଡନ ଚିଠି ୪) ଶିଶୁ ସାହିତ୍ୟ
ଛ) ଗଣତନ୍ତ୍ରର ମୂଳମନ୍ତ୍ରଟି କଣ ?
୧) ତାଲିମ ୨)ଯୋଗ ବିଦ୍ୟା ୩)ରୋଜଗାର ୪) ଶିକ୍ଷା
ଜ) "ଗାଁ ମଜଲିସ୍" ର ଲେଖକ କିଏ ?
୧) ବାଞ୍ଛାନିଧି ମହାନ୍ତି ୨)ଡ. ହରେକୃଷ୍ଣ ମହତାବ
୩)ଗୋପାଳଚନ୍ଦ୍ର ପ୍ରହରାଜ ୪) ଫକୀରମୋହନ ସେନାପତି
ଝ) କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?
୧) କାଳାନ୍ତର ୨)ଶିବଭାଇ ୩)ମଶାଣିର ଫୁଲ ୪)ବଜ୍ରବାହୁ
ଞ) ଜନତାର ପ୍ରଥମ ପ୍ରୟୋଜନ କଣ ?
୧) ବନ୍ଧୁତା ୨) ଆଞ୍ଚଳିକ ଭାଷା ୩)ଧନ ୪) ଖାଦ୍ୟ

୧୧. **ସପ୍ରସଙ୍ଗ ସରଳାର୍ଥ ଲେଖ ।(ଯେକୌଣସି ଗୋଟିଏର)** (୫×୧=୫)
କ) ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।
ଖ) କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ।

୧୨. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?
ଖ) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି?
ଗ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?
ଘ) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

୧୩. **ପଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାର କବି କିଏ ?
୧) ଉପେନ୍ଦ୍ର ଭଞ୍ଜ ୨) ଦୀନବନ୍ଧୁ ପରିଜା ୩) ପ୍ରତିଭା ରାୟ ୪) ରାମକୃଷ୍ଣ ଦାସ
ଖ) 'ନବଯୁଗ ସାହିତ୍ୟ ସଂସଦ' କିଏ ପ୍ରତିଷ୍ଠା କରିଥିଲେ ?
୧) ଅନନ୍ତ ପଟ୍ଟନାୟକ ୨) ସୁନନ୍ଦ କର
୩) ବୈଷ୍ଣବ ପାଣି ୪) ଭଗବତୀ ଚରଣ ପାଣିଗ୍ରାହୀ
ଗ) ରାଘବଙ୍କୁ ସିନ୍ଧୁ ପୋତିବା କାର୍ଯ୍ୟରେ କିଏ ସାହାଯ୍ୟ କଲେ?
୧) କପିଗଣ ୨) ଶିବଗଣ ୩) ଦେବଗଣ ୪) ରାକ୍ଷସ ଗଣ
ଘ) ଶ୍ରୀରାମ କାହାକୁ ପ୍ରସନ୍ନ କରିବାକୁ କୁଶ ଶଯ୍ୟାରେ ଶୟନ କରିଥିଲେ?
୧) ରାବଣ ୨) ବରୁଣ ୩) ଦଶରଥ ୪) ଲକ୍ଷ୍ମଣ
ଙ) ବଜ୍ରାଘାତ ପରି କିଏ ପ୍ରହାର କରିଥିଲେ ?
୧) ମେଘନାଦ ୨) ରାମ ୩) ଅଙ୍ଗଦ ୪) ସୁଗ୍ରୀବ
ଚ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଥିଲା ?
୧) ସଙ୍ଗୀତ ୨) ବାଦ୍ୟ ୩) ତାଳ ୪) ଝରଣାର ନାଦ
ଛ) ଜନତା ଜନାର୍ଦ୍ଦନ କି ପ୍ରକାର ଛଳନାର ଶିକାର ହୋଇଥିଲେ ?
୧) ରାଜନୈତିକ ୨) ସାମାଜିକ ୩) ବୈଷୟିକ ୪) ଅର୍ଥନୈତିକ
ଜ) କବି କାହାକୁ ଉଲ୍ଲାସର ଆତ୍ମା ବୋଲି କହିଛନ୍ତି ?
୧) ଗୀତର ତାନ ୨) ସୁନା ୩) ଧନରତ୍ନ ୪) ଭୋଗବିଳାସ
ଝ) "ସ୍ୱଭାବ କବି" ବୋଲି ଆମେ କାହାକୁ ଜାଣୁ ?
୧) ମଧୁସୂଦନ ଦାସ ୨) ଗଙ୍ଗାଧର ମେହେର
୩) ଉପେନ୍ଦ୍ର ଭଞ୍ଜ ୪) ଗୌରୀଶଙ୍କର ରାୟ
ଞ) 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କେଉଁ ଆଦ୍ୟବର୍ଣ୍ଣ ନିୟମରେ ରଚିତ ?
୧) ପ ୨) ବ ୩) କ ୪) ଗ

୧୪. **ସଂକ୍ଷେପରେ ଉତ୍ତର ଲେଖ ।** (୧×୬=୬)
କ) କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?
ଖ) ଶାମ୍ବ ସୂର୍ଯ୍ୟ ଦେବତାଙ୍କୁ ପୂଜା କରି କେଉଁ ରୋଗରୁ ମୁକ୍ତ ହୋଇଥିଲେ?
ଗ) ରାଜେଶ୍ୱରୀ କେତେ ଜଣ ସେନାପତି ନିଯୁକ୍ତି କରିଥିଲେ ?
ଘ) ନାଟକର ନାମ 'ଫଲଗୁ' ରଖିବାର ଯଥାର୍ଥତା କ'ଣ ?
ଙ) ଧରମା କ'ଣ କରିଥିଲା ?
ଚ) ଲେଖକ ଧଅ କାଠକୁ କାହିଁକି କିଣିବାକୁ ଚାହିଁଲେ ?
ଛ) କଲମଟି ସୁବ୍ରତକୁ କିଏ ଦେଇଥିଲା ?

***** *All the Best...*

**ANSWER KEY**

୧୦. କ)୪ ଖ)୨ ଗ)୧ ଘ)୧ ଙ)୧ ଚ)୨ ଛ)୪ ଜ)୨ ଝ)୩ ଞ)୨
୧୩. କ)୧ ଖ)୪ ଗ)୧ ଘ)୨ ଙ)୩ ଚ)୪ ଛ)୧ ଜ)୧ ଝ)୨ ଞ)୨

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

ଡ୍ର ରହିଲା ପୁଡୁଚେରୀ ବିପକ୍ଷ ରଣଜୀ ମୁକାବିଲା

# ବିଜୟ ହାତଛଡ଼ା କଲା ଓଡ଼ିଶା

- ରୋମାଞ୍ଚକ ସ୍ଥିତିରେ ସରିଲା ମ୍ୟାଚ୍
- ପାଳି ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ

କଟକ,୫।୨(ସମିସ)



ବାରବାଟୀରେ ଅନୁଷ୍ଠିତ ଓଡ଼ିଶା-ପୁଡୁଚେରୀ ବିପକ୍ଷ ରଣଜୀ ମ୍ୟାଚ ଅମୀମାଂସିତ ରହିଛି। ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ହାସଲ କରିଥିବା ବେଳେ ପୁଡୁଚେରୀକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତେବେ ଅନ୍ତିମ ଦିବସର ଶେଷ ସେସନ ଏହି ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲା। କ୍ରମାନ୍ୱୟରେ ୫ଟି ୱିକେଟ ଦଖଲ କରି ଓଡ଼ିଶା ବିଜୟ ନିକଟତର ହେଉଥିବା ବେଳେ ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକ(୫୮ ରନ) ଧୈର୍ଯ୍ୟର ସହ କ୍ରିଜରେ ତିଷ୍ଠି ରହି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଅରୁଣଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ୟପକ୍ଷରେ ୫ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ୨ଟି ପରାଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ଓଡ଼ିଶା ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଡି ଟେବୁଲର ୫ମ ସ୍ଥାନରେ ରହିଛି। ଆସନ୍ତା ୯ରୁ ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷରେ ଦଳ ୬ଷ୍ଠ ଲିଗ ମ୍ୟାଚ୍ ଖେଳିବ।

ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ଓଡ଼ିଶା ୪ ୱିକେଟ ବିନିମୟରେ ୧୨୨ରନ କରିଥିଲା। ଗୋବିନ୍ଦ ପୋଦ୍ଦାର ୧୯ରନ ଓ ବିପ୍ଳବ ସାମନ୍ତରାୟ ୫ରନରେ ଅପରାଜିତ ଥିଲେ। ଓଡ଼ିଶା ମୋଟ୍ ୧୬୦ରନର ଅଗ୍ରଣୀ ହାସଲ କରିସାରିଥିଲା। ସୋମବାର ଖେଳର ୯ମ ଓଭରରେ ଓଡ଼ିଶା ୫ମ ୱିକେଟ ସ୍ୱରୂପ ବିପ୍ଳବଙ୍କୁ ହରାଇଥିଲା। ସେ ୮ରନରେ ପ୍ୟାଭିଲିୟନ ଫେରିଥିଲେ। ଗୋବିନ୍ଦ ଏବଂ ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬ଷ୍ଠ ୱିକେଟ ଭାଗିଦାରୀରେ ୪୦ରନ ସଂଗ୍ରହ କରିଥିଲେ। ୬୩ତମ ଓଭରରେ ଲଗାତାର ଦୁଇ ୱିକେଟ ପତନ ପୁଣି ଥରେ ଓଡ଼ିଶାକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ବାମହାତୀ ସ୍ପିନର ସାଗର ଉଦେଶୀ ଓଡ଼ିଶାର ଅଭିଜ୍ଞ ବ୍ୟାଟର ଗୋବିନ୍ଦଙ୍କୁ ୪୬ରନରେ ଏବଂ ସୁନୀଲ ରାଉଳଙ୍କୁ ୧ରନରେ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ଆଶୀର୍ବାଦ ସ୍ୱାଇଁ (୨୩ରନ) ପ୍ୟାଭିଲିୟନ ଫେରିଥିଲେ। ଦେବବ୍ରତ ପ୍ରଧାନ ୯ରନ, ହର୍ଷିତ ରାଥୋଡ ୫ରନରେ ଆଉଟ ହେବା ସହ ଓଡ଼ିଶାର ଇନିଂସ ୨୦୧ରନରେ ସୀମିତ ରହିଥିଲା। ସାଗର ଉଦେଶୀ ସର୍ବାଧିକ ୪ଟି, ଗୌରବ ଯାଦବ ୩ଟି, ସୌରଭ ଯାଦବ ୨ଟି ଏବଂ ରବି ଯାଦବ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

ଭ୍ରମଣକାରୀ ପୁଡୁଚେରୀ ସମ୍ମୁଖରେ ୨୪୦ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଖାତା ଖୋଲିବା ପୂର୍ବରୁ ଦୁଇ ଓପନର ଆଉଟ ହେବା ସହିତ ଓଡ଼ିଶାକୁ ଏକ ସୁନ୍ଦର ପ୍ରାରମ୍ଭ ମିଳିଥିଲା। ଆକାଶ କାରଗାଭେଙ୍କୁ ରାଜେଶ ଏବଂ ଜୟ ପାଣ୍ଡେଙ୍କୁ ଦେବବ୍ରତ ଆଉଟ କରିଥିଲେ। ଅଭିଜ୍ଞ ତଥା ଦଳର ତାରକା ଖେଳାଳି ପାରସ ଡୋଗ୍ରା କ୍ରିଜରେ ତିଷ୍ଠି ଆସୁଥିବା ବେଳେ ୨୩ରନରେ ତାଙ୍କୁ ଏଲବି କରି ଓଡ଼ିଶାକୁ ୩ୟ ସଫଳତା ଦେଇଥିଲେ ସୁନୀଲ ରାଉଳ। ପାରସ ରତ୍ନପରଖେ ଏବଂ ଅଧିନାୟକ ଅରୁଣ ମ୍ୟାଚ୍‌ର ମୋଡ ବଦଳାଇବାକୁ ଉଦ୍ୟମ କରିଥିଲେ। ଉଭୟ ୪ର୍ଥ ୱିକେଟରେ ୮୯ରନ ଯୋଡ଼ି ପୁଡୁଚେରୀ ଶିବିରରେ ବିଜୟ ଆଶା ସଞ୍ଚାରିଥିଲେ। କିନ୍ତୁ ଚଳିତ ସିଜନରେ ପଦାର୍ପଣ କରିଥିବା ବାମହାତୀ ସ୍ପିନର ହର୍ଷିତ ରାଥୋଡ ପାରସ (୭୨ରନ)ଙ୍କୁ ଏଲବି କରିବା ସହ ଓଡ଼ିଶା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ। ପରେ କ୍ରିଜକୁ ଆସିଥିବା କ୍ରିଷ୍ଣା ପାଣ୍ଡେ (୩ରନ) ଏବଂ ଫାବିଦ ଅହମ୍ମଦ(୨ରନ)ଙ୍କୁ ବିପ୍ଳବ ଆଉଟ କରିଥିଲେ। ସାଗର ଉଦେଶୀ ୭ରନରେ ରାଜେଶ ଏବଂ ରବି ଯାଦବ ୧ରନରେ ଗୋବିନ୍ଦଙ୍କ ଶିକାର ହୋଇଥିଲେ। ଗୋଟିଏ ପାଖରୁ ଓଡ଼ିଶା ବୋଲରଙ୍କୁ ସତର୍କତାର ସହ ସମ୍ମୁଖୀନ ହେଉଥିଲେ ଅଧିନାୟକ ଅରୁଣ କାର୍ତ୍ତିକ। ଓଡ଼ିଶା ସପକ୍ଷରେ ମ୍ୟାଚ୍ ଗତିଶୀଳ ହେଉଥିବା ବେଳେ ଖରାପ ଆଲୋକ ଯୋଗୁଁ ମ୍ୟାଚ୍‌କୁ ୭ ଓଭର ପୂର୍ବରୁ ବନ୍ଦ ରଖାଯାଇଥିଲା। ଅରୁଣ ୫୮ରନ ଏବଂ ଗୌରବ ଯାଦବ ୦ରେ ଅପରାଜିତ ଥିଲେ। ଓଡ଼ିଶାର ରାଜେଶ ଏବଂ ବିପ୍ଳବ ୨ଟି ଲେଖାଏ, ଦେବବ୍ରତ ପ୍ରଧାନ, ସୁନୀଲ ରାଉଳ, ହର୍ଷିତ ରାଥୋଡ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

## ଆଇଏସ୍‌ଏଲ୍ -୧୦

# ଶୀର୍ଷରେ ଓଡ଼ିଶା ଏଫ୍‌ସି



**ହାଇଦରାବାଦ୍, ୫।୨ (ଏଜେନ୍ସି):** ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଚମତ୍କାର ଫର୍ମରେ ଥିବା ଓଡ଼ିଶା ଏଫ୍‌ସି ଦଳ ୯ମ ବିଜୟ ହାସଲ କରି ପଏଣ୍ଟ ଟେବଲ ଶୀର୍ଷକୁ ଉଠିଛି। ସୋମବାର ଖେଳାଯାଇଥିବା ଏକ ମୁକାବିଲାରେ ଓଡ଼ିଶା ଏଫ୍‌ସି ୩-୦ ଗୋଲରେ ଘରୋଇ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ବ୍ରାଜିଲୀୟ ତାରକା ଡିଏଗୋ ମୌରିସିଓ ୨ଟି ଓ ରୟ କ୍ରିଷ୍ଣା ଗୋଟିଏ ଗୋଲ୍ ଦେଇ ଓଡ଼ିଶାକୁ ସହଜ ବିଜୟ ଭେଟି ଦେଇଥିଲେ। ଏଥିସହ ଭୁବନେଶ୍ୱରଭିତ୍ତିକ ଏହି ଦଳ ଚଳିତ ଆଇଏସ୍‌ଏଲ୍-୧୦ରେ ୧୪ ମ୍ୟାଚ୍ ଖେଳି ୯ ବିଜୟ, ୨ ପରାଜୟ ଓ ୩ ଡ୍ର ସହ ୩୦ ପଏଣ୍ଟ ପାଇ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଏଫ୍‌ସି ଗୋଆକୁ ଭେଟିବ। ୨୭ ପଏଣ୍ଟ ସହ ଗୋଆ ୨ୟ ସ୍ଥାନରେ ରହିଛି।

## ମଣିପୁରକୁ ହରାଇ ଝାଡ଼ଖଣ୍ଡର ପ୍ରଥମ ବିଜୟ

**ଜାମସେଦପୁର, ୫।୨ (ଏଜେନ୍ସି):** ବିରାଟ ସିଂଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ଦଳ ଚଳିତ ରଣଜୀ ଟ୍ରଫିରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରତିଯୋଗିତାର ୫ମ ରାଉଣ୍ଡରେ ଏଲିଟ୍ ଗ୍ରୁପ୍-ଏ'ରେ ଏକ ମ୍ୟାଚରେ ଝାଡ଼ଖଣ୍ଡ ଏକ ପାଳି ଓ ୧୦୨ ରନରେ ମଣିପୁରକୁ ମାତ୍ ଦେଇଛି। ଏହି ମ୍ୟାଚରେ ମଣିପୁରର ପ୍ରଥମ ପାଳି ସ୍କୋର ୧୭୦ ରନ ଜବାବରେ ଝାଡ଼ଖଣ୍ଡ ୫ ୱିକେଟ୍‌ରେ ୫୦୪ ରନ କରି ପାଳି ଘୋଷଣା କରିଥିଲା। ଦଳ ପକ୍ଷରୁ ୩ଜଣ ବ୍ୟାଟର୍ ଓପନର୍ ଉତ୍କର୍ଷ ସିଂ (୧୧୬), ସୌରଭ ତିୱାରୀ (୧୧୪*) ଓ ଅନକୂଳ ରୟ (୧୧୯) ଶତକୀୟ ପାଳି ଖେଳିଥିଲେ। ମଣିପୁର ଦ୍ୱିତୀୟ ପାଳିରେ ୨୩୨ ରନରେ ସୀମିତ ରହିଥିଲା।

# ସିକେ ନାଇଡୁ ଟ୍ରଫି: ଓଡ଼ିଶାର ସଂଘର୍ଷ ଜାରି


ଅନିଲ ପରିଡ଼ା


ସମ୍ବିତ ବରାଳ

**କଟକ, ୫।୨ (ସମିସ):** ଘରୋଇ ମହାରାଷ୍ଟ୍ର ବିପକ୍ଷରେ ଔରଙ୍ଗାବାଦ ଜିଲ୍ଲା କ୍ରିକେଟ୍ ସଂଘ ଗ୍ରାଉଣ୍ଡରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପ୍ରଥମ ପାଳିରେ ସଂଘର୍ଷ ଜାରି ରଖିଛି। ମହାରାଷ୍ଟ୍ରର ପ୍ରଥମ ପାଳି ସ୍କୋର ୪୯୪ ରନ ଜବାବରେ ଭ୍ରମଣକାରୀ ଓଡ଼ିଶା ବ୍ୟାଟିଂ ଆରମ୍ଭ କରି ସୋମବାର ୨ୟ ଦିବସ ଶେଷ ସୁଦ୍ଧା ୬୧ ଓଭର ଖେଳି ୪ ୱିକେଟ୍ ହରାଇ ୧୭୮ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅଧିନାୟକ ଅନିଲ ପରିଡ଼ା ୬୦ ଓ ସମ୍ବିତ ବରାଳ ୬୩ ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପ୍ରାରମ୍ଭରୁ ୬୯ ରନ ମଧ୍ୟରେ ଓମ୍ ଟି ମୁଣ୍ଡେ (୮), ରଘୁନାଥ ମଲ୍ଲ (୦), ବିଶ୍ୱ ବୈଭବ ମୁଦୁଲି (୨୯) ଓ ଅଭିନବ ନନ୍ଦ (୯)ଙ୍କ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଅନିଲ ଓ ସମ୍ବିତ ଅସମାପ୍ତ ୫ମ ୱିକେଟ୍ ଯୋଡ଼ିରେ ୧୦୯ ରନ ଯୋଡ଼ି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଛନ୍ତି। ଓଡ଼ିଶା ଅଗ୍ରଣୀ ଲାଗି ଆହୁରି ୩୧୬ ରନ ଆବଶ୍ୟକ କରୁଛି। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ରବିବାର ସୁଦ୍ଧା ୫ ୱିକେଟ୍ ହରାଇ ୩୮୦ ରନ କରିଥିଲା। ସୋମବାର ଦଳ ଆଉ ୧୧୪ ରନ ଯୋଡ଼ି ବଳକା ୫ ୱିକେଟ୍ ହରାଇଥିଲା। ଘରୋଇ ମହାରାଷ୍ଟ୍ର ପକ୍ଷରୁ ହର୍ଷାଲ କାଟେ ସର୍ବାଧିକ ୧୭୨ ଓ ରୋହିତ ହାଡକେ ୧୦୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଆଦିତ୍ୟ ଜୟସିଂ, ଆଶୁତୋଷ ଛୁରିଆ, ସମ୍ବିତ ବରାଳ ଓ ରଘୁନାଥ ମଲ୍ଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ୨୩ବର୍ଷରୁ କମ୍ ମହିଳା ଦିନିକିଆ

# ଓଡ଼ିଶାର ୩ୟ ପରାଜୟ

**କଟକ,୫।୨(ସମିସ):** ଜାତୀୟ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ତୃତୀୟ ପରାଜୟର ସମ୍ମୁଖୀନ ହୋଇଛି। ମୁମ୍ବଇର ଏମଆଇଜି କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ୬ ୱିକେଟରେ ଗୋଆ ଠାରୁ ହାରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୬୩ରନରେ ଅଲଆଉଟ ହୋଇଥିଲା। ରୋଶନୀ ବାଗର୍ତ୍ତି ଏବଂ ଜିଏମ ଅଲକାନନ୍ଦ ଯଥାକ୍ରମେ ୩୨ରନ ଏବଂ ୩୧ରନ ସଂଗ୍ରହ କରିଥିଲେ। ଗୋଆ ପକ୍ଷରୁ ସେଜଲ ସତାଦେକରଙ୍କୁ ୩ଟି ୱିକେଟ ମିଳିଥିଲା। ୪ ୱିକେଟ ହରାଇ ୪୨ତମ ଓଭରରେ ଗୋଆ ବିଜୟ ଲକ୍ଷ୍ୟ ହାସଲ କରିଛି। ଭି. ପୂର୍ବା ଅପରାଜିତ ୬୮ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଓଡ଼ିଶାର ବିଜୟଲକ୍ଷ୍ମୀ ବେହେରା ଏବଂ ସୂର୍ଯ୍ୟସ୍ନାତା ସ୍ୱାଇଁ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ଜାତୀୟ ଉପକନିଷ୍ଠ ହ୍ୟାଣ୍ଡବଲ୍

# ଓଡ଼ିଶା ଦଳର ରାଜସ୍ଥାନ ଯାତ୍ରା



ଭୁବନେଶ୍ୱର, ୫।୨ (ସମିସ): ଜାତୀୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୩୨ତମ ସଂସ୍କରଣ ବୁଧବାରଠାରୁ ରାଜସ୍ଥାନର ଚିତରଗଡ଼ଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୬ ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ରାଜସ୍ଥାନ ଅଭିମୁଖେ ଗସ୍ତ କରିଛି। କୋଚ୍ ଭାବେ ସ୍ନେହଲତା ବେହେରା ଓ ସନ୍ଦୀପ ପାତ୍ର ଏବଂ ମ୍ୟାନେଜର ଭାବେ ଗୌରୀଶଙ୍କର ମିଶ୍ର ରାଜ୍ୟ ଦଳ ସହ ଗସ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଓଡ଼ିଶା ବାଳକ ଦଳ:** ଆୟୁଷ ପାତ୍ର, ତନ୍ମୟ ମଲ୍ଲିକ, ସୌରଭ ଜେନା, ଅମିତ୍ ଦଳାଇ, ତପନ ନାଥ, ଆଦର୍ଶ ପରୁଷଟି, ବିଶ୍ୱଜିତ୍ ସିଂ, ସତ୍ୟଜିତ୍ ବିଶ୍ୱାଳ, ଉଜ୍ଜଳ ସ୍ୱାଇଁ, ରୁଦ୍ରମାଧବ ସାହୁ, ଶୁଭଙ୍କର ଦାଶ, ଅମୀୟ ଭୋଇ, ଉଦୟ ପ୍ରସାଦ ଭୋଇ, ବିଶ୍ୱଜିତ୍ ସେଠୀ, ନାଗେଶ୍ୱର କାଣ୍ଡି, ଶୁଭମ ଭୋଇ ଓ ସ୍ୱସ୍ତିକ ପତି।

**ଓଡ଼ିଶା ବାଳିକା ଦଳ:** ରାଣୀ ଦାସ, ରୁବି ପଲାଇ, ସଞ୍ଜନା ନାୟକ, ଆଲିଶା ପ୍ରିୟଦର୍ଶିନୀ, ସ୍ୱସ୍ତିକା ପାତ୍ର, ଶ୍ରୀୟାରାଣୀ ନାୟକ, ଲିପ୍ସାରାଣୀ ଖଣ୍ଡୁଆଳ, ଶୁଭଶ୍ରୀ ଦାସ, ରାଜଶ୍ରୀ ତ୍ରିପାଠୀ, ରେଣୁବାଳା ଜେନା, ସ୍ମୃତିରେଖା ଭୋଇ, ପୂର୍ଣ୍ଣିମା ଓ ସ୍ଥିତିପ୍ରଜ୍ଞା ମହାନ୍ତି।



ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱର ଜୋନ କ୍ରିକେଟ୍ ଏବଂ ଖୋ ଖୋ ପ୍ରତିଯୋଗିତା (ପୁରୁଷ ଓ ମହିଳା) ସୋଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସିଜିଏମ୍ କୁନ୍ତାଳ ବିଶ୍ୱାସ, ଜିଏମ୍ ସନ୍ଦୀପ ପଟ୍ଟନାୟକ, ରବୀନ୍ଦ୍ର ନାରାୟଣ ପାତ୍ର ଓ ସର୍ବେଶ ରସ୍ତୋଗୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ୧୨ରୁ

**ଭୁବନେଶ୍ୱର, ୫।୨ (ସମିସ):** ଚଳିତ ମାସ ୧୨- ୧୩ ଦୁଇଦିନ ଧରି ରାଜ୍ୟସ୍ତରୀୟ ପାରା ସନ୍ତରଣ ଚାମ୍ପିଅନସିପ୍-୨୦୨୪ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ସନ୍ତରଣାଗାରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାଟି ଓଡ଼ିଶା ପାରା କ୍ରୀଡ଼ା ସଂଘ, ରାଜ୍ୟ କ୍ରୀଡା ବିଭାଗ ଓ ଓଡିଶା ସନ୍ତରଣ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ପାରା ସନ୍ତରଣ ପାଇଁ ସିଧାସଳଖ ଦଳ ମନୋନୀତ ହେବ। କିନ୍ତୁ ବିଜେତା ମାନେ କ୍ୱାଲିଫାଇଂ ମାର୍କ ଅତିକ୍ରମ କରିବା ଆବଶ୍ୟକ। ଏହି ଚାମ୍ପିୟନସିପ୍‌ରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି ଯଥା ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିତ ଭିନ୍ନକ୍ଷମ, ମାନସିକ ଅନଗ୍ରସର ଭିନ୍ନକ୍ଷମମାନେ ଅଂଶଗ୍ରହଣ କରିପାରିବେ। ଏଥିରେ ଭାଗ ନେବାକୁ ଆଗ୍ରହୀ ଥିବା ପ୍ରତିଯୋଗୀମାନେ ଅଧିକ ସୂଚନା ପାଇଁ ମୋବାଇଲ ନଂ- ୮୯୧୭୩୮୪୨୮୩ କିମ୍ବା entryparalympicodisha@gmail.comରେ ଯୋଗଯୋଗ କରିପାରିବେ। ପ୍ରତିଯୋଗୀମାନେ ଫେବୃୟାରୀ ୧୧ ତାରିଖ ରାତି ସୁଦ୍ଧା ନିଜ ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି।

# ରାଜ୍ୟ ପାରା ଭଲିବଲ ଚୟନ ଶିବିର ୯ରୁ

**ଭୁବନେଶ୍ୱର, ୫।୨ (ସମିସ):** ଓଡ଼ିଶା ରାଜ୍ୟ ପାରା ଭଲିବଲ୍ ଚୟନ ଶିବିର ଭୁବନେଶ୍ୱରସ୍ଥିତ ୟୁନିଟ-୮ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତା ୯ ରୁ ଆରମ୍ଭ ହେବ। ପାରା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ଶିବିରରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ନେଇ ମହିଳା ଓ ପୁରୁଷ ୨ଟି ଦଳ ଚୟନ କରାଯିବ। ରାଜସ୍ଥାନର ଜୟପୁରଠାରେ ଆସନ୍ତା ୨୧ରୁ ୨୩ ତାରିଖ ଯାଏ ହେବାକୁ ଥିବା ଦ୍ୱାଦଶ ବରିଷ୍ଠ ଭଲିବଲ ଚାମ୍ପିଅନସିପ୍‌ରେ ଏହି ଦଳ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବ। ଏହି ଚାମ୍ପିୟନସିପ୍ ରେ କେବଳ ହାତ ଓ ଗୋଡ଼ର ଭିନ୍ନକ୍ଷମତା ଥିବା ଖେଳାଳି ଭାଗ ନେଇ ପାରିବେ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ବଙ୍କିମଚନ୍ଦ୍ର ମହାନ୍ତି, ଅଧ୍ୟକ୍ଷ ପାରା ଭଲିବଲ୍ ଓଡିଶାଙ୍କ ସହ ଫୋନ୍- ୮୦୫୫୧୮୪୬୬୪ କିମ୍ବା entryparalympicodisha@gmail.comରେ ଯୋଗାଯୋଗ କରିପାରିବେ। ଫେବୃୟାରୀ ୭ ତାରିଖ ରାତି ସୁଧା ଯୋଗଦେବାର ଆବେଦନ ଫର୍ମ ପଠାଇବାକୁ ଅନୁରୋଧ କରାଯାଇଛି।

## ରାଜ୍ୟ କବାଡ଼ି ଚାମ୍ପିଅନସିପ୍ ଉଦ୍‌ଯାପିତ

# ପୁରୁଷରେ ପୁଲିସ, ମହିଳାରେ ରେଳବାଇ ଚାମ୍ପିଅନ





କଟକ,୫।୨(ସମିସ)

ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା କବାଡ଼ି ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ବରିଷ୍ଠ କବାଡ଼ି ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ଓଡ଼ିଶା ପୁଲିସ ଏବଂ ମହିଳା ବର୍ଗରେ ପୂର୍ବତଟ ରେଳବାଇ ଦଳ ଚାମ୍ପିଅନ ହୋଇଛନ୍ତି। ମହିଳାବର୍ଗର ଫାଇନାଲରେ ରେଳବାଇ ୨୮-୧୫ ପଏଣ୍ଟରେ ଓଡ଼ିଶା ପୁଲିସକୁ ଏବଂ ପୁରୁଷ ବର୍ଗରେ ଓଡ଼ିଶା ପୁଲିସ ୩୨-୨୭ ପଏଣ୍ଟରେ ଢେଙ୍କାନାଳକୁ ହରାଇଥିଲା। ମହିଳାବର୍ଗରେ ନୂଆପଡା ୩ୟ ଏବଂ କଟକ ୪ର୍ଥ, ପୁରୁଷରେ ଢେଙ୍କାନାଳ ୩ୟ ଏବଂ ଖୋର୍ଦ୍ଧା ୪ର୍ଥ ସ୍ଥାନ ହାସଲ କରିଛି। ସେହିପରି ପୁରୁଷରେ ପ୍ରକାଶ ସାହୁ ଶ୍ରେଷ୍ଠ କ୍ୟାଚର, ଭୁପେନ୍ଦ୍ର ରାଉତ ଶ୍ରେଷ୍ଠ ରେଡର, ମଣିନ୍ଦ୍ର ନାୟକ ଚାମ୍ପିଅନସିପର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହି ବର୍ଗରେ ପ୍ରକାଶ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ବର୍ଗରେ ନିଶୁ ଦେବୀ ଶ୍ରେଷ୍ଠ କ୍ୟାଚ୍‌ର, ରଶ୍ମୀତା ସାହୁ ଶ୍ରେଷ୍ଠ ରେଡର ଏବଂ ନିତୁ ଦେବୀ ଚାମ୍ପିଅନସିପର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ଦିବସରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ସଂଘ ସଭାପତି ଡଃ ଶରତ କୁମାର ସାହୁ, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟ ରଞ୍ଜନ ପରିଜା, ଭାରତୀୟ ମହାବୋଧି ସୋସାଇଟିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ଭାରତୀୟ କବାଡି ମହାସଂଘର ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ଏଚ୍‌ଡିଏଫସି ବ୍ୟାଙ୍କର ଶାଖା ପ୍ରବନ୍ଧକ ରମେଶ ନନ୍ଦ, ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା, ବାରବାଟୀ କବାଡି କ୍ଲବର ସମ୍ପାଦକ ରାମଚନ୍ଦ୍ର ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖ୍ୟାତନାମା ପୂର୍ବତନ ଫୁଟବଲ ଖେଳାଳି ମହମ୍ମଦ ସହିଦ ଜବାରଙ୍କୁ ସମ୍ମାନିତ କରାଯାଇଥିଲା। ରୁଚି ଲୋକ ସମ୍ପର୍କ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବୁମ୍‌ରା ଶ୍ରେଷ୍ଠ ଖେଳାଳି, ୧୦୬ ରନ୍‌ରେ ହାରିଲା ଇଂଲଣ୍ଡ

# ଟେଷ୍ଟ ସିରିଜ୍ ବରାବର କଲା ଭାରତ

**ବିଶାଖାପାଟଣା, ୫ା୨ (ଏଜେନ୍ସି)**



ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୧୦୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ହାଇଦରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ପରାଜୟର ପ୍ରତିଶୋଧ ଭାରତ ବିଶାଖାପାଟଣାରେ ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ନେଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଏବେ ୧-୧ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ତୃତୀୟ ଟେଷ୍ଟ ରାଜକୋଟରେ ଫେବୃଆରୀ ୧୫ରୁ ଖେଳାଯିବ। ଦୁଇ ଟେଷ୍ଟ ମଧ୍ୟରେ ୧୦ ଦିନ ବ୍ୟବଧାନ ରହିଥିବାରୁ ଇଂଲଣ୍ଡ ଦଳ ରାଜକୋଟ ଯାତ୍ରା କରିବା ପୂର୍ବରୁ ଦୁବାଇରେ ଛୁଟି କଟାଇବାକୁ ଯିବ। ବିଶାଖାପାଟଣା ଟେଷ୍ଟରେ ଇଂଲଣ୍ଡର ପ୍ରଥମ ପାଳିରେ ୬ଟି ଏବଂ ଦ୍ୱିତୀୟ ପାଳିରେ ୩ଟି ସମେତ ମୋଟ ୯ଟି ୱିକେଟ ନେଇଥିବା ଭାରତର ଉପଅଧିନାୟକ ବୁମ୍‌ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ମୁକାବିଲା କରିପାରିଲାନି ଭ୍ରମଣକାରୀ ଦଳ

ଏହି ଟେଷ୍ଟର ରବିବାର ଶୁବମାନ ଗିଲଙ୍କ ଶତକ ସହାୟତାରେ ଭାରତ ଦ୍ୱିତୀୟ ପାଳିରେ ୨୫୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବୁମ୍‌ରାଙ୍କ ୬ ୱିକେଟ ସଫଳତା ବଳରେ ପ୍ରଥମ ପାଳିରେ ୧୪୩ ରନ୍‌ରେ ଆଗୁଆ ଥିବା ଭାରତ ଭ୍ରମଣକାରୀ ଇଂଲଣ୍ଡ ଦଳ ଆଗରେ ୩୯୯ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ମ୍ୟାଚ୍‌ର ତୃତୀୟ ଦିନ ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଖେଳ ଶେଷସୁଦ୍ଧା ୧ ୱିକେଟରେ ୬୭ ରନ୍ କରିଥିଲା। ସୋମବାର ଚତୁର୍ଥ ଦିନ ଖେଳ ଆରମ୍ଭ ହେବା ମାତ୍ରେ ଇଂଲଣ୍ଡ ଭଲ ଖେଳିବାକୁ ଚେଷ୍ଟା କରିଥିଲା। ଗୋଟିଏ ପଟେ ଓପନର ଜ୍ୟାକ୍ କ୍ରାଉଲୀ ଭାରତୀୟ ବୋଲରଙ୍କୁ ସୁନ୍ଦର ମୁକାବିଲା କରି ତିଷ୍ଠି ରହିଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇଥିଲା। ଭ୍ରମଣକାରୀ ଦଳ ଭୟଶୂନ୍ୟ ହୋଇ ଆକ୍ରମଣାତ୍ମକ ଖେଳି ଯେଭଳି ଦ୍ରୁତ ରନ୍ ସଂଗ୍ରହ କରୁଥିଲା, ଠିକ୍ ସେହିଭଳି ୱିକେଟ ହରାଇଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ରେହାନ ଅହମ୍ମଦ୍‌ଙ୍କୁ ୨୩ ରନ୍‌ରେ ଏଲବିଡବ୍ଲ୍ୟୁ କରି ଅକ୍ଷର ପଟେଲ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ରବିଚନ୍ଦ୍ରନ ଅଶ୍ୱିନ କ୍ରମାଗତ ଦୁଇ ଜଣ ଖେଳାଳି ଓଲି ପୋପ୍ (୨୩) ଓ ଜୋ ରୁଟ୍ (୧୬)ଙ୍କୁ ଆଉଟ କରି ଭାରତ ଲାଗି ବଡ଼ ସଫଳତା ଦେଇଥିଲେ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଜନି ବେୟାରଷ୍ଟୋ (୨୬)ଙ୍କୁ ଆଉଟ କରି ବୁମ୍‌ରା ପ୍ରତିପକ୍ଷ ଦଳକୁ ବଡ଼ ଝଟ୍‌କା ଦେଇଥିଲେ। ମଧ୍ୟାହ୍ନ ଭୋଜନ ବେଳକୁ ଦଳ ୬ଟି ୱିକେଟ ହରାଇସାରିଥିବାରୁ ମ୍ୟାଚ୍ ବଞ୍ଚାଇବା ଇଂଲଣ୍ଡ ଲାଗି କଷ୍ଟକର ଥିଲା। ମଧ୍ୟାହ୍ନ ଭୋଜନ ପରେ ଶ୍ରେୟସ ଆୟରଙ୍କ ଥ୍ରୋ'ରେ ବେନ୍ ଷ୍ଟୋକ୍ସ (୧୧) ରନ୍ ଆଉଟ ହେବା ପରେ ଭାରତର ବିଜୟ ରାସ୍ତା ପରିଷ୍କାର ହୋଇଯାଇଥିଲା। ୱିକେଟ ରକ୍ଷକ ବେନ୍ ଫୋକ୍ସ ୩୬ ଓ ଟମ୍ ହର୍ଟଲୀ ମଧ୍ୟ ୩୬ ରନ୍ କରି ଦଳର ପରାଜୟକୁ କିଛି ସମୟ ଅଟକାଇ ଦେଇଥିଲେ। ଦ୍ୱିତୀୟ ପାଳିରେ ହର୍ଟଲୀଙ୍କୁ ବୋଲ୍ଡ ଆଉଟ କରି ବୁମରା ଭାରତକୁ ଏହି ମ୍ୟାଚ୍ ଜିତାଇଥିଲେ। ଭ୍ରମଣକାରୀ ଦଳ ୩୯୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨୯୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବୁମ୍‌ରା ଓ ଅଶ୍ୱିନ ଭାରତ ପକ୍ଷରୁ ୩ଟି ଲେଖାଏଁ, ମୁକେଶ କୁମାର, କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

#### ସଂକ୍ଷିପ୍ତ ସ୍କୋର

**ଭାରତ ୧ମ ପାଳି: ୩୯୬/୧୦** (ଜୟସ୍ୱାଲ-୨୦୯, ଆଣ୍ଡରସନ-୩/୪୭, ରେହାନ- ୩/୬୫)।
**ଇଂଲଣ୍ଡ ୧ମ ପାଳି: ୨୫୩/୧୦** (କ୍ରାଉଲୀ-୭୬, ଷ୍ଟୋକ୍ସ-୪୭, ବୁମ୍‌ରା-୬/୪୫, କୁଲଦୀପ -୩/୭୧)।
**ଭାରତ ୨ୟ ପାଳି: ୨୫୫/୧୦**(ଶୁବମାନ-୧୦୪, ଅକ୍ଷର-୪୫, ହର୍ଟଲୀ-୪/୭୭, ରେହାନ-୩/୮୮)।
**ଇଂଲଣ୍ଡ ୨ୟ ପାଳି: ୨୯୨/୧୦** (କ୍ରାଉଲୀ-୭୩, ଫୋକ୍ସ-୩୬, ବୁମ୍‌ରା-୩/୪୦, ଅଶ୍ୱିନ-୩/୭୨)।

## ଡିଆର୍‌ଏସ୍ ନିଷ୍ପତ୍ତିରେ ହର୍ଟଲୀ ଆଉଟ ହେଲେନି କାହିଁକି

**ବିଶାଖାପାଟଣା, ୫ା୨ (ଏଜେନ୍ସି)**

ଇଂଲଣ୍ଡର ଦ୍ୱିତୀୟ ପାଳିରେ ବ୍ୟାଟିଂ କରୁଥିଲାବେଳେ ହର୍ଟଲୀଙ୍କୁ ଅମ୍ପାୟାର କ୍ରିସ୍ ଗାଫାନି କ୍ୟାଚ୍‌ଆଉଟ ଦେଇଥିଲେ। ଅମ୍ପାୟାରଙ୍କ ଏହି ନିଷ୍ପତ୍ତି ବିରୋଧରେ ହର୍ଟଲୀ ସଙ୍ଗେ ସଙ୍ଗେ ଡିଆର୍‌ଏସ୍ ନେଇଥିଲେ। ତୃତୀୟ ଅମ୍ପାୟାର ତନ୍ନ ତନ୍ନ କରି ଦେଖିବା ପରେ ବଲ୍‌ଟି ହର୍ଟଲୀଙ୍କ ବାହୁରେ ବାଜି ଯାଇଥିବାର ଜଣାଯାଇଥିଲା। ଏଣୁ ତୃତୀୟ ଅମ୍ପାୟାର ତାହାକୁ ଆଉଟ ଦେଇ ନଥିଲେ। କିନ୍ତୁ ଡିଆର୍‌ଏସ୍‌ରେ ଅମ୍ପାୟାର ଆଉଟ ହେବାର ସମସ୍ତ ବିଭାଗକୁ ଦେଖିଥାନ୍ତି। ଆଇସିସି ଖେଳ ସର୍ତ୍ତାବଳୀ ଅନୁଯାୟୀ ଫିଲ୍ଡିଂ କରୁଥିବା ଦଳ କ୍ୟାଚ୍ ଆଉଟ ଲାଗି ଆବେଦନ କରିଥିଲେ। ଏଣୁ ହର୍ଟଲୀ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ ମଧ୍ୟ ତୃତୀୟ ଅମ୍ପାୟାର ତାଙ୍କୁ ଆଉଟ ଦେଇ ନ ଥିଲେ। କ୍ୟାଚ୍ ଆଉଟ ଲାଗି ଅମ୍ପାୟାର ନିଷ୍ପତ୍ତି (ଅମ୍ପାୟାର କଲ୍) ନେଇଥିଲେ ମଧ୍ୟ ଆଇସିସିର ସର୍ତ୍ତାବଳୀ ଅନୁଯାୟୀ ଏଲ୍‌ବିଡବ୍ଲ୍ୟୁ ଆଉଟ ନିଷ୍ପତ୍ତିକୁ ଖାରଜ କରିଦିଆଯାଇଥିଲା।

## ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

**ଦୁବାଇ, ୫ା୨ (ଏଜେନ୍ସି):** ବିଶାଖାପାଟଣାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୧୦୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିବା ପରେ ଡବ୍ଲ୍ୟୁଟିସି (ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ) ୨୦୨୩-୨୫ ଚକ୍ର (ସାଇକଲ) ପଏଣ୍ଟ ସାରଣୀରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ବିଜୟ ପରେ ଭାରତର ବିଜୟ ହାର ୫୨.୭୭ରେ ପହଞ୍ଚିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍‌କୁ ଭାରତ ହରାଇଥିଲା। ଇଂଲଣ୍ଡ ମାତ୍ର ୨୧ ପଏଣ୍ଟ ସଂଗ୍ରହ କରି ୮ମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି।

## ଏକମାତ୍ର ଟେଷ୍ଟରେ ଶ୍ରୀଲଙ୍କାର ବଡ଼ ବିଜୟ

**କଲମ୍ବୋ, ୫ା୨ (ଏଜେନ୍ସି):** ବାମହାତୀ ସ୍ପିନର ପ୍ରବଥ ଜୟସୁରିଆଙ୍କ ୫ ୱିକେଟ୍ ସଫଳତା ବଳରେ ସ୍ଥାନୀୟ ସିଂହଳୀ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଏକମାତ୍ର ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ୧୦ ୱିକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଭ୍ରମଣକାରୀ ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୫୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ସୋମବାର ୪ର୍ଥ ଦିବସରେ ୭.୨ ଓଭର ଖେଳି କୌଣସି ୱିକେଟ୍ ନ ହରାଇ ବିଜୟୀ ହୋଇଥିଲା। ଦୁଇ ଓପନର୍ ଦିମୁଥ କରୁଣାରତ୍ନେ ୩୨ ଓ ନିଶାନ ମଦୁସନକା ୨୨ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ରହମତ୍ ଶାହଙ୍କ ୯୧ ରନ ବଳରେ ପ୍ରଥମ ପାଳିରେ ୧୯୮ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ଆଞ୍ଜେଲୋ ମାଥ୍ୟୁସ (୧୪୧) ଓ ଦୀନେଶ ଚାଣ୍ଡିମଲ (୧୦୭)ଙ୍କ ଶତକ ସହାୟତାରେ ପ୍ରଥମ ପାଳିରେ ୪୩୯ ରନର ବିଶାଳ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୨୪୧ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଆଫଗାନିସ୍ତାନ ଇବ୍ରାହିମ୍ ଜର୍ଦାନ (୧୧୪)ଙ୍କ ଶତକ ସତ୍ତ୍ୱେ ସୋମବାର ୨୯୬ ରନରେ ସୀମିତ ରହିଥିଲା। ଘରୋଇ ଦଳ ପକ୍ଷରୁ ପ୍ରବଥା ୧୦୭ ରନରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ଫଳରେ ଶ୍ରୀଲଙ୍କା ସାମ୍ନାରେ ୫୬ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

## ରାଚିନଙ୍କ ଦ୍ୱିଶତକ ଦୃଢ଼ସ୍ଥିତିରେ ନ୍ୟୁଜିଲାଣ୍ଡ



**ମାଉଣ୍ଟ ମାଉଙ୍ଗନୁଇ, ୫ା୨ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ରାଚିନ ରବୀନ୍ଦ୍ରଙ୍କ ରେକର୍ଡ ଦ୍ୱିଶତକୀୟ ପାଳି ବଳରେ ନ୍ୟୁଜିଲାଣ୍ଡ ଦୃଢ଼ସ୍ଥିତିରେ ରହିଛି। ରବୀନ୍ଦ୍ର ୨୪୦ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୫୧୧ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି ଆରମ୍ଭ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦଳ ୨୮ ଓଭରରେ ୪ ୱିକେଟ୍ ହରାଇ ୮୦ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଅଧିନାୟକ ନେଲ୍ ବ୍ରାଣ୍ଡ ୪, ଏଡ୍‌ୱାର୍ଡ ମୋର୍ ୨୩, ଜୁବାୟର ହାମାଜ ୨୨ ରନ କରି ଆଉଟ୍ ହୋଇଥିବାବେଳେ ରେନାର୍ଡ ଭାନ୍ ଟଣ୍ଡର ଖାତା ଖୋଲିବାରେ ବିଫଳ ହୋଇଥିଲେ। ଖେଳ ଶେଷବେଳକୁ ଡେଭିଡ୍ ବେଡିଙ୍ଗହାମ ୨୯ ଓ କିଗାନ ପିଟରସନ ୨ ରନରେ ଅପରାଜିତ ରହିଛନ୍ତି। ୬ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ଏବେ ଅଗ୍ରଣୀ ଲାଗି ଆହୁରି ୪୩୧ ରନ ଆବଶ୍ୟକ କରୁଛି। ଘରୋଇ ନ୍ୟୁଜିଲାଣ୍ଡର କାଏଲ ଜେମିସନ ୨ ଏବଂ ମ୍ୟାଟ୍ ହେନରୀ ଓ ମିଚେଲ ସାଣ୍ଟନରଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି।

## ୨୦୨୬ ଫିଫା ବିଶ୍ୱକପ୍: ନ୍ୟୁ ଜର୍ସିରେ ଫାଇନାଲ

**ନ୍ୟୁୟର୍କ, ୫ା୨ (ଏଜେନ୍ସି):** ଆମେରିକାର ନ୍ୟୁ ଜର୍ସିସ୍ଥିତ ମେଟ୍‌ଲାଇଫ୍ ଷ୍ଟାଡିୟମରେ ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ ଖେଳାଯିବ। ୨୦୨୬ ଜୁଲାଇ ୧୯ ତାରିଖରେ ଫିଫା ବିଶ୍ୱକପ୍ ୨୩ତମ ସଂସ୍କରଣର ଏହି ମହାମୁକାବିଲା ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ମେକ୍ସିକୋ ସିଟିସ୍ଥିତ ଆଜଟେକା ଷ୍ଟାଡିୟମରେ ଜୁନ ୧୧ରେ ଏହି ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜିତ ହେବ ବୋଲି ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ କହିଛନ୍ତି। ଆମେରିକା, କାନାଡ଼ା ଓ ମେକ୍ସିକୋ ମିଳିତ ଭାବେ ୨୦୨୬ ଫିଫା ବିଶ୍ୱକପ ଆୟୋଜନ କରିବେ। ଏହି ପ୍ରତିଯୋଗିତାର ଅବଧି ୩୯ ଦିନ ରହିଥିବାବେଳେ ୪୮ ଦଳ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ଅନୁଷ୍ଠିତ ହେବ। କାନାଡା ପ୍ରଥମଥର ଲାଗି ଫୁଟ୍‌ବଲ ଏହି ମେଗା ଇଭେଣ୍ଟକୁ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର